

ଫିସ୍ ବଢ଼ାଇଲେ ରଶ୍ମିକା

▶ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-337 •FRIDAY •5 JUNE 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୩୭ •ଶୁକ୍ରବାର •୫ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# କେରଳ ଛୁଇଁଲା ମୌସୁମୀ

■ ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଦେଶବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ସମଗ୍ର ଭାରତର କୃଷି ଓ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର କେରଳରେ ପହଞ୍ଚିଛି। ସ୍ୱାଭାବିକ ସମୟସୀମା ଜୁନ ୧ ତାରିଖଠାରୁ ମାତ୍ର ତିନି ଦିନ ବିଳମ୍ବରେ ଏହା ଭାରତୀୟ ଭୂଭାଗକୁ ସ୍ପର୍ଶ କରିଛି। ଭାରତୀୟ ପାଣିପାଗ ବିଭାଗ ଏହି ସୂଚନା ଦେବା ସହ କେରଳ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ବର୍ଷା ଆରମ୍ଭ ହୋଇଯାଇଥିବା ପ୍ରକାଶ କରିଛି। ମୌସୁମୀ ଆଗମନ ପାଇଁ ଆବଶ୍ୟକ ସମସ୍ତ ପାଣିପାଗ ସ୍ଥିତି ଅନୁକୂଳ ରହିଥିବାରୁ ଏହି ଆନୁଷ୍ଠାନିକ ଘୋଷଣା କରାଯାଇଛି। ତେବେ ଚଳିତ ମାସ ତୃତୀୟ ସପ୍ତାହ ଆଡ଼କୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି।

ପୂର୍ବରୁ ପାଣିପାଗ ବିଭାଗ ମେ ୨୬ ତାରିଖ ସୁଦ୍ଧା ମୌସୁମୀ ଆସିବ ବୋଲି ଆକଳନ

## ଜୁନ୍ ତୃତୀୟ ସପ୍ତାହରେ ଓଡ଼ିଶା ପ୍ରବେଶ

କରିଥିଲା, ମାତ୍ର ବାୟୁମଣ୍ଡଳୀୟ ପରିବର୍ତ୍ତନ ଯୋଗୁଁ ଏହାର ଗତି ମନ୍ଥର ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜୁନ ୪ ତାରିଖର ସଂଶୋଧିତ ପୂର୍ବାନୁମାନ ଅନୁଯାୟୀ ମୌସୁମୀ ବାୟୁ ଠିକ ସମୟରେ କେରଳ ଉପକୂଳରେ ପହଞ୍ଚିଛି। ଗତ ଦୁଇ ଦିନ ଧରି ଦକ୍ଷିଣ-ପୂର୍ବ ଆରବ ସାଗରରେ ବାଦଲ ସଂଖ୍ୟା ବଢ଼ିବା ସହ ପଶ୍ଚିମା ବାୟୁର ପ୍ରବାହ ଶକ୍ତିଶାଳୀ ହୋଇଛି, ଯାହା ମୌସୁମୀକୁ ସକ୍ରିୟ କରିବାରେ ସାହାଯ୍ୟ କରିଛି। ଏହାର ପ୍ରଭାବରେ କେରଳର ଅଧିକାଂଶ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ମୌସୁମୀର ପ୍ରବେଶ ଯୋଗୁଁ କେରଳର ଅଲପୁଜା, କୋଟାୟାମ ଏବଂ ଏରନାକୁଲମ ଭଳି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ସୂଚନା ବା ଜରୁରୀକାଳୀନ ସତର୍କତା ଜାରି କରାଯାଇଛି। ଏହି ଅଞ୍ଚଳଗୁଡ଼ିକରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଏବଂ ଘଣ୍ଟାପ୍ରତି ପ୍ରାୟ ୪୦ କିଲୋମିଟର ବେଗରେ ପବନ ▶ପୃଷ୍ଠା-୭



## ଆମେରିକା ସଂସଦରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟ୍‌କା

# ଯୁଦ୍ଧ ରୋକିବାକୁ ପ୍ରସ୍ତାବ ପାରିତ

■ ୱାସିଂଟନ, ୪।୬ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ନେଇ ଆମେରିକାରେ ବିରୋଧର ସ୍ୱର ତୀବ୍ର ହେବାରେ ଲାଗିଛି। ଇରାନ ସହିତ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଏବଂ ରାଷ୍ଟ୍ରପତିଙ୍କ ସାମରିକ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଆମେରିକାର ନିମ୍ନ ସଦନ ପ୍ରତିନିଧି ସଭା (ହାଉସ ଅଫ୍ ରିପ୍ରେଜେନଟେଟିଭ୍)।ରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଶାସକ ଦଳର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଟ୍ରମ୍ପଙ୍କ ନିଜ ଦଳର ଚାରି ଜଣ ସାଂସଦ ବିରୋଧୀ ଦଳ ସହ ହାତ ମିଳାଇ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି, ଯାହା ରାଷ୍ଟ୍ରପତିଙ୍କ ପାଇଁ ଏକ ବଡ଼ ଝଟକା ହୋଇଛି। ଯୁଦ୍ଧ ସମ୍ପର୍କିତ ପ୍ରସ୍ତାବ ଉପରେ ଜୋରଦାର ଆଲୋଚନା ହେବା ପରେ ମତଦାନ ହୋଇଥିଲା। ଏଥିରେ ପ୍ରସ୍ତାବ ସପକ୍ଷରେ ୨୧୫ଟି ଭୋଟ ପଡ଼ିଥିବା ବେଳେ ବିରୋଧରେ ୨୦୮ଟି ଭୋଟ ପଡ଼ିଥିଲା। ବିରୋଧୀ ଦଳର ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିବା ବେଳେ ଶାସକ ଦଳର ଚାରି ଜଣ ପ୍ରମୁଖ ସାଂସଦ ଟମ୍ ବାରେଟ୍, ୱାରେନ୍ ଡେଭିଡସନ୍, ବ୍ରାଏନ୍ ଫିଟ୍ଜପାଟ୍ରିକ୍ ଏବଂ ଥୋମାସ୍ ମାସି ଦଳୀୟ ଆଦେଶକୁ ଅମାନ୍ୟ କରି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ।



### ସମର୍ଥନ ଦେଲେ ଶାସକ ଦଳର ୪ ସାଂସଦ

ଗତ ତିନି ମାସ ଧରି ଚାଲିଥିବା ଏହି ଅନିଶ୍ଚିତ ଯୁଦ୍ଧକୁ ନେଇ ଶାସକ ଦଳ ମଧ୍ୟରେ ବଢ଼ୁଥିବା ଅସନ୍ତୋଷକୁ ଏହି ଘଟଣା ସ୍ପଷ୍ଟ କରିଛି। ଏହି ନିଷ୍ପତ୍ତି ପ୍ରାଥମିକ ସ୍ତରରେ ପ୍ରତିକାତ୍ମକ ମନେହେଉଥିଲେ ମଧ୍ୟ ଏହାର ରାଜନୈତିକ ମହତ୍ତ୍ୱ ଅନେକ ରହିଛି। ବର୍ତ୍ତମାନ ଏହି ପ୍ରସ୍ତାବକୁ ସଂସଦର ଉଚ୍ଚ ସଦନ ସିନେଟରେ ଗୃହୀତ କରାଇବାକୁ ପଡ଼ିବ। ସିନେଟରେ ଏହା ପାରିତ ହେଲେ ମଧ୍ୟ ଏହାକୁ ଅଗ୍ରାହ୍ୟ କରିବାର କ୍ଷମତା ରାଷ୍ଟ୍ରପତିଙ୍କ ପାଖରେ ରହିଛି। କିନ୍ତୁ ଏଥିପାଇଁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ, ଯାହା ବେଶ୍ କଷ୍ଟକର।

ଦଳୀୟ ସୀମା ବାହାରକୁ ଯାଇ ସାଂସଦମାନେ ଯୁଦ୍ଧ ବିରୋଧରେ ସ୍ୱର ଉତ୍ତୋଳନ କରିବା ଟ୍ରମ୍ପଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। କେବଳ ଇରାନ ପ୍ରସଙ୍ଗ ନୁହେଁ, ବରଂ ଅନ୍ୟ କେତେକ ଆନ୍ତର୍ଜାତୀୟ ଓ ଆଭ୍ୟନ୍ତରୀଣ ନୀତିକୁ ନେଇ ମଧ୍ୟ ଟ୍ରମ୍ପ ପ୍ରଶାସନ ସଂସଦରେ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହୋଇଛି। ୟୁକ୍ରେନକୁ ସୁରକ୍ଷା ସହାୟତା ପ୍ରଦାନ ଏବଂ ରୁଷ ଉପରେ ନୂତନ କଟକଣା ଲଗାଇବା ପାଇଁ ଆଗତ ଅନ୍ୟ ଏକ ପ୍ରସ୍ତାବକୁ ମଧ୍ୟ କେତେକ ଶାସକ ଦଳର ସଦସ୍ୟ ସମର୍ଥନ କରିଛନ୍ତି। ସେହିପରି ଗୁପ୍ତଚର ବିଭାଗର ମୁଖ୍ୟ ପଦବୀରେ କୌଣସି ସାମରିକ ବା ସୁରକ୍ଷା ଅଭିଜ୍ଞତା ନଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ନିଷ୍ପତ୍ତିକୁ ନେଇ ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ଏହି ସଂସଦୀୟ ବିପର୍ଯ୍ୟୟରୁ ସ୍ପଷ୍ଟ ଜଣାପଡୁଛି ଯେ ଗତ କିଛି ମାସ ଧରି ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ଆଖିବୁଜି ସମର୍ଥନ କରୁଥିବା ଶାସକ ଦଳର ନେତାମାନେ ଏବେ ସ୍ୱାଧୀନ ମତ ରଖିବା ଆରମ୍ଭ କଲେଣି। ଯୁଦ୍ଧର ଦୀର୍ଘସୂତ୍ରୀ ପ୍ରଭାବ ଏବଂ ଆର୍ଥିକ ବୋଝକୁ ନେଇ ଜନସାଧାରଣ ଓ ପ୍ରତିନିଧିମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ବିଜେପି ସହ ସମ୍ପର୍କରେ ମମତାଙ୍କ ୨୦ ସାଂସଦ



■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ବା ଟିଏମ୍‌ସିରେ ଯେଉଁ ବିଦ୍ରୋହ ଆରମ୍ଭ ହୋଇଥିଲା, ତାହା ଏବେ ଦିଲ୍ଲୀରେ ପହଞ୍ଚିଛି। ଗତକାଲି ୫୮ ବିଧାୟକ ମମତାଙ୍କ ବିରୋଧରେ ବିଦ୍ରୋହ କରି ପୃଥକ ଗୋଷ୍ଠୀ ଗଠନ କରିଥିବା ବେଳେ ଦଳର ଅତିକମରେ ୨୦ ସାଂସଦ ବିଜେପି ଆଡ଼କୁ ଢଳୁଥିବାର ଖବର ମିଳିଛି। ଏହି ସାଂସଦ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ସେମାନେ ନିଜର ଆନୁଗତ୍ୟ ବଦଳାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହାକୁ ନେଇ ରାଜ୍ୟ ତଥା ଜାତୀୟ ରାଜନୀତିରେ ଏକ ବଡ଼ ହଲଚଲ ସୃଷ୍ଟି କରିଛି।

ସଂସଦର ଉଭୟ ଗୃହ ଲୋକସଭା ଓ ରାଜ୍ୟସଭାରେ ତୃଣମୂଳ କଂଗ୍ରେସର ମୋଟ ୪୧ ଜଣ ସାଂସଦ ଅଛନ୍ତି। ସେଥିମଧ୍ୟରୁ ୨୮ ଜଣ ଲୋକସଭାରେ ଏବଂ ୧୩ ଜଣ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ସୂଚନା ମିଳିଛି ଯେ, ଶୀର୍ଷ ସ୍ତରରେ ଏହି ସାଂସଦମାନଙ୍କ ସହ ଆଲୋଚନା ଚାଲିଛି। ଯଦି ଏହି ସାଂସଦମାନେ ଦଳ ଛାଡ଼ନ୍ତି, ତେବେ ଏହା ମମତା ବାନାର୍ଜୀଙ୍କ ପାଇଁ ସବୁଠାରୁ ବଡ଼ ଆଘାତ ହେବ। କାରଣ ସଂସଦରେ ବିରୋଧୀ ଦଳ ମଧ୍ୟରେ ତୃଣମୂଳ କଂଗ୍ରେସ ଦ୍ୱିତୀୟ ବୃହତ୍ତମ ଦଳ ଅଟେ। ସଂସଦୀୟ ଦଳରେ ଏଭଳି ବିଭାଜନ ଦଳ ସହିତ ସମଗ୍ର ବିରୋଧୀ ମେଣ୍ଟର ଶକ୍ତିକୁ ହ୍ରାସ କରିଦେବ। ପଶ୍ଚିମବଙ୍ଗ ବିଧାନସଭାରେ ତୃଣମୂଳ କଂଗ୍ରେସ ପୂର୍ବରୁ ହିଁ ଦୁଇ ଭାଗରେ ବିଭକ୍ତ ହୋଇସାରିଛି। ବିଧାୟକ ରିତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ୫୮ ଜଣ ବିଦ୍ରୋହୀ ବିଧାୟକ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ଭାବେ ଘୋଷଣା କରିସାରିଛନ୍ତି। ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଋତବ୍ରତଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ମଧ୍ୟ ମିଳିଛି, ଯାହା ମମତା ବାନାର୍ଜୀଙ୍କ ମନୋନୀତ ନେତାଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରିଛି।

କଲିକତା ମେୟର ପଦରୁ ବରିଷ୍ଠ ନେତା ଫିରହାଦ ହାକିମଙ୍କ ଇସ୍ତଫା ଏବଂ ବିଧାନସଭାରେ ନିଜର ନିୟନ୍ତ୍ରଣ ▶ପୃଷ୍ଠା-୭

# କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ୧୭ରେ !

### ବାଦ୍ ପଡ଼ିପାରନ୍ତି ଡଜନେ ମନ୍ତ୍ରୀ; ବଦଳିବ ୧୫ ମନ୍ତ୍ରୀଙ୍କ ବିଭାଗ

### ଟିଡିପି, ଜେଡିୟୁ, ଶିବସେନା (ସିନ୍ଦେ)କୁ ମିଳିପାରେ ୫ ମନ୍ତ୍ରୀ ପଦ

### ନିର୍ବାଚନ ହେବାକୁ ଥିବା ୭ ରାଜ୍ୟକୁ ଗୁରୁତ୍ୱ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଆସନ୍ତା ୧୭ ତାରିଖରେ ବଦଳିବ କେନ୍ଦ୍ରରେ ମୋଦି ସରକାରଙ୍କ କ୍ୟାବିନେଟ୍ ଚେହେରା। ମନ୍ତ୍ରିମଣ୍ଡଳରୁ ପ୍ରାୟ ଏକ ଡ଼ଜନରୁ ଊର୍ଦ୍ଧ୍ୱ ମନ୍ତ୍ରୀଙ୍କୁ ଅପସାରଣ କରାଯିବ ଓ ୧୫ରୁ ଊର୍ଦ୍ଧ୍ୱ ବିଭାଗର ମନ୍ତ୍ରୀମାନଙ୍କର ବିଭାଗ ପରିବର୍ତ୍ତନ ହେବ । ଏନ୍‌ଡ଼ିଏର ପ୍ରମୁଖ ସହଯୋଗୀ ଜେଡ଼ିୟୁ, ଟିଡ଼ିପି, ଶିବସେନା (ସିନ୍ଦେ)କୁ ଗୋଟିଏ ଲେଖାଏଁ କ୍ୟାବିନେଟ ପାହ୍ୟା ସହ ମୋଟ ୫ରୁ ୬ଟି ମନ୍ତ୍ରୀପଦ ମିଳିବ। ଏହା ସହ ୨୦୨୭ରେ ବିଧାନସଭା ନିର୍ବାଚନ ହେବାକୁଥିବା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁର, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜରାଟ ଆଦି ରାଜ୍ୟକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଗୁରୁତ୍ୱ ଦିଆଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ▶ପୃଷ୍ଠା-୭

## ପୁରୀ ବ୍ରିକ୍ସ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ



# ବିଶ୍ୱକୁ ବିପର୍ଯ୍ୟୟ ମୁକାବିଲାର ବାଟ ଦେଖାଉଛି ଓଡ଼ିଶା

### 'ଶୂନ୍ୟମୃତ୍ୟୁ' ମଡେଲକୁ ପ୍ରଶଂସା

■ ପୁରୀ, ୪।୬ (ସମିସ): ବିପର୍ଯ୍ୟୟ ପରିଚାଳନାରେ ଆମର ଦକ୍ଷତା ଓ ଅଭିଜ୍ଞତା ରହିଛି। ଉପକୂଳ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଅନେକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିଛି ଓଡ଼ିଶା। ବ୍ରିକ୍ସ ବୈଠକରୁ ଅନେକ ସଫଳତା ମିଳିବ। ବିପର୍ଯ୍ୟୟ ହ୍ରାସ ଦିଗରେ ୧୧ଟି ଦେଶ ପରସ୍ପରକୁ ସହଯୋଗ କରିବେ। ଶ୍ରେଷ୍ଠ ପରିଚାଳନା ପଦ୍ଧତିକୁ ବିପର୍ଯ୍ୟୟ ପରିଚାଳନା ପାଇଁ ବିନିଯୋଗ ହେବ। ଆଗୁଆ ସତର୍କ ସୂଚନା, ସ୍ଥାନାନ୍ତର, ଶୂନ୍ୟ ମୃତ୍ୟୁହାର ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ତାଜ୍ ରିସର୍ଟ ଆଣ୍ଡ ସ୍ପାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ଅଧିବେଶନକୁ ଉଦ୍‌ଘାଟନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ମୁଖ୍ୟମନ୍ତ୍ରୀ ଅପରିହାର୍ଯ୍ୟ ବୋଲି କହିବା ସହ ବ୍ରିକ୍ସ ସଦସ୍ୟ ଦେଶଙ୍କ ପ୍ରତିନିଧି ଓ ବିଶେଷଜ୍ଞଙ୍କ ଉପସ୍ଥିତିରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଓ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି 'ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି'। ଜୀବନ, ଜୀବିକା ଓ ଆଗାମୀପିଢ଼ିକୁ ସୁରକ୍ଷିତ ରଖିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଏହା ଉପରେ ଅଧିକ ପ୍ରାଥମିକତା ଦେବାକୁ ପଡ଼ିବ। ସେ ସ୍ପଷ୍ଟ କରିଛନ୍ତି ଯେ ବିପର୍ଯ୍ୟୟ ▶ପୃଷ୍ଠା-୭






## ଚିନ୍ତାରେ ବ୍ୟାଙ୍କ

# ଜମା ରାଶିକୁ ଟପିଗଲାଣି ଋଣ

### ୮ ମାସ ହେବ ବଢୁଛି ଋଣ ■ ବିପଦରେ ସଞ୍ଚୟ ଖାତା ■ ସଙ୍କୁଚିତ ହେଉଛି ବ୍ୟାଙ୍କ ଲାଭ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଭାରତୀୟ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ଏକ ଘଡିସନ୍ଧୀ ମୁହୂର୍ତ୍ତ ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ବ୍ୟାଙ୍କର କ୍ରେଡିଟ୍ ବା ଋଣ ରେକର୍ଡ ଭାଙ୍ଗୁଥିବାବେଳେ, ଅନ୍ୟପଟେ ଜମା ଅଭିବୃଦ୍ଧି ପଛରେ ପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସଦ୍ୟତମ ତଥ୍ୟ ଅନୁଯାୟୀ, ମେ' ୧୫ ପର୍ଯ୍ୟନ୍ତ ବର୍ଷକ ମଧ୍ୟରେ ବ୍ୟାଙ୍କ ଋଣ ୧୬.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି, ଯାହା ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ। ଏହି ସମୟରେ କ୍ରମାଗତ ଭାବେ ୮ମ ମାସ ପାଇଁ ଋଣ ଚାହିଦା ଜମା ଅଭିବୃଦ୍ଧିକୁ ପଛରେ ପକାଇଦେଇଛି। ଋଣ ଏବଂ ଜମା ଅଭିବୃଦ୍ଧି ମଧ୍ୟରେ ବ୍ୟବଧାନ ପ୍ରାୟ ୪୦୦ ବେସିସ୍ ପଏଣ୍ଟକୁ ବୃଦ୍ଧି ପାଇଛି, ଯାହା ପ୍ରାୟ ଦୁଇ ବର୍ଷ ମଧ୍ୟରେ କେବେ ବି ଦେଖାଯାଇ ନ ଥିବା ସ୍ତରରେ ପହଞ୍ଚିଛି। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଋଣ ଚାହିଦା ଦୃଢ଼ ରହେ ଏବଂ ଜମା ଅଭିବୃଦ୍ଧି ତୁଳନାତ୍ମକ ଭାବରେ ମନ୍ଥର ରହେ, ତେବେ ଆଗାମୀ ମାସଗୁଡ଼ିକରେ ମୁଦ୍ରା ବଜାର ଏବଂ ଖୋଦ୍ ବ୍ୟାଙ୍କଗୁଡିକର ଋଣ ଉଚ୍ଚ ସ୍ତରରେ ପହଞ୍ଚିବର ସମ୍ଭାବନା ରହିଛି।



### ମାର୍ଚ୍ଚରେ ଆକାଉଣ୍ଟରୁ ୨୦ ହଜାର କୋଟି ଉଠାଇନେଲେ ଏନ୍‌ଆର୍‌ଆଇ

ଆର୍‌ବିଆଇ ଶୁକ୍ରବାର ଏହାର ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ରିପୋର୍ଟ ପ୍ରକାକରିବାକୁ ଯାଉଛି। ଆର୍‌ବିଆଇ ପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଧୀରେ ଧୀରେ ବ୍ୟାଙ୍କ ସଞ୍ଚୟ ଖାତା ଉପରୁ ଲୋକଙ୍କ ନିର୍ଭରଶୀଳତା ହ୍ରାସ ପାଇବାରେ ଲାଗିଛି। ଲୋକମାନେ ଏବେ ଦ୍ରୁତ ଗତିରେ ସେମାନଙ୍କ ସଞ୍ଚୟ ଖାତାରୁ ପାଣ୍ଠି ଉଠାଣ କରୁଛନ୍ତି ଏବଂ ସେଗୁଡ଼ିକୁ ସ୍ଥାୟୀ ଜମା (ଏଫ୍‌ଡି) ଭଳି ମିଆଦୀ ଜମାରେ ପରିଚାଳିତ କରୁଛନ୍ତି। ୨୦୨୨ ମାର୍ଚ୍ଚ ରେ ସଞ୍ଚୟ ଖାତାଗୁଡ଼ିକରେ ମୋଟ ▶ପୃଷ୍ଠା-୭







# କାଗଜପତ୍ର ତ୍ରୁଟି ଯୋଗୁଁ ଅଧାବାଟରୁ ଫେରିଲା ଯାତ୍ରୀ ବିମାନ

■ ୧୨ ଘଣ୍ଟା ଆକାଶରେ ଉଡ଼ି ପୁଣି କୋପେନ୍‌ହେଗେନ୍‌ରେ ଅବତରଣ

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ସ୍କାଣ୍ଡିନେଭିଆନ ଏୟାରଲାଇନ୍ସର ଏକ ବିମାନ କାଗଜପତ୍ର ଜନିତ ତ୍ରୁଟି ହେତୁ ଭାରତ ନପହଞ୍ଚି ଅଧା ବାଟରୁ ଫେରିଯିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୧୭ ବର୍ଷ ପରେ ଭାରତକୁ ଏହି ସଂସ୍ଥାର ପ୍ରଥମ ବିମାନ ଉଡ଼ାଣ ଆରମ୍ଭ ହୋଇଥିବା ବେଳେ ଏହି ବଡ଼ ଭୁଲ ଯୋଗୁଁ ଏୟାରଲାଇନ୍ସ କମ୍ପାନୀକୁ ବେଶ୍ ଅପମାନିତ ହେବାକୁ ପଡ଼ିଛି। ଜୁନ୍ ୨ ତାରିଖରେ ଏହି ବିମାନଟି କୋପେନହେଗେନରୁ ମୁମ୍ବାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଉଡ଼ାଣର ପ୍ରାୟ ୪ ଘଣ୍ଟା ପରେ ବିମାନଟି ଯେତେବେଳେ ଆଜେରବାଇଜାନ ଆକାଶମାର୍ଗରେ ଥିଲା, ସେତେବେଳେ ବାୟୁଚଳାଚଳ ନିୟନ୍ତ୍ରଣ କକ୍ଷ ପକ୍ଷରୁ ଚାଳକ ଦଳକୁ ତୁରନ୍ତ ପଛକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏୟାରଲାଇନ୍ସ କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି ଯେ ଉଡ଼ାଣ ପୂର୍ବରୁ ସେମାନଙ୍କୁ ଭାରତୀୟ ସରକାରଙ୍କଠାରୁ ଚୂଡ଼ାନ୍ତ ନିୟାମକ ଅନୁମତି ମିଳି ନ ଥିଲା।



ବିମାନ ଆକାଶରେ ଥିବା ସମୟରେ ଅନୁମତି ମିଳିଯିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଥିଲେ, ମାତ୍ର ତାହା ନ ହେବାରୁ ବିମାନକୁ ବାଧ ହୋଇ ଫେରିବାକୁ ପଡ଼ିଥିଲା। ଏହି କାରଣରୁ ଯାତ୍ରୀମାନେ ପ୍ରାୟ ୧୨ ଘଣ୍ଟା କାଳ ଆକାଶରେ ବିତାଇବା ପରେ ପୁଣି ନିଜ ପ୍ରାରମ୍ଭିକ ବିମାନ ବନ୍ଦରରେ ଓହ୍ଲାଇଥିଲେ, ଯାହାକୁ ନେଇ ସେମାନେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସ୍ୱାଗତ ପାଇଁ ମୁମ୍ବାଇ ବିମାନ ବନ୍ଦରରେ ପ୍ରସ୍ତୁତ ଥିବା ଦଳ ମଧ୍ୟ ନିରାଶ ହୋଇଛନ୍ତି। ଏହି ପରିଚାଳନାଗତ ତ୍ରୁଟି ଯୋଗୁଁ କମ୍ପାନୀକୁ ଇନ୍ଧନ, ପରିଚାଳନା ଏବଂ ଯାତ୍ରୀଙ୍କ କ୍ଷତିପୂରଣ ବାବଦରେ ପ୍ରାୟ ୫ ଲକ୍ଷ ଡଲାରରୁ ଅଧିକ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏୟାରଲାଇନ୍ସ କର୍ତ୍ତୃପକ୍ଷ ଏହି ଅସୁବିଧା ପାଇଁ ଯାତ୍ରୀମାନଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ଅନୁମତି ପତ୍ର ହାସଲ କରି ଆଗାମୀ କିଛି ଦିନ ମଧ୍ୟରେ ଏହି ସେବା ପୁନର୍ବାର ଆରମ୍ଭ କରିବାକୁ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

## ଏଆଇ ମାନବ ମସ୍ତିଷ୍କର ବିକଳ୍ପ ନୁହେଁ



ନ୍ୟାୟପାଳିକା ପାଇଁ ସୁପ୍ରିମକୋର୍ଟଙ୍କ ଚିଠା ନିୟମାବଳୀ

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଅଦାଲତଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାରକୁ ନିୟନ୍ତ୍ରିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ 'ଏଆଇ କମିଟି' ଏକ ଚିଠା ନିୟମାବଳୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମତାମତ ପାଇଁ ଜାରି କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏଆଇ କେବଳ ନ୍ୟାୟିକ ପ୍ରକ୍ରିୟାରେ ସହାୟତା କରିପାରିବ, କିନ୍ତୁ ଏହା କଦାପି ମାନବ ମସ୍ତିଷ୍କ କିମ୍ବା ବିଚାରପତିଙ୍କ ସ୍ଥାନ ନେଇପାରିବ ନାହିଁ। ଏହି ନିୟମ ଅନୁଯାୟୀ, କୌଣସି ବି ରାୟ, ଆଦେଶ କିମ୍ବା ଦଣ୍ଡବିଧାନ କେବଳ ଏଆଇ ଦ୍ୱାରା ପ୍ରସ୍ତୁତ ତଥ୍ୟ ଉପରେ ଆଧାରିତ ହୋଇପାରିବ ନାହିଁ। ଏଆଇ'କୁ କେବଳ ପ୍ରଶାସନିକ କାର୍ଯ୍ୟ, ମାମଲା ପରିଚାଳନା, ଆଇନଗତ ଗବେଷଣା, ଦଲିଲ୍ ସଂକ୍ଷିପ୍ତକରଣ ଏବଂ ଆଞ୍ଚଳିକ ଭାଷାରେ ଅନୁବାଦ ଭଳି ସହାୟକ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ସାକ୍ଷୀଙ୍କ ବିଶ୍ୱସନୀୟତା ଆକଳନ କରିବା କିମ୍ବା ଆଇନଗତ ନିଷ୍ପତ୍ତି ନେବା ଭଳି ମୁଖ୍ୟ କାର୍ଯ୍ୟରେ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଆଗାମୀ ଜୁନ୍ ୨୦ ପର୍ଯ୍ୟନ୍ତ ଏହି ଚିଠା ପ୍ରସ୍ତାବ ଉପରେ ମତାମତ ଦିଆଯାଇପାରିବ ଏବଂ ଏହା ଲାଗୁ ହେଲେ ସାରା ଦେଶର ସମସ୍ତ ହାଇକୋର୍ଟ ଓ ଟ୍ରିବ୍ୟୁନାଲ୍‌ରେ କାର୍ଯ୍ୟକାରୀ ହେବ।

## କଂଗ୍ରେସ ପାଇଁ ରାଜ୍ୟସଭା ଆସନ ଛାଡ଼ିଲା ଟିଭିକେ

ଚେନ୍ନଇ, ୪।୬(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ଦଳର ମୁଖ୍ୟ ବିଜୟ ରାଜ୍ୟର ଏକମାତ୍ର ଖାଲି ଥିବା ରାଜ୍ୟସଭା ଆସନଟିକୁ ନିଜ ସହଯୋଗୀ ଦଳ କଂଗ୍ରେସକୁ ପ୍ରଦାନ କରିଛନ୍ତି। ରାଜ୍ୟରେ ଟିଭିକେ ସଂଖ୍ୟାଲଘୁ ସରକାର ଚଳାଉଥିବା ବେଳେ ଏହାର ସ୍ଥିରତା ପାଇଁ କଂଗ୍ରେସର ୫ ଜଣ ବିଧାୟକଙ୍କ ସମର୍ଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାଜିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଉଭୟ ଦଳର ମେଣ୍ଟକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଏହି ଆସନ ପାଇଁ କଂଗ୍ରେସର ବରିଷ୍ଠ ରଣନୀତିକାର ପ୍ରବୀଣ ଚକ୍ରବର୍ତ୍ତୀଙ୍କ ନାମ ସବୁଠାରୁ ଆଗରେ ରହିଛି। ଏହି ନିଷ୍ପତ୍ତିକୁ କଂଗ୍ରେସ ସ୍ୱାଗତ କରିଥିବା ବେଳେ ବିରୋଧୀ ଡିଏମକେ ଏହାକୁ କଡ଼ା ସମାଲୋଚନା କରିଛି। ଡିଏମକେ ଅଭିଯୋଗ କରିଛି ଯେ ସଂସଦରେ ବିଜେପି ସହ ସିଧାସଳଖ ମୁକାବିଲାକୁ ଏଡ଼ାଇବା ପାଇଁ ଟିଭିକେ ଏହି ଆସନଟି କଂଗ୍ରେସକୁ ଦେଇଛି। ତେବେ ଟିଭିକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ଏହା କେବଳ ମେଣ୍ଟର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ପ୍ରୟାସ ବୋଲି କହିଛି। ଏହି ପଦକ୍ଷେପ ଆଗାମୀ ୨୦୨୯ ଲୋକସଭା ନିର୍ବାଚନରେ ମଧ୍ୟ ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରେ।

## ଗ୍ରାମବାସୀଙ୍କ ଭୟରେ ଖଟ ତଳେ ଲୁଚିଲେ ଟିଏମସି ନେତା

କୁଚବେହାର, ୪।୬(ଏଜେନ୍ସି): ପଶ୍ଚିମବଙ୍ଗର କୁଚବେହାର ଜିଲ୍ଲାରେ ସରକାରୀ ଆବାସ ଯୋଜନାରେ ଘର କରାଇଦେବା ନାଁରେ ଲୋକଙ୍କଠାରୁ ଲାଞ୍ଚ ନେଇଥିବା ଜଣେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ସାହିଦୁଲ ମିଆଁଙ୍କୁ ଗ୍ରାମବାସୀ ଘେରିଯାଇଥିଲେ। ଲୋକେ ଟଙ୍କା ଫେରସ୍ତ ମାଗିବାରୁ ସେ ଭୟରେ ନିଜ ଘର ଖଟ ତଳେ ଲୁଚି ଯାଇଥିଲେ। ପରେ ପୁଲିସ ପହଞ୍ଚି ତାଙ୍କୁ ଖଟ ତଳୁ ବାହାର କରି ଉଦ୍ଧାର କରିଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଅଭିଯୋଗ ଅନୁସାରେ, ସାହିଦୁଲ ଗରିବ ପରିବାରଗୁଡ଼ିକଠାରୁ ୫, ୦୦୦ ରୁ ୨୦, ୦୦୦ ଟଙ୍କା ଲେଖାଏଁ ମୋଟ ପ୍ରାୟ ୮ ଲକ୍ଷ ଟଙ୍କା କଟ୍ ମନି' ବା ଲାଞ୍ଚ ଆଦାୟ କରିଥିଲେ ମଧ୍ୟ କାହାକୁ ଘର ମିଳିନଥିଲା। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପଶ୍ଚିମବଙ୍ଗରେ ଦୁର୍ନୀତି ଓ ଜବରଦସ୍ତ ଚାନ୍ଦା ଆଦାୟ ଅଭିଯୋଗରେ ନିକଟରେ ଅନେକ ଟିଏମସି କାଉନସିଲର ଓ ନେତା ଗିରଫ ହୋଇଛନ୍ତି।

## ମାଡ଼ ମାରିବାରୁ ମଦ୍ୟପ ସ୍ୱାମୀକୁ ପିଟିପିଟି ମାରିଦେଲା ସ୍ତ୍ରୀ

ଭୋପାଳ, ୪।୬(ଏଜେନ୍ସି): ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଦୀର୍ଘ ଦିନର ପାରିବାରିକ ବିବାଦ ଯୋଗୁଁ ଜଣେ ମହିଳା ନିଜ ସ୍ୱାମୀଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୃତକଙ୍କ ନାମ ଦୀନଦୟାଲ କୁଶୱାହା ଏବଂ ଅଭିଯୁକ୍ତ ପତ୍ନୀଙ୍କ ନାମ ନୀଲମ କୁଶୱାହା। ହତ୍ୟା ପରେ ମହିଳା ଜଣକ ନିଜେ ଥାନାକୁ ଯାଇ ଆତ୍ମସମର୍ପଣ କରିଛନ୍ତି। ଗତ ୮ ବର୍ଷ ତଳେ ବିବାହ ହୋଇଥିଲେ ମଧ୍ୟ ବିବାଦ ଯୋଗୁଁ ଦୁହେଁ ୪ ବର୍ଷ ହେବ ଅଲଗା ରହୁଥିଲେ। ଗତକାଲି ଦୀନଦୟାଲ ମଦ୍ୟପ ଅବସ୍ଥାରେ ନିଜ ଶ୍ୱଶୁର ଘରକୁ ଯାଇ ପତ୍ନୀ ନୀଲମଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ନୀଲମ ନିଜ ରକ୍ଷା ପାଇଁ ପାଲଟା ଆକ୍ରମଣ କରିବାରୁ ଦୀନଦୟାଲ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ଉଭୟଙ୍କ ମଧ୍ୟରେ କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିଲା।

# ପୁଣି ଜୀବନ ନେଲା ନିଟ୍

ନାଗପୁର, ୪।୬(ଏଜେନ୍ସି): ନାଗପୁରରେ ମେଡିକାଲ୍ ପ୍ରବେଶିକା ପରୀକ୍ଷା 'ନିଟ୍' ପାଇଁ ପ୍ରସ୍ତୁତ ହେଉଥିବା ୧୮ ବର୍ଷୀୟା ଛାତ୍ରୀ ଆକାଂକ୍ଷା ଚତୁର୍ବେଦୀ ଆତ୍ମହତ୍ୟା କରିଛନ୍ତି। ନିଟ୍ ପେପର୍ ଲିକ୍ ଯୋଗୁଁ ପରୀକ୍ଷା ବାତିଲ୍ ହେବା ଏବଂ ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିବା ଚିନ୍ତାରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ମୃତ୍ୟୁର ପ୍ରାୟ ଦୁଇ ସପ୍ତାହ ପରେ ତାଙ୍କ ରୁମ୍‌ରୁ ଏହି ହୃଦୟ ବିଦାରକ ସୁସାଇଡ୍ ନୋଟ୍ ମିଳିଛି। ଛାତ୍ରୀ ଜଣକ ନିଜ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି ଯେ, 'ବାପା-ମାଆ, ତୁମର ବିଶ୍ୱାସ ଥିଲା ଯେ ତୁମ ଝିଅ ଡାକ୍ତର ହେବ, କିନ୍ତୁ ଆଉ ଥରେ ନିଟ୍ ପରୀକ୍ଷା ଦେବାକୁ ମୋର ସାହସ ନାହିଁ। ମୁଁ ପ୍ରଥମ ପ୍ରୟାସରେ ଭଲ ମାର୍କ ରଖିଥାନ୍ତି, କିନ୍ତୁ ଏବେ ଆଉ ଭଲ କରିବାର କୌଣସି ଗ୍ୟାରେଣ୍ଟି ନାହିଁ। ମୁଁ ସବୁ କିଛି ନଷ୍ଟ କରିଦେଲି, ମତେ କ୍ଷମା କରିଦେବ।' ଆକାଂକ୍ଷାଙ୍କ ବାପା ଜଣେ ରୋଷେୟା ଭାବେ କାମ କରନ୍ତି। ଝିଅର ପାଠପଢ଼ା ପାଇଁ ପରିବାର ଲୋକେ ଜମିବାଡ଼ି ଓ ସମ୍ପର୍କୀୟଙ୍କଠାରୁ ୩ ଲକ୍ଷ ଟଙ୍କା ଋଣ ନେଇଥିଲେ। ପୁନଃ ପରୀକ୍ଷା ପାଇଁ ପରିବାର ଉପରେ ଆର୍ଥିକ ବୋଝ ବଢ଼ିବା ଚିନ୍ତାରେ ଆକାଂକ୍ଷା ଡିପ୍ରେସନ୍‌କୁ ଚାଲିଯାଇଥିଲେ। ଗତ ମେ ୩ ତାରିଖରେ ୨୨ ଲକ୍ଷରୁ ଅଧିକ ପିଲା ନିଟ୍ ପରୀକ୍ଷା ଦେଇଥିଲେ। ପେପର୍ ଲିକ୍ ଯୋଗୁଁ ଏହାକୁ ବାତିଲ୍ କରାଯାଇ ଆସନ୍ତା ଜୁନ୍ ୨୧ରେ ପୁଣିଥରେ ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆପ୍ ନେତା ଅରବିନ୍ଦ କେଜ୍ରିୱାଲ୍ ତୀବ୍ର ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ପୁନଃ ପରୀକ୍ଷା କରାଇବା ନ୍ୟାୟ ନୁହେଁ, ଏହି ଭ୍ରଷ୍ଟ ବ୍ୟବସ୍ଥା ଯୋଗୁଁ ପିଲାମାନେ ନିଜ ଜୀବନ ହରାଉଛନ୍ତି।



ପେପର୍ ଲିକ୍ ଓ ପରୀକ୍ଷା ବାତିଲ୍ ଦୁଃଖରେ ଛାତ୍ରୀଙ୍କ ଆତ୍ମହତ୍ୟା

# ମମତାଙ୍କୁ ଝଟ୍‌କା ଦେଲେ ଆଉ ଜଣେ ମେୟର



ବିଧାନନଗର ମେୟର ପଦ ଛାଡ଼ିଲେ କୃଷ୍ଣା ଚକ୍ରବର୍ତ୍ତୀ

କଲକାତା, ୪।୬ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀଙ୍କ ରାଜନୈତିକ ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ଦଳ ମଧ୍ୟରେ ଚାଲିଥିବା ବିଦ୍ରୋହ ମଧ୍ୟରେ ଗୁରୁବାର ଦିନ ବିଧାନନଗର ମହାନଗର ନିଗମର ମେୟର କୃଷ୍ଣା ଚକ୍ରବର୍ତ୍ତୀ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ମମତା ବାନାର୍ଜୀଙ୍କର ଜଣେ ଅତି ବିଶ୍ୱସ୍ତ ଏବଂ ଦୀର୍ଘ ଦିନର ସହଯୋଗୀ ଭାବେ ଜଣାଶୁଣା କୃଷ୍ଣା ନିଗମ କମିଶନରଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। କୃଷ୍ଣା ଚକ୍ରବର୍ତ୍ତୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବେ ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ସେ ବିଗତ ୧୬ ବର୍ଷ ଧରି ଏହି ପଦବୀରେ କାର୍ଯ୍ୟ କରିଆସୁଥିଲେ ଏବଂ କାହା ବିରୋଧରେ ତାଙ୍କର କୌଣସି ଅଭିଯୋଗ ନାହିଁ। ସେ ନିଜ ପାଇଁ କିଛି ସମୟ ବାହାର କରିବାକୁ ଚାହୁଁଛନ୍ତି ଏବଂ ଆଗକୁ କେବଳ ଜଣେ କାଉନସିଲର ଭାବେ କାର୍ଯ୍ୟ ଜାରି ରଖିବେ। ନିଗମର ଅଧିକାରୀମାନେ ତାଙ୍କ ଇସ୍ତଫା ପତ୍ର ମିଳିଥିବା ନେଇ ସ୍ପଷ୍ଟ କରିଛନ୍ତି। ତେବେ ରାଜନୈତିକ ସମୀକ୍ଷକଙ୍କ ମତରେ, ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ତୃଣମୂଳ କଂଗ୍ରେସରେ ଯେଉଁ ସଙ୍ଗଠନିକ ଭାଙ୍ଗନ ଆରମ୍ଭ ହୋଇଛି, ଏହା ସେହି ସଙ୍କଟର ଆଉ ଏକ ପ୍ରମାଣ। ନିକଟରେ ଅନ୍ୟ କେତେକ ପ୍ରମୁଖ ନେତା ଦଳ ଛାଡ଼ିଥିବା ବେଳେ, କୃଷ୍ଣା ଚକ୍ରବର୍ତ୍ତୀଙ୍କ ଭଳି ଜଣେ ବରିଷ୍ଠ ନେତ୍ରୀଙ୍କର ଏହି ନିଷ୍ପତ୍ତି ମମତା ବାନାର୍ଜୀଙ୍କ ପ୍ରଶାସନିକ ଏବଂ ରାଜନୈତିକ ନିୟନ୍ତ୍ରଣକୁ ଦୁର୍ବଳ କରିଦେଇଛି।

# ଟ୍ରମ୍ପଙ୍କ ଧମକ କାମଦେଲା: ଲେବାନନ ସହ ବୁଝାମଣା କଲା ଇସ୍ରାଏଲ

ୱାଶିଂଟନ, ୪।୬(ଏଜେନ୍ସି): ଆମେରିକାର ୱାଶିଂଟନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରେ ଇସ୍ରାଏଲ ଏବଂ ଲେବାନନ ବୁଧବାର ଦିନ ଏକ ସୀମିତ ଅସ୍ତ୍ରବିରତି ଲାଗୁ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ତେବେ ଏହି ଚୁକ୍ତିର ସଫଳତା ପାଇଁ ଇରାନ ସମର୍ଥିତ ସନ୍ତ୍ରାସବାଦୀ ସଂଗଠନ 'ହିଜବୁଲ୍ଲା' ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଗୁଳିଚାଳନା ବନ୍ଦ ହେବା ଆବଶ୍ୟକ ବୋଲି ଉଭୟ ଦେଶ ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି। ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ନଥିବା ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦେଶ ସୀମାନ୍ତରେ କେତେକ ନିର୍ଦ୍ଦିଷ୍ଟ ସାମରିକ ମୁକ୍ତ ଅଞ୍ଚଳ ବା 'ପାଇଲଟ୍ ଜୋନ୍' ଗଠନ କରିବାକୁ ରାଜି ହୋଇଛନ୍ତି। ଏହି ସବୁ ଅଞ୍ଚଳରେ କେବଳ ଲେବାନନର ସରକାରୀ ସେନା ହିଁ ନିୟନ୍ତ୍ରଣ ରଖିବ ଏବଂ ଅନ୍ୟ କୌଣସି ସନ୍ତ୍ରାସବାଦୀ ଗୋଷ୍ଠୀକୁ ସେଠାରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଏହି ଆଲୋଚନାରେ ସ୍ପଷ୍ଟ କରାଯାଇଛି ଯେ ଲେବାନନର ଭବିଷ୍ୟତକୁ କୌଣସି ବାହ୍ୟ ଶକ୍ତି ବନ୍ଧକ ରଖିପାରିବେ ନାହିଁ। ଏହି ପ୍ରସଙ୍ଗରେ ଆସନ୍ତା ଜୁନ୍ ୨୨ ତାରିଖରେ ଏକ ସ୍ଥାୟୀ ଚୁକ୍ତି ପାଇଁ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ। ଯଦିଓ ଏହି ଚୁକ୍ତି ନେଇ ସହମତି ପ୍ରକାଶ ପାଇଛି, ତଥାପି ସୀମାରେ ଉତ୍ତେଜନା ସମ୍ପୂର୍ଣ୍ଣ ହ୍ରାସ ପାଇନାହିଁ। ବୁଧବାର ମଧ୍ୟ ହିଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରକୁ ରକେଟ୍ ମାଡ଼ କରାଯାଇଥିବା ବେଳେ ଇସ୍ରାଏଲର ପାଲଟା ଆକ୍ରମଣରେ ଦକ୍ଷିଣ ଲେବାନନରେ ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏଭଳି ସ୍ଥିତିରେ ଏହି ଅସ୍ତ୍ରବିରତି କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଆଗାମୀ ସମୟରେ ସ୍ପଷ୍ଟ ହେବ।

# ଉତ୍ତରକାଶୀରେ ମହିଳା ଟ୍ରେକର ନିଖୋଜ

ନୈନିତାଲ, ୪।୬(ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ଟ୍ରେକିଂ ପାଇଁ ଯାଇଥିବା ନୈନିତାଲ୍‌ର ୨୪ ବର୍ଷୀୟା ମହିଳା ବବିତା ପାଣ୍ଡେ ଗତ ୬ ଦିନ ହେବ ନିଖୋଜ ଅଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ସେନା, ପୁଲିସ, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଏବଂ ଆଇଟିବିପିର ୧୫୦ରୁ ଅଧିକ ଜବାନ, ୩ଟି ସ୍ନିଫର୍ ଡଗ୍ ସ୍କ୍ୱାଡ୍ ଏବଂ ଡ୍ରୋନ୍ ସାହାଯ୍ୟରେ ଘନ ଜଙ୍ଗଲ ଓ ଭାଗୀରଥୀ ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ଗତ ମେ ୨୯ ରାତିରେ ବବିତା ତାଙ୍କର ଦୁଇ ବନ୍ଧୁ ହରମନପାଲ୍ ସିଂ ଏବଂ ହରମନପ୍ରୀତ ସିଂଙ୍କ ସହ ଗୋଇ ବେସ୍ କ୍ୟାମ୍ପରେ ତମ୍ବୁ ପକାଇ ରହିଥିଲେ। ତମ୍ବୁ ଭିତରେ ଗୀତ ବଜାଇବାକୁ ନେଇ ପାଟିତୁଣ୍ଡ ହେବାରୁ ବବିତା ରାତିରେ ବାହାରକୁ ଚାଲିଯାଇଥିଲେ ଏବଂ ଆଉ ଫେରିନଥିଲେ। ବବିତାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ପୁଲିସ ଦୁଇ ସହଯୋଗୀ ବନ୍ଧୁଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତରୁ ଜଣାପଡ଼ିଛି ଯେ ଟ୍ରେକିଂ ଏଜେନ୍ସି ଅନ୍ୟ ଲୋକଙ୍କ ନାଁରେ ଥିବା ସରକାରୀ ପରମିଟ୍‌କୁ ଏଡିଟ୍ କରି ଏମାନଙ୍କ ନାଁରେ ଜାଲ୍ ପାସ୍ ପ୍ରସ୍ତୁତ କରିଥିଲା। ଏହି ଜାଲିଆତିକୁ ନେଇ ଏଜେନ୍ସି ବିରୋଧରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି।



■ ଖୋଜୁଛନ୍ତି ୧୫୦ ଯବାନ ଓ ୨ ଡ୍ରୋନ, ୩ଟି ସ୍ନିପର ଡଗ୍ ସ୍କ୍ୱାଡ

■ ଦୁଇ ସହଯୋଗୀ ଅଟକ

# ୨୦ ହଜାର କୋଟି ଟଙ୍କାର ଡ୍ରୋନ୍ କିଣିବ ଭାରତ

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଭାରତୀୟ ସେନା ନିଜର ଆଧୁନିକୀକରଣ ଏବଂ ସାମରିକ ଶକ୍ତି ବୃଦ୍ଧି ପାଇଁ ଦେଶର ଇତିହାସରେ ସବୁଠାରୁ ବଡ଼ ଡ୍ରୋନ୍ କ୍ରୟ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି। ପ୍ରତିରକ୍ଷା ବିଭାଗର ସୂଚନା ଅନୁଯାୟୀ, ସେନା ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରାୟ ୨୦, ୦୦୦ କୋଟିରୁ ଅଧିକ ଟଙ୍କାର ସାମରିକ ଡ୍ରୋନ୍ କିଣାଯିବ। ଏହି ସମସ୍ତ ଡ୍ରୋନ୍ ଭାରତୀୟ ନିର୍ମାତାମାନଙ୍କଠାରୁ ହିଁ କ୍ରୟ କରାଯିବ ଏବଂ ଆଗାମୀ ୧୮ ରୁ ୨୪ ମାସ ମଧ୍ୟରେ ଏଗୁଡ଼ିକର ଯୋଗାଣ ଆରମ୍ଭ ହେବ। ବର୍ତ୍ତମାନର ବିଶ୍ୱ ପରିସ୍ଥିତି, ବିଶେଷ କରି ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଗତ ମେ ମାସରେ ସ୍ୱଦେଶୀ ସୀମାନ୍ତରେ ହୋଇଥିବା ସାମରିକ ଅପରେସନରୁ ଏହା ସ୍ପଷ୍ଟ ହୋଇଛି ଯେ ଆଧୁନିକ ଯୁଦ୍ଧ କ୍ଷେତ୍ରରେ କମ୍ ଖର୍ଚ୍ଚରେ ନିର୍ମିତ ଡ୍ରୋନଗୁଡ଼ିକ ଶତ୍ରୁପକ୍ଷ ଉପରେ ବଡ଼ ପ୍ରଭାବ ପକାଇପାରୁଛନ୍ତି। ଏହି ଡ୍ରୋନ୍ ଗୁଡ଼ିକ ସେନା ପାଇଁ ସୂଚନା ସଂଗ୍ରହ, ଶତ୍ରୁର ସ୍ଥିତି ଚିହ୍ନଟ, ସଠିକ୍ ଲକ୍ଷ୍ୟଭେଦୀ ଆକ୍ରମଣ ଏବଂ ଦୁର୍ଗମ ଅଞ୍ଚଳକୁ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବର୍ତ୍ତମାନ ଭାରତରେ ପ୍ରାୟ ୬୦୦ରୁ ଅଧିକ କମ୍ପାନୀ ଡ୍ରୋନ୍ ଓ ଏହାର ଯନ୍ତ୍ରାଂଶ ନିର୍ମାଣ କରୁଥିବା ବେଳେ ସେଥିମଧ୍ୟରୁ ୧୦୦ରୁ ଅଧିକ କମ୍ପାନୀ କେବଳ ପ୍ରତିରକ୍ଷା କ୍ଷେତ୍ର ପାଇଁ କାର୍ଯ୍ୟ କରୁଛନ୍ତି। ସରକାରଙ୍କ 'ଆତ୍ମନିର୍ଭର ଭାରତ' ଅଭିଯାନ ଅଧୀନରେ ଏହି ପଦକ୍ଷେପ ଦେଶର ପ୍ରତିରକ୍ଷା ଶିଳ୍ପକୁ ଆହୁରି ମଜବୁତ କରିବ। ସେନା ପକ୍ଷରୁ ଏବେ ସୈନିକମାନଙ୍କୁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଡ୍ରୋନ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି ଏବଂ ଆଗାମୀ ଦିନରେ ପ୍ରତ୍ୟେକ ସୈନିକଙ୍କ ପାଖରେ ଡ୍ରୋନ୍ ସୁବିଧା ଉପଲବ୍ଧ କରାଇବା ସେନାର ମୁଖ୍ୟ ଲକ୍ଷ୍ୟ ରହିଛି।



## ବର୍ଷେ ପରେ ମିଳିଲା ନିଖୋଜ ପରମାଣୁ ବୈଜ୍ଞାନିକଙ୍କ କଙ୍କାଳ

ନ୍ୟୁ ମେକ୍ସିକୋ, ୪।୬(ଏଜେନ୍ସି): ଆମେରିକାର ପ୍ରସିଦ୍ଧ 'ଲସ୍ ଆଲାମୋସ୍ ନ୍ୟାସନାଲ୍ ଲାବୋରେଟୋରୀ'ର ପରମାଣୁ ବୈଜ୍ଞାନିକ ମେଲିସା କାସିଆସ୍ (୫୪)ଙ୍କର ବର୍ଷେ ପୂର୍ବେ ହୋଇଥିବା ରହସ୍ୟଜନକ ନିଖୋଜ ଘଟଣାର ଏକ ଦୁଃଖଦ ଅନ୍ତ ଘଟିଛି। ଗତ ଜୁନ୍ ୨୦୨୫ରୁ ନିଖୋଜ ଥିବା ମେଲିସାଙ୍କ କଙ୍କାଳ ଆମେରିକାର ନ୍ୟୁ ମେକ୍ସିକୋ ସ୍ଥିତ କାର୍ସନ ଜାତୀୟ ଜଙ୍ଗଲରୁ ଜଣେ ପଦଯାତ୍ରୀ ଠାବ କରିଛନ୍ତି। ପରିବାର ପକ୍ଷରୁ ନିଯୋଜିତ ଜଣେ ବ୍ୟକ୍ତିଗତ ଗୋଇନ୍ଦାଙ୍କ ସୂଚନା ଅନୁଯାୟୀ, ମେଲିସାଙ୍କ ଖପୁରୀରେ ଗୁଳି ବାଜିଥିବାର ଚିହ୍ନ ରହିଛି ଏବଂ ଶବ ନିକଟରୁ ଏକ ପରିତ୍ୟକ୍ତ ବନ୍ଧୁକ ମଧ୍ୟ ଜବତ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିଖୋଜ ହେବା ଦିନ ସେ ନିଜର ମୋବାଇଲ୍ ଫୋନ୍ ଏବଂ ପରିଚୟ ପତ୍ର ଘରେ ଛାଡ଼ି ଯାଇଥିଲେ ଏବଂ ତାଙ୍କ ଫୋନ୍‌ର ସମସ୍ତ ତଥ୍ୟକୁ ସମ୍ପୂର୍ଣ୍ଣ ରୂପେ ଡିଲିଟ୍ କରିଦିଆଯାଇଥିଲା। ଗୁଇନ୍ଦା ଅଧିକାରୀ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଥିବା ବେଳେ ପୁଲିସ ଏପର୍ଯ୍ୟନ୍ତ ଏହାକୁ ସ୍ପଷ୍ଟ କରିନାହିଁ। ସୁରକ୍ଷା ଓ ପ୍ରତିରକ୍ଷା ଗବେଷଣା ସହ ଜଡ଼ିତ ଅନ୍ୟ କେତେକ ବୈଜ୍ଞାନିକଙ୍କ ମଧ୍ୟ ପୂର୍ବରୁ ଏଭଳି ରହସ୍ୟଜନକ ମୃତ୍ୟୁ ଘଟିଥିବାରୁ ଏହି ଘଟଣା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିହାର ହସ୍ପିଟାଲ ଆଇସିୟୁରେ ଅଗ୍ନିକାଣ୍ଡ; ୪ ମୃତ

ମୁଜାଫରପୁର, ୪।୬(ଏଜେନ୍ସି): ବିହାରର ମୁଜାଫରପୁର ସ୍ଥିତ ପ୍ରସାଦ ହସ୍ପିଟାଲର ଜରୁରୀକାଳୀନ ଚିକିତ୍ସା କକ୍ଷ (ଆଇସିୟୁ)ରେ ଗୁରୁବାର ଭୋର ପ୍ରାୟ ୩ଟା ସମୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଅତିକମରେ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲାପାଳ ସୁବ୍ରତ କୁମାର ସେନ୍ ଏହି ମୃତ୍ୟୁ ସଂଖ୍ୟାକୁ ନିଶ୍ଚିତ କରିଛନ୍ତି। ସୂଚନାନୁସାରେ, ହସ୍ପିଟାଲର ପଞ୍ଚମ ମହଲାରେ ଥିବା ଆଇସିୟୁରେ ହଠାତ୍ ନିଆଁ ଲାଗିଯିବା ଫଳରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝରକା ଏବଂ କବାଟ ଭାଙ୍ଗି ଆଇସିୟୁ ଭିତରେ ଫସି ରହିଥିବା ରୋଗୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଦୁର୍ଘଟଣା ସମୟରେ ଆଇସିୟୁରେ ୧୩ ଜଣ ଗୁରୁତର ରୋଗୀ ଚିକିତ୍ସିତ ହେଉଥିଲେ, ଯେଉଁମାନଙ୍କୁ ତୁରନ୍ତ ନିକଟସ୍ଥ ଅନ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଅନ୍ୟ ସମସ୍ତ ରୋଗୀ ସ୍ଥିର ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଆଇସିୟୁ ମଧ୍ୟରେ ଥିବା ଅକ୍ସିଜେନ ଯୋଗାଣ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷଣ ଯନ୍ତ୍ରରେ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ। ଘଟଣାର ସଠିକ୍ କାରଣ ଖୋଜିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗ୍ନିଶମ, ପୁଲିସ ଏବଂ ସ୍ଥାନୀୟ ଅଧିକାରୀଙ୍କୁ ନେଇ ଏକ ମିଳିତ ତଦନ୍ତ ସମିତି ଗଠନ କରାଯାଇଛି ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।



# ଉଦ୍ଧାର ଅପେକ୍ଷାରେ ଜଳିଗଲେ ବିଦେଶୀ ଦଂପତି

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଦିଲ୍ଲୀର ମାଲଭିୟ ନଗର ସ୍ଥିତ ଏକ ହୋଟେଲରେ ବୁଧବାର ସକାଳେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ସର୍ଟ ସର୍କିଟ୍ ଯୋଗୁଁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡ ଏକ ଦୁଃଖଦ ପ୍ରେମ କାହାଣୀ ସାମ୍ନାକୁ ଆଣିଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୧ ଜଣଙ୍କ ମଧ୍ୟରେ ଏକ ଆଫ୍ରିକୀୟ ଦମ୍ପତି ମଧ୍ୟ ସାମିଲ ଅଛନ୍ତି, ଯେଉଁମାନଙ୍କର ମୃତଦେହ ପରସ୍ପରକୁ ଆଲିଙ୍ଗନ କରିଥିବା ଅବସ୍ଥାରେ ହିଁ ଉଦ୍ଧାର କରାଯାଇଛି। ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ବିଶେଷ ସୂତ୍ରରୁ ଏହି ନୂତନ ତଥ୍ୟ ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାରେ ୧୨ ଜଣ ବିଦେଶୀ ନାଗରିକ ଏବଂ ୯ ଜଣ ଭାରତୀୟଙ୍କ ସମେତ ମୋଟ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନେକ ଆହତ ହୋଇଛନ୍ତି। ସୂଚନାନୁସାରେ, ପାଞ୍ଚ ମହଲା ବିଶିଷ୍ଟ ଏହି ସଂକୀର୍ଣ୍ଣ ବିଲ୍ଡିଂରେ ମାତ୍ର ଗୋଟିଏ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଥିଲା ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନଥିଲା। ଏହି ହୋଟେଲରେ ରହୁଥିବା ଅଧିକାଂଶ ବିଦେଶୀ ନାଗରିକ ଆଫ୍ରିକା ଏବଂ ମଧ୍ୟ ଏସିଆର ଥିଲେ, ଯେଉଁମାନେ ନିକଟସ୍ଥ ଚିକିତ୍ସାଳୟରେ ନିଜ ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଏଠାକୁ ଆସିଥିଲେ। ଦିଲ୍ଲୀ ପୁଲିସ ଏବଂ ଅଗ୍ନିଶମ ବାହିନୀର ଯାଞ୍ଚ ବେଳେ ହୋଟେଲ ପରିସରରୁ ଅନେକ ବେଆଇନ ଗ୍ୟାସ୍ ସିଲିଣ୍ଡର ଏବଂ ବୈଦ୍ୟୁତିକ ଚୁଲା ଜବତ କରାଯାଇଛି, ଯାହାକୁ ଯାତ୍ରୀମାନେ ରୋଷେଇ ପାଇଁ ବ୍ୟବହାର କରୁଥିଲେ। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ହୋଟେଲଟି ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଥିଲା ଏବଂ ଏହା ପାଖରେ କୌଣସି ଅଗ୍ନିଶମ ସୁରକ୍ଷା ପ୍ରମାଣପତ୍ର ନଥିଲା। ସରକାରୀ ନିୟମ ଅନୁଯାୟୀ ମାତ୍ର ୬ଟି ରୁମ୍ ପାଇଁ ଅନୁମତି ଥିବା ବେଳେ ଏଠାରେ ବେଆଇନ ଭାବେ ୨୦ରୁ ଅଧିକ ରୁମ୍ ନିର୍ମାଣ କରାଯାଇଥିଲା। ଏହି ଦୁର୍ଘଟଣା ପରେ ସରକାର ସମଗ୍ର ସହରରେ ଥିବା ହୋଟେଲ, ମେଡିକାଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର କଡ଼ା ଯାଞ୍ଚ କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସକାଳ THE SAKALA
ଶୁକ୍ରବାର ୫ ଜୁନ୍, ୨୦୨୬






ରଥଖଳାରୁ... ରଥ ଉପରକୁ ଉଠିଲା ଗୟଳ ଓ ଚାରି ନାହାକା

# ପରଲୋକରେ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ

## ଶୋକବ୍ୟକ୍ତ କଲେ ମୋହନ, ନବୀନ

ଭୁବନେଶ୍ୱର, ୪।୬(ସମିସ): ବିଶିଷ୍ଟ କବି, ଔପନ୍ୟାସିକ, ନାଟ୍ୟକାର, ସମାଲୋଚକ, ଅନୁବାଦକ ତଥା କଳା-ସଂସ୍କୃତି ଗବେଷକ ଜଗନ୍ନାଥ ପ୍ରସାଦ ଦାସଙ୍କ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଶ୍ରୀ ଦାସଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ, ନାଟ୍ୟ ଓ ସାଂସ୍କୃତିକ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ସାହିତ୍ୟିକ, କଳାକାର, ବୁଦ୍ଧିଜୀବୀ ଓ ରାଜନେତା ତାଙ୍କ ପରଲୋକ ଖବର ଶୁଣି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ଦାସଙ୍କ ପୂର୍ବ ଇଚ୍ଛା ଅନୁଯାୟୀ, ଡାକ୍ତରୀ ପିଲାଙ୍କ ଅନୁଧ୍ୟାନ ଓ ଗବେଷଣା ନିମନ୍ତେ ତାଙ୍କ ପାର୍ଥିବଶରୀରକୁ ପରିବାରଲୋକ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି।



ଶ୍ରୀ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି କହିଛନ୍ତି, ଶ୍ରୀ ଦାସ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନ ଥିଲେ; ବରଂ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ରାଜ୍ୟ ଓ ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ। ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥିବା ଜେ.ପି. ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମଧ୍ୟ 'ଏକ୍ସ'ରେ ସ୍ୱର୍ଗତ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ନବୀନ ଉଲ୍ଲେଖ କରିଛନ୍ତି, ଓଡ଼ିଆ ସାହିତ୍ୟ ଓ କଳା ଜଗତକୁ ସମୃଦ୍ଧ କରିବାରେ ଜେ.ପି ଦାସଙ୍କ ଅତୁଳନୀୟ ଅବଦାନ ଚିରସ୍ମରଣୀୟ। ତାଙ୍କର ଅନେକ କାଳଜୟୀ ସୃଷ୍ଟି ଓ ଅନେକ ଅମୂଲ୍ୟ କୃତି ଓଡ଼ିଆ ସାହିତ୍ୟ ଜଗତରେ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ସାହିତ୍ୟ ସାଧନା ଓ ସୃଜନଶୀଳତା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନବୀନ ସମବେଦନା ଜଣାଇଛନ୍ତି।

୧୯୩୬ ମସିହା ଏପ୍ରିଲ ୨୬ରେ ପୁରୀ ଜିଲ୍ଲାରେ ଜନ୍ମିତ ଜଗନ୍ନାଥ ପ୍ରସାଦ ପିଲାଦିନୁ ଜଣେ ମେଧାବୀ ଛାତ୍ର ଥିଲେ ଓ ସାହିତ୍ୟ ପ୍ରତି ଗଭୀର ରୁଚି ରଖିଥିଲେ। ରେଭେନ୍ସା କଲେଜରେ ପାଠପଢ଼ା ପରେ ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ୧୯୫୮ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ସେ ଦୀର୍ଘ ସମୟ ଧରି ପ୍ରଶାସନିକ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ସରକାରୀ ଚାକିରିର ବ୍ୟସ୍ତତା ମଧ୍ୟରେ ମଧ୍ୟ ସାହିତ୍ୟ ସାଧନାରୁ ସେ କେବେ ବିମୁଖ ହୋଇନଥିଲେ। ୧୯୬୫-୧୯୬୬ ମସିହାରେ କଳାହାଣ୍ଡି ଜିଲ୍ଲାପାଳ ଥିବା ସମୟରେ ଦୁର୍ଭିକ୍ଷ ପରିସ୍ଥିତି ମୁକାବିଲାରେ ତାଙ୍କ କାର୍ଯ୍ୟ ଚିରସ୍ମରଣୀୟ। ୧୯୮୪ ମସିହାରେ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ସମ୍ପୂର୍ଣ୍ଣ ଭାବେ ସାହିତ୍ୟ, କଳା ଓ ସଂସ୍କୃତି ଚର୍ଚ୍ଚାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ରଚିତ 'ପ୍ରଥମ ପୁରୁଷ', 'ଆହ୍ନିକ', 'ପରିକ୍ରମା', 'ଦେଶ କାଳ ପାତ୍ର' ଭଳି ସାହିତ୍ୟିକ କୃତି ତାଙ୍କୁ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। 'ସୂର୍ଯ୍ୟାସ୍ତ ପୂର୍ବରୁ' ଓ 'ସୁନ୍ଦର ଦାସ' ପରି ନୂତନ ଧାରାର ନାଟକ ମାଧ୍ୟମରେ ଜଗନ୍ନାଥ ପ୍ରସାଦ ଦାସ ଓଡ଼ିଆ ରଙ୍ଗମଞ୍ଚକୁ ଏକ ନୂଆ ଦିଗ ପ୍ରଦାନ କରିଥିଲେ। ତାଙ୍କ ନାଟ୍ୟ ସୃଷ୍ଟିରେ ପାରମ୍ପରିକ ଧାରାଠାରୁ ଭିନ୍ନ ଚିନ୍ତା ଓ ଅଭିବ୍ୟକ୍ତିର ଝଲକ ଦେଖିବାକୁ ମିଳୁଥିଲା। ତାଙ୍କ ସାହିତ୍ୟ ସୃଷ୍ଟି କେବଳ ଓଡ଼ିଆ ଭାଷାରେ ସୀମିତ ରହିନଥିଲା, ବିଭିନ୍ନ ଭାଷାରେ ଅନୁବାଦ ହୋଇ ଦେଶ-ବିଦେଶର ପାଠକଙ୍କ ପାଖରେ ପହଞ୍ଚିଥିଲା। ତାଙ୍କ ପ୍ରୟାସରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବହୁ ମୂଲ୍ୟବାନ ସୃଷ୍ଟି ସ୍ୱିଡିସ୍, ଉର୍ଦ୍ଦୁ, ଫରାସୀ ଓ ଇଂରାଜୀ ଭଳି ବିଭିନ୍ନ ଭାଷାର ପାଠକଙ୍କ ନିକଟରେ ପହଞ୍ଚି ପାରିଥିଲା। 'ପରିକ୍ରମା' ପାଇଁ ସେ ଦେଶର ଅନ୍ୟତମ ସମ୍ମାନଜନକ 'ସରସ୍ୱତୀ ସମ୍ମାନ' ଅର୍ଜନ କରିଥିଲେ।

# ଶଗଡ଼କୁ ଧକ୍କା ଦେଲା ହାଇୱା; ଦୁଇ ମୃତ

ସାନଖେମୁଣ୍ଡି,୪।୬(ସମିସ): ବୁଧବାର ବିଳମ୍ବିତ ରାତ୍ର ଜଗନ୍ନାଥପୁର - ପ୍ରତାପଗିରି ରାସ୍ତାରେ ବାଲି ବୋଝେଇ ହାଇୱା ସହ ଶଗଡ଼ ଧକ୍କା ହୋଇଛି। ଏଥିରେ ଶଗଡ଼ ଚାଳକଙ୍କ ସହ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟାଏ ମଇଁଷିର ମୃତ ଘଟିଛି। ମୃତକ ଦ୍ୱୟ ହେଲେ ପ୍ରତାପଗିରି ଗ୍ରାମର ନାଥ ଜେନା ଓ ବିଜୟ ଗୌଡ। ବୁଧବାର ବିଳମ୍ବିତ ରାତ୍ର ଶଗଡ଼ରେ ବାଉଁଶ ଲୋଡ୍ କରି ପ୍ରତାପଗିରିରୁ ଜଗନ୍ନାଥପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ବା ଜଗନ୍ନାଥପୁରରୁ ପ୍ରତାପଗିରି ଅଭିମୁଖେ ଆସୁଥିବା ଗୋଟାଏ ବାଲି ବୋଝେଇ ଟ୍ରକ୍ ଶଗଡକୁ ଧକ୍କା ଦେଲା ଫଳରେ ଶଗଡ଼ରେ ବସିଥିବା ନାଥ ଜେନାଙ୍କ ମୃତ ହୋଇଥିବା ବେଳେ ବିଜୟ ଗୌଡ ଆହତ ହୋଇଥିଲେ। ପୁଲିସ ମୃତକ ଓ ଆହତକୁ ଉଦ୍ଧାର କରି ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାକର ଡାକ୍ତର ନାଥ ଜେନାକୁ ମୃତ ଘୋଷଣା କରିଥିଲେ ଏବଂ ଆହତ ବିଜୟ ଗୌଡ଼ଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟଙ୍କ ମୃତ୍ୟୁ ଘଟିଥିଲା।

## ସାତକୋଶିଆରେ ଅନୁଗୋଳର ନରହନ୍ତା ହାତୀକୁ ତୀବ୍ର ବିରୋଧ

# ଟ୍ରକ୍‌ରେ ବନ୍ଧା ପଡ଼ିଛି ଦନ୍ତା

ମହୁଲଡିହା/ଠାକୁରମୁଣ୍ଡା,୪।୬(ସମିସ): ଅନୁଗୋଳ ଜିଲ୍ଲାରେ ଆତଙ୍କ ଖେଳାଇଥିବା ଏକ ନରହନ୍ତା ଦନ୍ତା ହାତୀକୁ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜର ଦୁଆରସୁଣୀ ଅଞ୍ଚଳରେ ଛଡ଼ାଯିବାକୁ କେନ୍ଦ୍ର କରି ତୀବ୍ର ଉତ୍ତେଜନା ଦେଖାଦେଇଛି। ଗତକାଲି ରାତିଠାରୁ ଏହାକୁ ନେଇ ଉତ୍ତେଜନା ଜାରି ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ରେଞ୍ଜ ଅଫିସ୍ ଘେରାଉ କରିଛନ୍ତି। ଏହି ଦନ୍ତା ପାଇଁ ଜଙ୍ଗଲ ଉପରେ ନିର୍ଭର କରୁଥିବା ଏଠାକାର ବହୁ ଆଦିବାସୀ ପରିବାରଙ୍କ ଜୀବନ-ଜୀବିକା ଗୁରୁତର ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ବିରୋଧ ଯୋଗୁଁ ଦନ୍ତା ସ୍ଥାନାନ୍ତର ପ୍ରକ୍ରିୟା ଅଧାରେ ଅଟକିଛି। ଶେଷ ଖବର ଲେଖା ହେବା ସୁଦ୍ଧା ଦନ୍ତାଟି ସେମିତି ଟ୍ରକ୍‌ରେ ଲଦା ହୋଇ ରହିଥିଲା।

ସୂଚନାନୁଯାୟୀ, ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ରେଞ୍ଜର କୁସୁମଘାଟି ଅଞ୍ଚଳରେ ଗତ କିଛି ଦିନ ଧରି ଉକ୍ତ ଦନ୍ତା ହାତୀଟି ଆତଙ୍କ ଖେଳାଇ ଆସୁଥିଲା। ହାତୀ ଆକ୍ରମଣରେ କିଛି ଲୋକଙ୍କ ମୃତ୍ୟୁ ଘଟିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହାକୁ ନେଇ ଜନଆନ୍ଦୋଳନ ଦେଖାଦେଇଥିଲା। ପରିସ୍ଥିତିକୁ ନଜରରେ ରଖି ବନ ବିଭାଗ ହାତୀକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ, ହାତୀକୁ ଟ୍ରାଙ୍କୁଲାଇଜ୍ କରି 'ଐରାବତ ସ୍ୱତନ୍ତ୍ର ପରିବହନ ଟ୍ରକ୍' ଯୋଗେ ଗତରାତିରେ ଦୁଆରସୁଣୀ ଅଞ୍ଚଳକୁ ଅଣାଯାଇଥିଲା। ଗତ ରାତି ପ୍ରାୟ ୧୦ଟାରେ ହାତୀ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ



ଏହି ହାତୀ ସ୍ଥାନାନ୍ତରକୁ ବିରୋଧ କରିଥିଲେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ଅଞ୍ଚଳ ଓ ଆଖପାଖରେ ବହୁ ସଂଖ୍ୟକ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନେ ଜୀବନଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। ପ୍ରତିଦିନ ସେମାନେ ଜଙ୍ଗଲରୁ ମହୁଲ ଫୁଲ, ବିଭିନ୍ନ ଫଳ, କନ୍ଦ ଓ ଅନ୍ୟାନ୍ୟ ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ଚଳାଇଥା'ନ୍ତି। ଏଭଳି ସ୍ଥିତିରେ ଏକ ନରହନ୍ତା ହାତୀକୁ ଏହି ଅଞ୍ଚଳରେ ଛାଡ଼ି ଦିଆଗଲେ ଲୋକଙ୍କ ଜୀବନ ଓ ଜୀବିକା ଉପରେ ତାହାର ଗୁରୁତର ପ୍ରଭାବ ପଡ଼ିବ।

ଖବର ପାଇ ଆଜି ସକାଳେ ବହୁ ଲୋକ ଏକତ୍ରିତ ହୋଇ ରେଞ୍ଜ ଅଫିସ୍ ଘେରାଉ କରିଥିଲେ। ଯେଉଁ ହାତୀକୁ ଅନୁଗୋଳରେ ଲୋକଙ୍କ ସୁରକ୍ଷା ପାଇଁ ଏଠାକୁ ସ୍ଥାନାନ୍ତର କରାଯାଇଛି, ତାକୁ ସରକାର ଶିମିଳିପାଳ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କ

**ରେଞ୍ଜ ଅଫିସ୍ ଘେରାଉ**

ଅଞ୍ଚଳକୁ ନେଇ ଯାଆନ୍ତୁ। ନରହନ୍ତା ହାତୀକୁ ଏକ ଜନବସତିପୂର୍ଣ୍ଣ ଅଞ୍ଚଳରେ ଛାଡ଼ିବା କେତେଦୂର ଯୁକ୍ତିସଙ୍ଗତ, ତାହା ବନ ବିଭାଗ ସ୍ପଷ୍ଟ କରିବା ଉଚିତ ବୋଲି ସେମାନେ ଦାବି କରିଛନ୍ତି। ଘଟଣାକୁ ନେଇ ବନ ବିଭାଗର କିଛି ପ୍ରତିକ୍ରିୟା ଦେଉ ନଥିବା ବେଳେ ଏପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଶେଷ ଖବର ଲେଖା ହେବା ସୁଦ୍ଧା ହାତୀକୁ ସ୍ଥାନୀୟ ରେଞ୍ଜ ଅଞ୍ଚଳରେ ନ ଛାଡ଼ିବା ପାଇଁ ସାଧାରଣରେ ଦାବି ହେଉଛି।

## ସୌମ୍ୟ ହତ୍ୟା ମାମଲା: ୪ର୍ଥ ଦିନରେ ଏନ୍‌ଏଚ୍‌ଆର୍‌ସି ତଦନ୍ତ

# ବାନ୍ଧବୀଙ୍କ ସମେତ ୫ ପୁଲିସ ଅଧିକାରୀଙ୍କୁ ମାରାଥନ ଜେରା

ଭୁବନେଶ୍ୱର,୪।୬(ସମିସ): ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆରସି) ଙ୍କ ଟିମ୍ ଖିଅ ଖୋଜୁଛି। ସୌମ୍ୟ ହତ୍ୟା ପାଇଁ କିଏ ଦାୟୀ କିଏ? ପୁଲିସ କିଭଳି ଭାବେ ଅବହେଳା ରହିଥିଲା? କେଉଁ ପରିସ୍ଥିତିରେ ତାଙ୍କ ମାନବାଧିକାରକୁ ଉଲଂଘନ କରାଯାଇଛି? ହତ୍ୟା ମାମଲାରେ କିଛି ଷଡ଼ଯନ୍ତ୍ର ଥିଲା କି? କେଉଁ ପରିସ୍ଥିତିରେ ଲୋକମାନେ ଏଭଳି ବର୍ବର କାଣ୍ଡ ଘଟାଇଥିଲେ, ଏସବୁ ଦିଗକୁ ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ତଥ୍ୟ ହାସଲ କରୁଛି। ଚତୁର୍ଥ ଦିନରେ କମିସନଙ୍କ ଦୁଇ ଜଣିଆ ଟିମ୍ ସବୁ ଦିଗକୁ ନେଇ ଛାନ୍‌ଭିନ୍ ଚଳାଇଛି। ରାଜ୍ୟ ଅତିଥି ଭବନରେ ସୌମ୍ୟ ହତ୍ୟାକାଣ୍ଡର ଗୁମର ଖୋଲୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ଗୁରୁବାର ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ସୌମ୍ୟଙ୍କ ବାନ୍ଧବୀ ହାଜର ହୋଇଥିଲେ। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଏନ୍‌ଏଚ୍‌ଆରସିଙ୍କ ଟିମ୍ ତାଙ୍କୁ ସୌମ୍ୟଙ୍କ ବାବଦରେ ପଚରାଉଚରା କରିଥିଲେ। ସେ ଫେରିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ କହିଥିଲେ, ଯାହା କହିବା କଥା ମୁଁ ଏନ୍‌ଏଚ୍‌ଆରସିଙ୍କୁ କହିଦେଇଛି। ସୌମ୍ୟ ମୋ ବନ୍ଧୁ ଥିଲେ। ଇନକ୍ୱାରୀ ପାଇଁ ଆସିଥିଲି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସୌମ୍ୟଙ୍କ ମୃତଦେହର ପଞ୍ଚନାମା ବେଳେ ଉପସ୍ଥିତ ଥିବା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଆଜି ଏନ୍‌ଏଚ୍‌ଆରସିଙ୍କ ନିକଟରେ ମଧ୍ୟ ହାଜର ହୋଇଥିଲେ। ତେଣୁ ସୌମ୍ୟଙ୍କ କିଭଳି ପଞ୍ଚନାମା ହୋଇଥିଲା। ସେ ସମୟରେ ମୃତଦେହର କେଉଁ ସ୍ଥାନରେ ସବୁ ଆଘାତ ଥିଲା ଆଦି ବିଷୟରେ ସେ ତଥ୍ୟ ଦେଇଛନ୍ତି।

ସେହିପରି କଟକ ଜିଆର୍‌ପି ଏସ୍‌ପିଙ୍କ ଅଫିସରେ ବି ତନାଘନା ହୋଇଛି। ଜିଆର୍‌ପିର ଜଣେ ବରିଷ୍ଠ ଅଧିକାରୀ ଏନ୍‌ଏଚ୍‌ଆରସିଙ୍କ ଜେରାର ସମ୍ମୁଖୀନ ହେଉଛନ୍ତି। ମାମଲାର ତଦନ୍ତ ଅଧିକାରୀ ଥିବା କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥି, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଜୋନ-୪ ଏସିପି ଅଭିମନ୍ୟୁ ନାୟକ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଅପରାହ୍ନରେ କଟକ ଜିଆରପି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏନ୍‌ଏଚ୍‌ଆରସିଙ୍କ ଟିମ୍ ପହଞ୍ଚିଥିଲା। ମୃତ ସୌମ୍ୟଙ୍କ ବାବଦରେ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା।

## ୨୪ ମାସର ସରକାରଙ୍କ ୨୪ ବିଫଳତା ବଖାଣିଲା ବିଜେଡି

# ହିଂସ୍ରକ ଅପରାଧରେ ଓଡ଼ିଶା ୧ନମ୍ବର, ମହିଳା ହିଂସାରେ ୨ ନମ୍ବର

ଭୁବନେଶ୍ୱର,୪।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂରଣ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ସଫଳତାକୁ ନେଇ କରିଥିବା ଏକ ପୋଷ୍ଟକୁ କଟାକ୍ଷ କରିଛି ବିଜେଡି। ୨୪ ମାସର ସରକାରରେ ଓଡ଼ିଶା ହିଂସ୍ରକ ଅପରାଧରେ ଏକନମ୍ବର ସ୍ଥାନରେ ଓ ମହିଳା ହିଂସାରେ ୨ ନମ୍ବର ସ୍ଥାନରେ ରହିଛି । ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କୃଷି, ଆର୍ଥିକ ପରିଚାଳନା, ଆଇନ ଶୃଙ୍ଖଳା ଆଦି ସମସ୍ତ କ୍ଷେତ୍ରରେ ଓଡ଼ିଶା ତଳକୁ ତଳକୁ ଖସିଛି। ରାଜ୍ୟର ଅଭିବୃଦ୍ଧି କମିଛି, ଋଣ ନିର୍ଭରଶୀଳତା ବଢ଼ିଛି; ସର୍ବୋପରି ୨୪ ମାସ ମଧ୍ୟରେ ସରକାର ୨୩ଟି ପରିଚାଳନାରେ ବିଫଳତା ଅର୍ଜନ କରିଛନ୍ତି ବୋଲି ବିଜେଡି କହିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାରକୁ ଆସିବା ପରେ ଯୌନ ନିର୍ଯାତନାରେ ୧୮ ସାଧାରଣ ସ୍ଥାନରେ ଥିବା ଓଡ଼ିଶା ଦେଶରେ ଏକନମ୍ବର ରାଜ୍ୟରେ ପହଞ୍ଚିଛି। ମହିଳା ହିଂସାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୪ ତୁଳନାରେ ୨୦୨୫ରେ ଅପରାଧ ୭.୩ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଆଇନ ଶୃଙ୍ଖଳା ନୁହେଁ, ଶିଳ୍ପାୟନ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଜେଡି ସରକାର

- କମିଛି ରାଜ୍ୟର ଅଭିବୃଦ୍ଧି ହାର, ଋଣ ଉପରେ ସରକାର ନିର୍ଭରଶୀଳ
- ୨୩ ପରୀକ୍ଷା ପରିଚାଳନାରେ ବିଫଳତା ସରକାରଙ୍କ ଏକମାତ୍ର ସଫଳତା


ଗଠନ ପରେ ଜେଏସଡବ୍ଲ୍ୟୁ ଇଭି, ଆର୍ସେଲର ମିତ୍ତଲ୍ ଷ୍ଟିଲ୍, ଏସ୍. ରାମ୍ ଏନ୍. ରାମ୍ ସେମିକଣ୍ଡକ୍ଟର, ୱାରି ସୋଲାର, ୱେଲସ୍ପନ ପ୍ରକଳ୍ପ ସମେତ ଅନେକ ବଡ଼ ପ୍ରକଳ୍ପ ଓଡ଼ିଶାରୁ ପ୍ରସ୍ଥାନ କରିଛନ୍ତି। ରପ୍ତାନୀ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୦୨୨ରେ ୧୧ତମ ସ୍ଥାନରୁ ୨୦୨୪ରେ ୧୫ ତମକୁ ଖସିଛି। ଜାତୀୟ ଷ୍ଟାର୍ଟଅପ୍ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୦୨୨ରେ ୬ଷ୍ଠ ସ୍ଥାନରୁ ୨୦୨୫ରେ ୨୦ ସ୍ଥାନକୁ ଖସିଛି। ରାଜ୍ୟରେ ୨୩ଟି ପରୀକ୍ଷା ବିଫଳତା ଓ କେଳେଙ୍କାରୀ ସାମ୍ନାକୁ ଆସିଛି, ୧୮ ମାସରେ ୧୮୫ଟି ହାତୀଙ୍କ ମୃତ୍ୟୁ ଘଟିଛି। କୃଷି ଅଭିବୃଦ୍ଧି ଅଧା ହ୍ରାସ ପାଇ ୭.୬ ପ୍ରତିଶତରୁ ୩.୮ ପ୍ରତିଶତକୁ ଓ ଶିଳ୍ପ ଅଭିବୃଦ୍ଧି ୮.୭ ପ୍ରତିଶତରୁ ୬.୧ ପ୍ରତିଶତକୁ କମିଛି। ୨୦୨୩-୨୪ରେ ଅଭିବୃଦ୍ଧି ହାର ୯.୬ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୭.୨ ପ୍ରତିଶତ ଏବଂ ୨୦୨୫-୨୬ରେ ଏହା ୭.୯ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାକୁ ମାତ୍ର ୩୯ କୋଟି ଟଙ୍କା ଏଫଡିଆଇ ଆସିଛି, ଯାହା ଦେଶର ମୋଟର ମାତ୍ର ୦.୦୦୯ ପ୍ରତିଶତ । ରାଜ୍ୟ ବଜେଟ୍ ମୁଖ୍ୟତଃ ଋଣ ଉପରେ ନିର୍ଭରଶୀଳ ଥିବାବେଳେ ମୋଟ ପବ୍ଲିକ୍ ଋଣ ୧.୩୮ ଲକ୍ଷ କୋଟି ଟଙ୍କା, ଯାହାର ୪୦ ପ୍ରତିଶତ ଉଚ୍ଚ ସୁଧର ଖୋଲା ବଜାର ଋଣ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅପରପକ୍ଷେ ୨୦୨୫-୨୬ ବଜେଟର ମାତ୍ର ୫୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବଜେଟରୁ ସରକାର ୪୫୩ କୋଟି ଟଙ୍କା କାଟି ଦେଇଛନ୍ତି। ଭାରତରେ ସର୍ବାଧିକ ମୁଦ୍ରାସ୍ଫୀତି ହାର ଓଡ଼ିଶାରେ ୭.୨୨ ପ୍ରତିଶତ, ଯାହା ରାଜ୍ୟର ଦୁର୍ବଳ ପ୍ରଶାସନିକ ପରିଚାଳନାକୁ ରେଖାଙ୍କିତ କରୁଛି ଏବଂ ଏହି ଅବଧି ମଧ୍ୟରେ ସରକାର କେବଳ ୨୮ଟି ଯୋଜନାର ନାମ ବଦଳ କରିଛନ୍ତି ବୋଲି ବିଜେଡି କହିଛି ।

# ଶିମିଳିପାଳ ପାଦଦେଶରେ ସପ୍ତମ-ଅଷ୍ଟମ ଶତାବ୍ଦୀର ପ୍ରାଚୀନ ଶିଳାଲେଖ

ବାରିପଦା, ୪।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୁଣି ଏକ ପ୍ରାଚୀନ ଐତିହାସିକ କୀର୍ତ୍ତିରାଜିର ସନ୍ଧାନ ମିଳିଛି। ଶିମିଳିପାଳ ଜୈବମଣ୍ଡଳ ପାଦଦେଶ ଶାମାଖୁଣ୍ଟା ବ୍ଲକର କାଳାପଥର ପଞ୍ଚାୟତ ଅନ୍ତର୍ଗତ ଛାଡ଼କଟା ଗ୍ରାମର ପାଲଢା ଶାଳୁଆ ଜଙ୍ଗଲରେ ବହୁ ପୁରାତନ ଏକ ଶିଳାଲେଖ ବା ରକ୍-ଆର୍ଟ ଏବେ ଲୋକଲୋଚନକୁ ଆସିଛି। ଏହା ମୟୂରଭଞ୍ଜ ତଥା ଉତ୍ତର ଓଡ଼ିଶାର ଇତିହାସକୁ ଏକ ନୂଆ ମୋଡ଼ ଦେଇପାରେ ବୋଲି ଆଲୋଚନା ହେଉଛି।

ଶିମିଳିପାଳ ପାଦଦେଶରୁ ମାତ୍ର ୫କିଲୋମିଟର ଦୂରରେ, ଛାଡ଼କଟା ଗ୍ରାମର ବଡ଼ାମଖାଲ ନାମକ ଏକ ଛୋଟ ନାଳର କୂଳରେ ରହିଛି ଏକ ପ୍ରାଚୀନ ପଥର। ଏହା ଏକ ସେଡିମେଣ୍ଟାରୀ ରକ୍ ବା ଅବସାଦୀ ଶିଳା ହୋଇଥିବା ବେଳେ ଏଥିରେ ଅନେକଗୁଡ଼ିଏ ଚିତ୍ର ଖୋଦିତ ହୋଇଛି। ଏହାକୁ 'ଅକ୍ଷର ଶିଳା' ବୋଲି କୁହାଯାଉଛି। ଏଠାରେ ମାନବ ଓ ପଶୁ ଆକୃତିର ପ୍ରାଚୀନ ଖୋଦନ ସହ ସପ୍ତମରୁ ଅଷ୍ଟମ ଶତାବ୍ଦୀ ଖ୍ରୀଷ୍ଟାବ୍ଦର ଏକ ଦୁର୍ଲଭ ସଂସ୍କୃତ ଶିଳାଲେଖ ମିଳିଛି। ଯାହା ସିଦ୍ଧମାତୃକା ଲିପିରେ ଲେଖାଯାଇଛି। ଏଠାରେ ଏକ ନାରୀ ମୂର୍ତ୍ତି ପାରମ୍ପରିକ 'ତ୍ରିଭଙ୍ଗ' ଭଙ୍ଗୀରେ ରହିଥିବା ବେଳେ ଖଡ୍‌ଗ ଓ ଢାଲ ଧାରଣ କରିଥିବା ଜଣେ ଯୋଦ୍ଧାଙ୍କ ଚିତ୍ର ଏବଂ ଛେଳି କିମ୍ବା ହରିଣ ସଦୃଶ ଏକ ପଶୁ ଆକୃତି ଚିତ୍ର ଖୋଦିତ କରାଯାଇଛି।

ସିଦ୍ଧମାତୃକା ଲିପିରେ ଲିଖିତ ଶିଳାଲେଖରେ ଉଲ୍ଲେଖ ରହିଛି, ଯାହା ସୂର୍ଯ୍ୟ ଉପାସନାରେ





ନିୟୋଜିତ 'ବର୍ତ୍ତିକା' ନାମକ ଜଣେ ମହିଳା ତପସ୍ୱିନୀଙ୍କ ସନ୍ଦର୍ଭ ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି। ଏହାସହ ପରବର୍ତ୍ତୀ ମଧ୍ୟଯୁଗୀୟ ସମୟର ଏକ କ୍ଷୟପ୍ରାପ୍ତ ଓଡ଼ିଆ ଲିପି ମଧ୍ୟ ଏହି ଶିଳାଫଳକରେ ଦେଖିବାକୁ ମିଳିଛି।

ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଅନୁସାରେ, ଏଠାରେ ଥିବା ଏହି ରକ୍-ଆର୍ଟ ସେହି ସମୟର ମଣିଷ ଚାଲିଚଳଣୀ, ଧାର୍ମିକ ଉପାସନା, ବସ୍ତ୍ର ପରିଧାନ, ଯୁଦ୍ଧ କୌଶଳ, ଯାହା ଖଣ୍ଡା-ଢାଲ ଧରି ଲଢ଼େଇ କରୁଥିବା ଦୃଶ୍ୟ ଏବଂ ବିଭିନ୍ନ ଜୀବଜନ୍ତୁଙ୍କ ଚିତ୍ର, ସେହି ସମୟର ପରିବେଶ ଓ ଜୀବନଶୈଳୀ ଉପରେ ସୂଚନା ପ୍ରଦାନ କରୁଛି। ଏହି ସ୍ଥାନର ଏକ ସ୍ୱତନ୍ତ୍ର ଐତିହାସିକ ଓ ଧାର୍ମିକ ଗୁରୁତ୍ୱ ରହିଛି। ଏଠାରେ ସିଦ୍ଧମାତୃକା ଲିପିରେ ସଂସ୍କୃତ ଏବଂ ପ୍ରାଚୀନ ଓଡ଼ିଆ ଭାଷାରେ ଶିଳାଲେଖରୁ ସେ ସମୟରେ ଏହି ଅଞ୍ଚଳରେ 'ସୂର୍ଯ୍ୟ ଉପାସନା' ବା ପ୍ରକୃତି ପୂଜାର ପ୍ରଚଳନ ଥିବା ସ୍ପଷ୍ଟ ସୂଚନା ମିଳୁଛି ବୋଲି ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ସହକାରୀ ପ୍ରଫେସର୍ ଡ. ବସନ୍ତ କୁମାର ମହାନ୍ତ କହିଛନ୍ତି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜିଆଇଏସ୍ ଓ ରିମୋଟ୍ ସେନ୍ସିଂ ବିଭାଗର ପ୍ରଫେସର୍ ଡ. ଦେବବ୍ରତ ନନ୍ଦୀ ପ୍ରାୟ ୭/୮ ବର୍ଷ ପୂର୍ବେ ପ୍ରଥମେ ଏହାକୁ ଚିହ୍ନଟ କରିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପୁରୀ ସର୍କଲର ବୈଜ୍ଞାନିକ ଡ. ଡି.ବି ଗଡ଼ନାୟକଙ୍କ ସହ ଏକ ଦଳ ମଧ୍ୟ ଏହି ସ୍ଥାନ ପରିଦର୍ଶନ କରିବା ପରେ ଏହା ଉପରେ ଏକ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଛି।

ଶିମିଳିପାଳ ପାଦଦେଶରେ ଏଭଳି ରକ୍-ଆର୍ଟ ମିଳିବା ଏହା ପ୍ରଥମ ଘଟଣା। ଏହା ଏକ ସେଡିମେଣ୍ଟାରୀ ରକ୍, ଯାହା ନରମ ହୋଇଥିବାରୁ ସେ ସମୟର ଲୋକେ ଏଥିରେ ସହଜରେ ଚିତ୍ର ଖୋଦେଇ କରିପାରିଥିଲେ। ଯଦିଓ ଏହି ଅଞ୍ଚଳ ଐତିହ୍ୟ ଦୃଷ୍ଟିରୁ ସମୃଦ୍ଧ, କିନ୍ତୁ ଏ ପର୍ଯ୍ୟନ୍ତ ସରକାର କିମ୍ବା ଶିକ୍ଷାନୁଷ୍ଠାନ ପକ୍ଷରୁ ଏହାକୁ ଯେତିକି ଗୁରୁତ୍ୱ ମିଳିବା କଥା ମିଳିନାହିଁ। ଏହାକୁ ଏକ ମଲ୍ଟି-ଡିସିପ୍ଲିନାରୀ ଗବେଷଣା କରାଗଲେ, ଓଡ଼ିଶାର ଏହି ଲୁକ୍କାୟିତ ଇତିହାସକୁ ପୁନଃଉଦ୍ଧାର କରାଯାଇପାରିବ ବୋଲି ଡ. ନନ୍ଦୀ ପ୍ରକାଶ କରିଛନ୍ତି।

## ଭଦ୍ରକ ଜିଲ୍ଲାର ୪୯ ସରକାରୀ ମଦ ଦୋକାନ ପାଇ ପାଇଁ ଲଟେରୀ ଉଠାଣ

# ୧୧ ସରକାରୀ ମଦ ଦୋକାନର ମହିଳା ମାଲିକ

ଭଦ୍ରକ, ୪।୬ (ସମିସ): ଭଦ୍ରକ ଜିଲ୍ଲାରେ ଏଥର ଲଟେରୀ ମାଧ୍ୟମରେ ସରକାରୀ ଦେଶୀ ଓ ବିଦେଶୀ ମଦ ଦୋକାନ ବଣ୍ଟନ କରାଯାଇଛି। ୪୯ଟି କାଉଣ୍ଟର ବିଜେତା ତାଲିକାରେ ୧୧ଟି କାଉଣ୍ଟରର ମାଲିକ ହେଇଛନ୍ତି ମହିଳା। ଅବଶିଷ୍ଟ ୩୮ ଜଣ ପୁରୁଷ ବିଜେତା ହୋଇଛନ୍ତି। ଅର୍ଥାତ୍ ୨୨ପ୍ରତିଶତ ସରକାରୀ ମଦ ଦୋକାନୀ ମାଲିକାନା ମହିଳାଙ୍କ ହାତରେ। ଅନ୍ୟପକ୍ଷରେ ମଦ ଦୋକାନ ଖୋଲିବା ପାଇଁ ମହିଳାଙ୍କ ଭିତରେ ଏଭଳି ଆଗ୍ରହ ସୃଷ୍ଟି ହେବା ଭଳି ଉଦ୍‌ବେଗଜନକ ଚିତ୍ର ସାମ୍‌ନାକୁ ଆସିଛି। ଭଦ୍ରକ ସହର ଚରମ୍ପା ସରକାରୀ ବିଦେଶୀ ଦୋକାନ ୧ ଓ ୨ ଲାଗି ଲଟେରୀ ହୋଇ ନ ଥିବା ଜଣାଯାଇଛି।

ଜିଲ୍ଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ସୂଚନାନୁଯାୟୀ, ଚଳିତ ଲଟେରୀରେ ମଦ ଦୋକାନ ମାଲିକ ହୋଇଥିବା ୧୧ଜଣ ମହିଳାଙ୍କ ମଧ୍ୟରେ ୭ଜଣ ବିଦେଶୀ ଠିପିବନ୍ଦ ମଦ ଦୋକାନ ମାଲିକାଣୀ। ଏମାନେ ହେଲେ ଏଡତାଳ ଠିପିବନ୍ଦ ବିଦେଶୀ ମଦ ଦୋକାନ ସବିତା ମାରାଠି, ଚୂଡ଼ାମଣି ଠିପିବନ୍ଦ ଦୋକାନ ରୂପାଲି ସାହୁ, ଦୋବଲ ଠିପିବନ୍ଦ ସରକାରୀ ବିଦେଶୀ ମଦ ଦୋକାନ ମହେଶ୍ୱତା ରାଉତ, ଭଦ୍ରକ ନଂ-୧ ଠିପିବନ୍ଦ ବିଦେଶୀ ମଦ ଦୋକାନ ସ୍ନେହଲତା ସାମଲ, ମତୋ ବଜାର ବିଦେଶୀ ମଦ ଦୋକାନ ସାଇପ୍ରୀତି ଦାସ ପଟ୍ଟନାୟକ, ଧାମରା ସରକାରୀ ବିଦେଶୀ ଠିପି ବନ୍ଦ ଦୋକାନ ଶୁଭଶ୍ରୀ ପତି ଓ ବ୍ରାହ୍ମଣୀଗାଁ ସରକାରୀ ଠିପିବନ୍ଦ ବିଦେଶୀ ମଦ ଦୋକାନର ମାଲିକାଣୀ ଆଶାମଣି ପଣ୍ଡା। ସେହିଭଳି ୪ଜଣ ସରକାରୀ ଦେଶୀ ମଦ ଦୋକାନର ମାଲିକାଣୀ ହେଲେ ରାଜଘରପୋଖରୀ ସରକାରୀ ଦେଶୀ ମଦ ଦୋକାନ ଲିପିକା ନାୟକ, ବେତଡ଼ା ବଜାର ସରକାରୀ ଦେଶୀ ମଦ ଦୋକାନ ଝାନିରା ବିବି, ଘଣ୍ଟେଶ୍ୱର ସରକାରୀ ଦେଶୀ ମଦ ଦୋକାନ ମିନତିଲତା ସ୍ୱାଇଁ ଓ ଧାମରା ସରକାରୀ ଦେଶୀ ମଦ ଦୋକାନ ବିଦ୍ୟୁତ୍‌ପ୍ରଭା ସାହୁ। ମଦ କାରବାରକୁ ମହିଳାମାନେ କଡ଼ା ବିରୋଧ କରୁଥିବାବେଳେ ଭଦ୍ରକ ଜିଲ୍ଲାରେ ୧୧ଜଣ ମହିଳା ମଦ ଦୋକାନ ମାଲିକ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଶିମିଳିପାଳରେ କଳାବାଘ ଜେନେଟିକ୍ ପରିବର୍ତ୍ତନ ଓ ବାଘସଂଖ୍ୟା ବୃଦ୍ଧି ଯୋଜନା ଫଳପ୍ରଦ

# ୪ ଶାବକର ମାଆ ଜିନ୍ନତ ପରେ ଯମୁନା ଉପରେ ନଜର

**ବାରିପଦା, ୪।୬(ସମିସ)**

ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରୁ ଏକ ବଡ଼ ଖୁସି ଖବର ଏବେ ଚର୍ଚ୍ଚାରେ। ଶିମିଳିପାଳରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ମହାବଳ ବାଘୁଣୀ ମଧ୍ୟରୁ ଜିନ୍ନତ କୋଳରେ ଏବେ ୪ଟି ସୁସ୍ଥ ଶାବକ। ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି। ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୨ଟି ବାଘ ଶାବକ ଜନ୍ମ ନେଇଛନ୍ତି। ୫ଟି ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନ୍ନତ ୪ଟି ଶାବକ ଜନ୍ମ ଦେଇଛି। ଯାହାକୁ ନେଇ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କଳାବାଘ ଫଟୋକୁ ସୋସିଆଲ ମିଡିଆ ଏକ୍ସ ଯୋଗେ ସେୟାର କରିଛନ୍ତି। ଏହି ଖବର ଶିମିଳିପାଳ ଓ ରାଜ୍ୟବାସୀଙ୍କ ମଧ୍ୟରେ ଖୁସି ଆଣିଦେଇଛି।

ଏହି ବଡ଼ ସଫଳତା ସମ୍ପର୍କରେ ସୂଚନା ଦେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, ୨୦୨୪ରେ ବାଘୁଣୀ ଜିନ୍ନତକୁ ଶିମିଳିପାଳର କୋର୍ ଏରିଆରେ ଛଡ଼ାଯାଇଥିଲା। ବାଘୁଣୀର ଗତିବିଧି ଉପରେ ଜିପିଏସ୍ ସାଟେଲାଇଟ୍ କଲାର, ଭିଏଚ୍‌ଏଫ୍ ଓ କ୍ୟାମେରା ଟ୍ରାପ୍ ମାଧ୍ୟମରେ କ୍ରମାଗତ ନଜର ରଖାଯାଉଥିଲା। ୨୦୨୪ ଡିସେମ୍ବର ୮ ତାରିଖ ରାତିରେ ଜିନ୍ନତ ଶିମିଳିପାଳ ଛାଡ଼ିବା ସହ ଓଡ଼ିଶା ସୀମା ଡେଇଁ ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ଜଙ୍ଗଲକୁ ଚାଲିଯାଇଥିଲା। ଫଳରେ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ତିନୋଟି ରାଜ୍ୟର



ବନ ବିଭାଗ ଓ ସରକାରଙ୍କ ନିଦ ହଜିଯାଇଥିଲା। ଦୀର୍ଘ ୨୨ ଦିନ ପରେ ଡିସେମ୍ବର ୨୯ ତାରିଖରେ ଜିନତକୁ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ଗୋସାଇଁଡିହି ଗ୍ରାମ୍ୟ ଜଙ୍ଗଲରେ ଟ୍ରାଙ୍କୁଲାଇଜ୍ କରି ଉଦ୍ଧାର ପୂର୍ବକ ପୁନର୍ବାର ଶିମିଳିପାଳ ଅଣାଯାଇଥିଲା। ଏହାପରେ ଜିନତ କ୍ରମଶଃ ଶିମିଳିପାଳ ପରିବେଶରେ ନିଜକୁ ପରିବର୍ତ୍ତନ କରିଥିଲା ଓ ଅନ୍ୟ ବାଘଙ୍କ ସହ ମିଶାମିଶି ଆରମ୍ଭ କରିଥିଲା। ପରେ ଶିମିଳିପାଳ ବାଘବଂଶ ବୃଦ୍ଧିରେ ବଡ଼ ଆଶା ସୃଷ୍ଟି ହୋଇଥିଲା। ମେ ୨୮ ତାରିଖରେ ମିଳିଥିବା କ୍ୟାମେରା ଟ୍ରାପ୍ ଚିତ୍ରରୁ ଜଣାପଡ଼ିଛି ଯେ ବାଘୁଣୀ ଜିନତ ୪ଟି ଶାବକ ଜନ୍ମ କରିଛି ଓ ସମସ୍ତଙ୍କୁ ପାଟିରେ ଜାକି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଉଛି। ଶାବକଙ୍କ ବୟସ ପ୍ରାୟ ୩ରୁ ୪ ସପ୍ତାହ ହେବ ଓ ସେମାନେ ମେ' ମାସର ପ୍ରଥମ ସପ୍ତାହ ଆଡ଼କୁ ଜନ୍ମ ହୋଇଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ସମସ୍ତେ ନିଜେ ଚାଲିବା ସ୍ଥିତିରେ ନାହାନ୍ତି। ସୁରକ୍ଷା ଦୃଷ୍ଟିରୁ ସାଧାରଣତଃ ମା' ବାଘୁଣୀ ଶିକାରୀ ଓ ଅନ୍ୟ ଜନ୍ତୁଙ୍କଠାରୁ ଦୂରେଇ ରଖିବା ପାଇଁ ସ୍ଥାନ ପରିବର୍ତ୍ତନ କରୁଛି। ଡ. ଗୋଗିନେନୀ

### ବର୍ଷକରେ ଶିମିଳିପାଳରେ ୧୨ ଶାବକ

ଆହୁରି ମଧ୍ୟ କହିଛନ୍ତି, ଶାବକଗୁଡ଼ିକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା, କଳା ବାଘ ସହିତ ଜିନତର ମିଳନ ହୋଇଥିଲେ ମଧ୍ୟ ଶାବକଗୁଡ଼ିକ ସାଧାରଣ ମହାବଳ ରଙ୍ଗର ହୋଇଛନ୍ତି। କାରଣ ବାଘୁଣୀର ଜିନ୍ ଡମିନାଣ୍ଟ (ପ୍ରଭାବଶାଳୀ) ଅଟେ। ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ସେମାନଙ୍କର ଅତି ନିକଟକୁ ଯାଉନାହିଁ। ହେଲେ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି।

ଶିମିଳିପାଳ ଅଭୟାରଣ୍ୟ ରୟାଲ ବେଙ୍ଗଲ ଟାଇଗର ପାଇଁ ବିଶ୍ୱ ପ୍ରସିଦ୍ଧ ଲାଭ କରିଛି। ଉତ୍ତମ ଜଳବାୟୁ, ସୁରକ୍ଷିତ ବାସସ୍ଥାନ ଓ ଖାଦ୍ୟଶୃଙ୍ଖଳ ପାଇଁ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ ଭାବେ ନ୍ୟାସନାଲ ଟାଇଗର କନର୍ଜଭେସନ ଅଥରିଟି ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଏପରି ସ୍ଥଳେ ଶିମିଳିପାଳରେ ବିରଳ ପ୍ରଜାତିର କଳାବାଘ ରହୁଥିବାବେଳେ ଏହାର ଜେନେଟିକ୍‌ରେ ପରିବର୍ତ୍ତନ ପାଇଁ ବାହାର ରାଜ୍ୟରୁ ବାଘ ଅଣାଯାଇଛି। ବର୍ତ୍ତମାନ ଶିମିଳିପାଳରେ ଜିନତ ଓ ଯମୁନାକୁ ମିଶାଇ ମୋଟ ବାଘ ସଂଖ୍ୟା ୪୧ରେ ପହଞ୍ଚିଛି। ସେଥିମଧ୍ୟରୁ ୨୯ଟି ମହାବଳ ଓ ୧୨ଟି ଶାବକ ରହିଛନ୍ତି। ଜିନତର ୪ ଶାବକ ଜନ୍ମ ଖବରକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପାଇଁ ଏକ ବଡ଼ ସଫଳତା। ଶିମିଳିପାଳରେ ବାଘ ସଂଖ୍ୟା ସୀମିତ ଥିବାରୁ ଓ ବାହାର ବାଘଙ୍କ ସହ ସମ୍ପର୍କ ନ ଥିବାରୁ 'ଇନବ୍ରିଡିଂ' ଯୋଗୁଁ କଳା ବାଘ ସଂଖ୍ୟା ବଢୁଥିଲା। ଯାହା ଏକ ଆନୁବଂଶିକ ସମସ୍ୟା ଥିଲା। ଆମ ମନରେ ଏକ ଆଶଙ୍କା ଥିଲା ଯେ ଜିନତ ପାଖରୁ ସାଧାରଣ ଶାବକ ଜନ୍ମ ହେବ ନା ପୁଣି ମେଲାନିଷ୍ଟିକ ଶାବକ ହେବେ। କିନ୍ତୁ ଜିନତ ୪ଟି ସାଧାରଣ ଓ ସୁସ୍ଥ ଶାବକ ଜନ୍ମ କରି ଶିମିଳିପାଳକୁ ବଡ଼ ଉପହାର ଦେଇଛି। ଏହାଦ୍ୱାରା ଶିମିଳିପାଳରେ ଜେନେଟିକ୍ ବିବିଧତା ବୃଦ୍ଧି ପାଇଛି। ବର୍ତ୍ତମାନ ଆମକୁ ବାଘଙ୍କ ଚଳାପଥ ବା କରିଡରକୁ ସୁରକ୍ଷିତ ଓ ସୁଗମ କରିବାକୁ ହେବ। ଯେପରି ବାହାର ଜିଲ୍ଲା ବା ରାଜ୍ୟର ବାଘ ଏଠାକୁ ଆସିପାରିବେ ଓ ଏଠାକାର ବାଘ ବାହାରକୁ ଯାଇପାରିବେ। ଏହା ହେଲେ ଶିମିଳିପାଳର ବାଘ ବଂଶର ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ହେବ। ତେବେ ଜିନତ କୋଳରୁ ୪ଟି ନୂଆ ଶାବକଙ୍କ ଆଗମନ ପରେ ଏବେ ବାଘୁଣୀ ଯମୁନା ଉପରେ ରହିଛି ସମସ୍ତଙ୍କ ନଜର। ଏ ନେଇ ଶିମିଳିପାଳ କର୍ତ୍ତୃପକ୍ଷ କୋର୍ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଥିବା ନେଇ ସୂଚନା ଦେଇଛନ୍ତି।

## ଜରାଳି ସରାଳି ନଦୀ ପାର୍ଶ୍ୱ ବାସିନ୍ଦାଙ୍କ ପାଇଁ ଜେଏମ୍ଏମ୍‌ର ଦାବିପତ୍ର



**ବାରିପଦା, ୪।୬(ସମିସ):** ଗୁରୁବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରିପଦା ତହସିଲଦାରଙ୍କୁ ଭେଟି ସହର ମଧ୍ୟରେ ଥିବା ଜରାଳି ସରାଳି ନଦୀ ପାଖରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ୧୦ ଓ ୧୫ନଂ ୱାର୍ଡର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଜରାଳି ସରାଳି ନଦୀ ପାଖରେ ମୟୂରଭଞ୍ଜ ଜଳସେଚନ ବିଭାଗ ଦ୍ୱାରା ବନ୍ୟା ପ୍ରତିରୋଧ ପ୍ରାଚୀର ନିର୍ମିତ ହୋଇସାରିଛି। ସେହି ପାଖରେ ବର୍ଷ ବର୍ଷ ଗରିବ ଶ୍ରେଣୀ ଲୋକ ଜୀବନସାରାର ସଞ୍ଚୟ ପୁଞ୍ଜି ଖଟାଇ ମୁଣ୍ଡ ଗୁଞ୍ଜିବା ପାଇଁ ଘର କରିଛନ୍ତି। ବର୍ତ୍ତମାନ ତହସିଲ ପକ୍ଷରୁ ନୂତନ ଯୋଜନା ପାଇଁ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯିବ ବୋଲି ଶୁଣିବାକୁ ମିଳୁଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ମୁଖ୍ୟମନ୍ତ୍ରୀ ନିକଟରେ ଦାବି କରିଛି ଯେ, ଗରିବ ଲୋକଙ୍କ ଘରକୁ ବାଦ ଦେଇ ଯୋଜନା ପ୍ରସ୍ତୁତ କଲେ ସେମାନେ ଉପକୃତ ହୋଇଥା'ନ୍ତେ। କାରଣ, ଅଳ୍ପ ଜମିରେ ସେମାନେ ଘରଟିଏ କରିଛନ୍ତି। ଜିଲ୍ଲା ସଭାପତି କହିଛନ୍ତି, ସରକାର ଗରିବୀ ହଟାନ୍ତୁ ଗରିବକୁ ନୁହେଁ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦିବାକର ସୋରେନ, ସୁଜିତ ବେହେରା, ସହର ସଭାପତି ତରେନ ସେନାପତି, ଅଭିଷେକ ଦଣ୍ଡପାଟ, ସୁନୀଲ ହେମ୍ବ୍ରମ, ପଦ୍ମଲୋଚନ ପାଳ, ସୁକାନ୍ତ ପ୍ରଧାନ, ଗିରିଶ ମହାନ୍ତି ଓ ଅବନୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ହୋ' ସମାଜ ପାଇଁ ଗୌରବ ଆଣିଲେ ବିକ୍ରମ ବିରୁଲି

**ବାରିପଦା/ଶରତ, ୪।୬(ସମିସ):** ଓଡ଼ିଶା ତଥା ସମଗ୍ର ହୋ' ଜନଜାତି ସମାଜ ପାଇଁ ଗୌରବ ଆଣିଛନ୍ତି କିସ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଡିଜିନସ୍ ନଲେଜ୍, ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଧୀନ କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ପ୍ରାଧ୍ୟାପକ ତଥା କିସ୍ ଡିମ୍‌ଡ ୟୁନିଭରସିଟିରୁ ପିଏଚଡି ଉପାଧିପ୍ରାପ୍ତ ଡ. ବିକ୍ରମ ବିରୁଲି। ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ 'ବିର୍ସା ଲାଇଭ୍ସ ଇନ୍ ନ୍ୟୁ ଭାରତ ୱିକ'ରେ ଦେଶର ବିଭିନ୍ନ ରାଜ୍ୟରୁ ମନୋନୀତ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଓ ଗବେଷକ ଅଂଶଗ୍ରହଣ କରିଥିଲେ। ଏହି ଐତିହାସିକ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଆମନ୍ତ୍ରିତ ୧୬୭ ଜଣ ପ୍ରତିଭାବାନ ପ୍ରାର୍ଥୀଙ୍କ ମଧ୍ୟରୁ ଡ଼ ବିକ୍ରମ ବିରୁଲି (୨୯) ହୋ ଜନଜାତି ସମୁଦାୟର ଏକମାତ୍ର ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେହିପରି କିସ୍ ବିଶ୍ୱବିଦ୍ୟାଳୟରୁ ମନୋନୀତ ୪ ଜଣ ପ୍ରତିନିଧିଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନଜାତି ଛାତ୍ରଛାତ୍ରୀ ଓ ଗବେଷକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏ ଅବସରରେ ସେ କହିଥିଲେ, ପ୍ରତିଭାର କୌଣସି ଅଭାବ ନାହିଁ, କେବଳ ତାହାକୁ ଉଚିତ ସୁଯୋଗ, ସଠିକ୍ ମାର୍ଗଦର୍ଶନ ଓ ଏକ ଉପଯୁକ୍ତ ମଞ୍ଚ ମିଳିବା ଆବଶ୍ୟକ। ରାଷ୍ଟ୍ରପତିଙ୍କ ଏହି ପ୍ରେରଣାଦାୟକ ବାର୍ତ୍ତା ଜନଜାତି ଯୁବପିଢ଼ିଙ୍କ ପାଇଁ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଡ ବିରୁଲି ତାଙ୍କ ଉଚ୍ଚଶିକ୍ଷା, ଗବେଷଣା ଓ ଜନଜାତି ଭାଷା ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ଜାତୀୟ ସ୍ତରରେ ପରିଚିତ। ସେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ହୋ ଭାଷାର ସଂରକ୍ଷଣ, ଡିଜିଟାଲ୍ ଡକ୍ୟୁମେଣ୍ଟେସନ୍ ଓ ଭାଷା ପ୍ରଯୁକ୍ତି ବିକାଶ ଦିଗରେ ଗବେଷଣା କରୁଛନ୍ତି। ଡ ବିରୁଲି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଅଞ୍ଚଳର ନୋଟ ପଞ୍ଚାୟତ ମାଟକାମସାହି ପୁରୁଷୋତ୍ତମ ବିରୁଲି, ବିରେଙ୍ଗ ବିରୁଲି ପୁଅ। ତାଙ୍କର ଏହି ସଫଳତା କେବଳ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ସମଗ୍ର ହୋ ସମାଜ, ଓଡ଼ିଶା ଓ କିସ୍ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗର୍ବର ବିଷୟ। ଜନଜାତି ସମାଜର ଯୁବପିଢ଼ିଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ଉଦାହରଣ ଭାବେ ପରିଗଣିତ ହେଉଛି। ରାଷ୍ଟ୍ରପତି ଭବନରେ ହୋ ସମାଜର ଏକମାତ୍ର ପ୍ରତିନିଧି ଭାବେ ଡ ବିକ୍ରମ ବିରୁଲିଙ୍କ ଉପସ୍ଥିତି ହୋ' ଜନଜାତିର ଶିକ୍ଷାଗତ ଉନ୍ନତି ଓ ଜାତୀୟ ସ୍ତରରେ ବୃଦ୍ଧି ପାଉଥିବା ପରିଚୟର ଏକ ଉଜ୍ଜ୍ୱଳ ନିଦର୍ଶନ ବୋଲି କୁହାଯାଉଛି।



## ଜମ୍ବିରା ଡ୍ୟାମରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ଶୁଳିଆପଦା, ୪।୬(ସମିସ):** ଶୁଳିଆପଦା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଲକ୍ଷ୍ମୀସାଗର ମାଝୀଙ୍କ ନେତୃତ୍ୱରେ ଖଳିଆମରା ପଞ୍ଚାୟତର ଜମ୍ବିରା ଡ୍ୟାମଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଡି ଧର୍ମାନନ୍ଦ ବେହେରା, ଏପିଡି ଶାନ୍ତନୁ କୁମାର ନାୟକ, ଡିଏସସି ସଂଯୁକ୍ତା ସାହୁ, ଡିଆରଡିଏର ଚନ୍ଦନ ଗୋରେଇ, ବଳୟକୁମାର ସେନ, ତହସିଲଦାର ନାରାନ ହେମ୍ବ୍ରମ, ଏମ୍‌ଆଇ ଅନମଲ ସାହୁ, ଡବ୍ଲ୍ୟୁଓ ସୁମିତ ବିକ୍ରମ ନାଏକ, ଖଳିଆମରା ପଞ୍ଚାୟତର ସରପଞ୍ଚ ସୁନୀଲ ଟୁଡୁ, ପିଇଓ ମମିତା ପତି, ଚନ୍ଦନ ବେହେରାଙ୍କ ସମେତ ସମସ୍ତ ପିଇଓ, ଜେଇ ଅଂଶଗ୍ରହଣ କରିଥିଲେ। ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ସମାଜସେବୀ ଅନ୍ତର୍ଯ୍ୟାମୀ କାନୁନଗୋ ଉପସ୍ଥିତ ରହି ଡ୍ୟାମରେ ପଡ଼ିଥିବା ଆବର୍ଜନା ସଫା କରିବା ସହିତ ପ୍ରଥମ ଦିବସରେ ୨୫ଟି ଗଛ ଲଗାଯାଇଥିଲା। ପର୍ଯ୍ୟାୟକ୍ରମେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

### ବେତନଟୀ ରେଳ ଷ୍ଟେସନ ପାର୍ଶ୍ୱ ରାସ୍ତା ଅନ୍ଧାର

## ସୁରକ୍ଷାକୁ ନେଇ ଯାତ୍ରୀଙ୍କ ମନରେ ଆଶଙ୍କା




**ବେତନଟୀ, ୪।୬(ସମିସ):** ଅମୃତ ଭାରତ ଯୋଜନା ଅନ୍ତର୍ଗତ ପନ୍ଦର କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ବେତନଟୀ ରେଳ ଷ୍ଟେସନ କଡ଼ ରାସ୍ତା (ଆପ୍ରୋଚ୍ ରୋଡ୍) ଦୁଇ ପାଖରେ ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନ ଥିବାରୁ ଯାତ୍ରୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ପରେ ଷ୍ଟେସନ୍ ପ୍ଲାଟଫର୍ମରୁ ୧୬ ନମ୍ବର ରେଳ ଫାଟକ ଆଡକୁ ଯାତାୟାତ କରିବା ସମୟରେ ଅନ୍ଧାର ଯୋଗୁଁ ସୁରକ୍ଷା ନେଇ ଯାତ୍ରୀଙ୍କ ମନରେ ଆଶଙ୍କା ଦେଖାଦେଉଛି।

ଷ୍ଟେସନ୍‌ର ୧ ଓ ୨ ନମ୍ବର ପ୍ଲାଟଫର୍ମରୁ ୧୬ ନମ୍ବର ରେଳ ଫାଟକ ପର୍ଯ୍ୟନ୍ତ ନିର୍ମିତ ଦୁଇ ପାଖ ଆପ୍ରୋଚ୍‌ରୋଡ୍ ସମ୍ପୂର୍ଣ୍ଣ ଭାବେ ଅନ୍ଧାର ରହୁଛି। ଯାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ନବୀକରଣ କାର୍ଯ୍ୟ ପ୍ରାୟ ସମାପ୍ତ ହେବା ସତ୍ତ୍ୱେ ମୌଳିକ ସୁବିଧା ରାସ୍ତା ଆଲୋକୀକରଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଖାସ୍ କରି ମହିଳା ଓ ବୟସ୍କ ଯାତ୍ରୀଙ୍କୁ ଏହି ସମସ୍ୟା ଅଧିକ ପ୍ରଭାବିତ କରୁଛି। ଖଡଗପୁର ରେଳ ଡିଭିଜନର ଡିଆରଏମ୍ ଓ ଅନ୍ୟ ଉଚ୍ଚ ଅଧିକାରୀ ବେତନଟୀ ଷ୍ଟେସନ୍ ପରିଦର୍ଶନକୁ ଆସିଥିଲେ ମଧ୍ୟ ଏହି ଆପ୍ରୋଚ୍ ରୋଡ୍‌ର ଅନ୍ଧାର ସମସ୍ୟା ପ୍ରତି ଦୃଷ୍ଟି ଦେଇନାହାନ୍ତି। ବେତନଟୀ ରେଳବାଇ ପାସେଞ୍ଜର ଫୋରମ୍ ପକ୍ଷରୁ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନଥିବାରୁ ପ୍ରଶ୍ନ ଉଠିଛି। ଫୋରମ୍ କେବଳ ଉଚ୍ଚ ଅଧିକାରୀଙ୍କ ପରିଦର୍ଶନ ବେଳେ ଫୁଲମାଳ ଓ ଫଟୋ ସେସନ୍ ମଧ୍ୟରେ ସୀମିତ ରହୁଥିବା ଅଭିଯୋଗ ହୋଇଛି। ଷ୍ଟେସନ୍ ମାଷ୍ଟରଙ୍କ ପକ୍ଷରୁ ମଧ୍ୟ ଲାଇଟିଂ ବ୍ୟବସ୍ଥା ପାଇଁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିବା ଜଣାପଡ଼ିଛି। ଏଥିସହିତ ସ୍ଥାନୀୟ ଲୋକେ ଅନ୍ୟାନ୍ୟ ମୌଳିକ ସମସ୍ୟା ଯଥା ବାଙ୍ଗିରିପୋଷି-ବାଲେଶ୍ୱର ଡିଏମୟୁ ଟ୍ରେନ୍ ସେବାକୁ ପୂର୍ବ ଭଳି ଦୁଇଥର ଚଳାଚଳ କରିବା, ରୁପ୍‌ସା-ଭଞ୍ଜପୁର ମଧ୍ୟରେ ରାତ୍ରି ସମୟରେ ଡିଏମୟୁ ସେବାର ସମୟ ସାରଣୀ ସଠିକ୍ ଭାବେ ପରିବର୍ତ୍ତନ କରିବା ଆଦି ଦାବି କରିଆସୁଛନ୍ତି। ଏସବୁ ସତ୍ତ୍ୱେ ଖଡଗପୁର ଡିଭିଜନ୍ ସ୍ତରରେ ଯଥେଷ୍ଟ ପଦକ୍ଷେପ ନ ହେବାରୁ ଅଞ୍ଚଳର ରେଳ ଯାତ୍ରୀ ସେବା ପ୍ରଭାବିତ ହେଉଛି। ସ୍ଥାନୀୟ ଅଧିବାସୀ ଓ ଯାତ୍ରୀଙ୍କ ମତରେ, ନବୀକରଣ କାର୍ଯ୍ୟ କେବଳ ଭୌତିକ ଢାଞ୍ଚା ଉପରେ ସୀମିତ ନ ରହି ଯାତ୍ରୀଙ୍କ ଦୈନନ୍ଦିନ ସୁବିଧା ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍। ଖଡଗପୁର ରେଳ ଡିଭିଜନ୍ ତଥା ସମ୍ପୃକ୍ତ ଅଧିକାରୀ ଏହି ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରିବାକୁ ଦାବି ଉଠିଛି।

## ୧୨ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**କରଞ୍ଜିଆ, ୪।୬(ସମିସ):** ଗତ ମାର୍ଚ୍ଚ ୧୫ ତାରିଖରେ କରଞ୍ଜିଆ ବ୍ଲକର ତିନୋଟି ପଞ୍ଚାୟତ ଅନ୍ତର୍ଗତ ଆଠଟି ଗ୍ରାମରେ ହୋଇଥିବା ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଏ ପର୍ଯ୍ୟନ୍ତ ପୀଡ଼ିତ ଉଚିତ ସହାୟତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ତାଟ ଆଞ୍ଚଳିକ ସଂଗ୍ରାମ ସମିତି ପକ୍ଷରୁ ବୁଧବାର କରଞ୍ଜିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦଫା ଦାବିକୁ ନେଇ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଆରମ୍ଭ କରାଯାଇଛି। ଘୂର୍ଣ୍ଣିଝଡ଼ରେ କିଆ, ପାଣପୋଷି, କଙ୍କଡା, ପୁରୁଣାପାଣି, ମେଣ୍ଢାସିଂଘା ସମେତ ଅନେକ ଗ୍ରାମର ଘର ଭାଙ୍ଗିଥିବାବେଳେ ଫସଲ ପ୍ରଭାବିତ ହୋଇଥିଲା। ତେବେ କ୍ଷତିଗ୍ରସ୍ତ ଅଞ୍ଚଳରେ ସଠିକ୍ ସର୍ଭେ ଓ କ୍ଷୟକ୍ଷତି ଆକଳନ କରାଯାଇ ନ ଥିବା ଅଭିଯୋଗ କରି ତାଟ ଆଞ୍ଚଳିକ ସଂଗ୍ରାମ ସମିତି ପକ୍ଷରୁ ପୂର୍ବରୁ ବିଡିଓ, ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଏକାଧିକ ଥର ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ




ନିଆଯାଇ ନ ଥିବାରୁ ଆନ୍ଦୋଳନର ପଥ ବାଛିବାକୁ ବାଧ୍ୟ ହୋଇଥିବା ସମିତି ପକ୍ଷରୁ କୁହାଯାଇଛି। ବୁଧବାର ଆରମ୍ଭ ହୋଇଥିବା ଏହି ଗଣଧାରଣାରେ ୩୦୦ରୁ ଅଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ପୁନଃସର୍ଭେ, ରିଲିଫ୍ ସହାୟତା ଓ ଅନ୍ୟାନ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଏହି ଗଣଧାରଣାକୁ ସମର୍ଥନ ଜଣାଇ ଯଶିପୁରର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ପୀଡିତଙ୍କ ଦାବି ପ୍ରତି ପ୍ରଶାସନ ସମ୍ବେଦନଶୀଳ ହୋଇ ତୁରନ୍ତ ପଦକ୍ଷେପ ନେବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ସେହିପରି ତାଟ ଆଞ୍ଚଳିକ ସଂଗ୍ରାମ ସମିତି ସମ୍ପାଦକ ଲଳିତ ମହାନ୍ତ କହିଥିଲେ, ଘୂର୍ଣ୍ଣିବାତ୍ୟା ପରେ ପୀଡିତ ନ୍ୟାୟ ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରୁଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ଯୋଗୁଁ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଛନ୍ତି।

## ଗ୍ରାହକଙ୍କ ଟଙ୍କା ଆତ୍ମସାତ୍ ବ୍ୟାଙ୍କ କର୍ମଚାରୀ ନାମରେ ମ୍ୟାନେଜରଙ୍କ ଅଭିଯୋଗ

**ରାଇରଙ୍ଗପୁର/କରଞ୍ଜିଆ, ୪।୬(ସମିସ):** କରଞ୍ଜିଆସ୍ଥ ଏକ୍ସିସ ବ୍ୟାଙ୍କର ଋଣ ଗ୍ରାହକଙ୍କ ଟଙ୍କା ବ୍ୟାଙ୍କ କର୍ମଚାରୀ ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ବ୍ୟାଙ୍କ କର୍ମଚାରୀ ଦୀପ୍ତିମୟୀ ଦାସଙ୍କ ନାମରେ କରଞ୍ଜିଆ ଥାନାରେ ମ୍ୟାନେଜର ଅଭିଯୋଗ କରିଛନ୍ତି। ଦୀପ୍ତିମୟୀ ବ୍ୟାଙ୍କର ରିଲେସନସିପ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ବ୍ୟାଙ୍କରୁ ଋଣ ନେଇଥିବା ଋଣ ଗୃହିତାଙ୍କ ମାସିକ ଇଏମଆଇ ଟଙ୍କା ସେ ସଂଗ୍ରହ କରିଥିବାବେଳେ ତାହାକୁ ବ୍ୟାଙ୍କରେ ଜମା କରିନାହାନ୍ତି। ବ୍ୟାଙ୍କରେ ଟଙ୍କା ଜମା ନ ହେବାରୁ ଗ୍ରାହକଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଜାଣିବାକୁ ପାଇଥିଲେ। ସେ ୩୯ ଜଣ ଋଣ ଗ୍ରାହକଙ୍କ ୧, ୪୨, ୧୩୯ ଟଙ୍କା ସଂଗ୍ରହ କରିଥିବାବେଳେ ତାହାକୁ ବ୍ୟାଙ୍କରେ ଜମା ନ କରି ଆତ୍ମସାତ କରିଥିଲେ। ଟଙ୍କା ଜମା କରିବାକୁ କହିବା ପରେ ମଧ୍ୟ ସେ ବ୍ୟାଙ୍କରେ ଜମା କରି ନ ଥିଲେ। ଯାହାକୁ ନେଇ ବ୍ୟାଙ୍କ ମ୍ୟାନେଜର କରଞ୍ଜିଆ ଥାନାରେ ଟଙ୍କା ଆତ୍ମସାତ କରିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବୋହୂ ମାଡ଼ରେ ଶାଶୂ ମୃତ

**ରାଇରଙ୍ଗପୁର, ୪।୬(ସମିସ):** ବୋହୂ ମାଡ଼ରେ ଶାଶୂର ମୃତ୍ୟୁ ହୋଇଛି। ମୃତ ଶାଶୂ ଜଣକ ହେଲେ ରରୁଆଁ ଥାନା ଅନ୍ତର୍ଗତ ସାରୁବିଲ ଗ୍ରାମର ସୀତା ମହାରଣା। ତାଙ୍କର ସମ୍ପର୍କୀୟ ବୋହୂ ମାଳତୀ ମହାରଣା ସହ ଜମିଜମା ଘଟଣା ନେଇ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ତେବେ ଉକ୍ତ ଘଟଣା ବୃଦ୍ଧି ପାଇବାରୁ ମାଳତୀ ଓ ତାଙ୍କ ସ୍ୱାମୀ ମିଶି ସୀତାଙ୍କ ସହ ଯୁକ୍ତିତର୍କ କରିଥିଲେ। କଥା କଟାକଟି ହେବାରୁ ବୋହୂ ମାଳତୀ ଉତକ୍ଷିପ୍ତ ହୋଇ ଶାଶୂ ସୀତାଙ୍କ ଛାତିକୁ ଜୋରରେ ପ୍ରହାର କରିଥିଲେ। ଫଳରେ ସୀତା ସେଠାରେ ହିଁ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେବା ବେଳକୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍ପିଟାଲରେ ଭର୍ତ୍ତି କରିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧା ବୟସରେ ଛାତିରେ ଜୋର ପ୍ରହାର ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରରୁଆଁ ଥାନାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳ ପ୍ରକଳ୍ପର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ବାରିପଦା, ୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି-ଗୋରୁମହିଷାଣୀ (୮୫.୬୦ କିମି) ପର୍ଯ୍ୟନ୍ତ ହେବାକୁ ଥିବା ନୂତନ ରେଳ ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ବୈଠକ ଜିଲ୍ଲାପାଳ ତଥା ମୟୂରଭଞ୍ଜ ଜମି ଅଧିଗ୍ରହଣ ଅଧିକାରୀ ହେମକାନ୍ତ ସଏଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ସାଂସଦ ନବଚରଣ ମାଝିଙ୍କ ପ୍ରତିନିଧି ସଞ୍ଜୀବ ମହାନ୍ତି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି



ମୁର୍ମୁଙ୍କ ପ୍ରତିନିଧି ସୁଗୁଦା ମୁର୍ମୁ ପ୍ରମୁଖଙ୍କ ସହ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ, ସରକାରୀ ଅଧିକାରୀ ଓ ଖଡ଼ଗପୁର ଦକ୍ଷିଣ-ପୂର୍ବ ରେଳ ବିଭାଗର ଡେପୁଟି ସିଇଓ (ନିର୍ମାଣ- ୨) ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ବ୍ରାହ୍ମଣଗାଁ ପଞ୍ଚାୟତ ଅଧୀନ ବାଉତିଆ, ତାଳବନ୍ଧ, ସରବଣିଆ, ଘାଟକୁଆଁରୀ, ମୋହନପୁର, ବାଲିଆଡିପା ଓ ମଝିଗାଁ ଆଦି ଗ୍ରାମବାସୀଙ୍କ ପକ୍ଷରୁ ମିଳିଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଏହି ବୈଠକରେ କୌଣସି ଚୂଡ଼ାନ୍ତ ନିଷ୍କର୍ଷ ମିଳିପାରି ନ ଥିବା ଜଣାପଡ଼ିଛି।

### ବିଭାଗୀୟ ଉଦାସୀନତା, ହେଉନି କାର୍ଯ୍ୟକ୍ଷମ

## ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

**ଶୁଳିଆପଦା, ୪।୬(ସମିସ)**

ଶୁଳିଆପଦା ଅଞ୍ଚଳରେ ଉଦ୍ୟାନ କୃଷିର ଉନ୍ନତି ପାଇଁ ୨୦୧୫ରେ ଶୁଳିଆପଦା ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୧ କିମି ଦୂର ଭାଲିଆଶୋଳ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକଚର ପାଖକୁ ଲାଗି ତତ୍କାଳୀନ ସରକାରଙ୍କ ପକ୍ଷରୁ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। କାର୍ଯ୍ୟାଳୟ ପାଇଁ ବ୍ୟକ୍ତିଗତ ଟ୍ରାନ୍ସଫର୍ମର ଲାଗି ବିଦ୍ୟୁତ୍ ସଂଯୋଗ ହେବା ସହିତ ବିଦ୍ୟୁତ୍ ୱାରିଙ୍ଗ, ପାଣି ବ୍ୟବସ୍ଥା ପାଇଁ ପମ୍ପ ସହିତ ଛାତ ଉପରେ ଟାଙ୍କି ଲଗାଯାଇ ଗୋଟିଏ କାର୍ଯ୍ୟାଳୟ ଚାଲୁ ହେବାକୁ ସମସ୍ତ ସୁବିଧା କରାଯାଇଥିଲା। ମାତ୍ର ବିଭାଗୀୟ ଅଧିକାରୀ ଓ ପ୍ରଶାସନର ବୈମାତୃକ ମନୋଭାବ ପାଇଁ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଉକ୍ତ ଘରଟି ଜଙ୍ଗଲଙ୍କୁ ଲାଗି ରହିଥିବାରୁ ଏହା ଅସାମାଜିକ ଲୋକଙ୍କ ପାଇଁ ଆଡ୍ଡା ସ୍ଥଳ ପାଲଟିଥିବାବେଳେ କାର୍ଯ୍ୟାଳୟରୁ ଧିରେ ଧିରେ ବିଦ୍ୟୁତ୍ ତାର, ପଙ୍ଖା, ବୈଦ୍ୟୁତିକ ଉପକରଣ, ପାଣି



ଟାଙ୍କି, ଭିତରେ ଲାଗିଥିବା କବାଟ, ସିଢିରେ ଲାଗିଥିବା ସୁରକ୍ଷା ବାଡ, ସମରସିବଲ୍ ପମ୍ପ ଇତ୍ୟାଦି ଚୋରି ହୋଇଯାଇଛି।

ତେବେ ନୂତନ ସରକାର ଆସିବା ପରେ ୨ ମହଲା ବିଶିଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ଟଙ୍କାରେ ପାଚେରି ନିର୍ମାଣ କରାଯାଇ ପୁଣି ଚୋରି ହୋଇଥିବା ସମସ୍ତ ସାମଗ୍ରୀ ନୂତନ ଭାବେ ଲଗାଯାଇ ପୁଣି କାର୍ଯ୍ୟକ୍ଷମ ଉପଯୋଗୀ ହେବା ପରେ ମଧ୍ୟ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନ ହେବା ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପୂର୍ବରୁ କାର୍ଯ୍ୟାଳୟ ସମ୍ମୁଖ ଭାଗ ଖୋଲା ରହିଥିଲା। ଏବେ ପାଚେରି ନିର୍ମାଣ ହେବାରୁ ମଦ୍ୟପଙ୍କ ପାଇଁ ଉକ୍ତ ସ୍ଥାନଟି ବେଶ୍ ସୁହାଉଥିବାରୁ ଏବେ ଏହି ସ୍ଥାନ ମଦୁଆ ଓ ଅସାମାଜିକ ଲୋକଙ୍କ ପାଇଁ ଭୂସ୍ୱର୍ଗ ପାଲଟି ଥିବାବେଳେ ଏହା ସରକାରଙ୍କ ତରଫରୁ ଠିକାଦାର ପୋଷିବା ନୀତି ବୋଲି ଲୋକେ ଆଲୋଚନା କରୁଛନ୍ତି। ତୁରନ୍ତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

## ଜଳ ପରିଚାଳନା କ୍ଷେତ୍ରରେ ପଡୁଆ ପଞ୍ଚାୟତକୁ ଜାତୀୟ ପୁରସ୍କାର




ଚମ୍ପୁଆ, ୪।୬(ସମିସ): ଚଳିତ ବର୍ଷ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତକୁ ପର୍ଯ୍ୟାପ୍ତ ଜଳ ଲବ୍ଧ ପଞ୍ଚାୟତ ବର୍ଗ ଅଧୀନରେ ରାଜ୍ୟରେ ପ୍ରଥମ ଏବଂ ଦେଶରେ ୩ୟ ସ୍ଥାନାରେ ପୁରସ୍କୃତ କରାଯାଇଛି; ଯାହା ସମଗ୍ର ଜିଲ୍ଲା ଓ ରାଜ୍ୟରେ ଗୌରବ ଆଣିଦେଇଛି। ସୂଚନା ଥାଉ କି, ଭାରତ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଦ୍ୱାରା ୨୦୨୫ ବର୍ଷ ପାଇଁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାରରେ ସମ୍ମାନିତ କରାଯାଇଛି। ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ଏହି ଜାତୀୟ ପୁରସ୍କାର ଚମ୍ପୁଆ ବ୍ଲକର ବିଡିଓ ସ୍ମୃତିରଞ୍ଜନ ସାହୁ, ସରପଞ୍ଚ ମନୋଜ ନାଏକ ଏବଂ ପିଇଓ ଗଣେଶ୍ୱର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ପ୍ରକାଶ ଥାଉ କି, ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତର ୭ଟି ଗାଁର ୧୧ଟି ୱାର୍ଡର ୯୬୮ଟି ଘରକୁ ତିନୋଟି ଓଭରହେଡ୍ ପାଣି ଟାଙ୍କି ମାଧ୍ୟମରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଉଛି। ବସୁଧା ଯୋଜନାରେ ୨ଟି ଏବଂ ମେଗା ପାନୀୟଜଳ ଯୋଗାଣ ଯୋଜନାରେ ଗୋଟିଏ ପାଣି ଟାଙ୍କି ନିର୍ମାଣ କରାଯାଇ ସମୁଦାୟ ୫୦୧୬ ଜଣ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି। ବିଭାଗ ଓ ପ୍ରଶାସନର ଏହା ଏକ ବଡ ଉପଲବ୍ଧି। ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତ କେବଳ ଜିଲ୍ଲାରେ ନୁହେଁ ବରଂ ସମଗ୍ର ରାଜ୍ୟରେ ଏକ ମାନକ ସୃଷ୍ଟି କରି ଇତିହାସ ରଚିଛି। ବିଭାଗ, ଜିଲ୍ଲା ଓ ବ୍ଲକ ପ୍ରଶାସନର ସମ୍ମିଳିତ ଉଦ୍ୟମ ଯୋଗୁଁ ସରକାରଙ୍କ ଗ୍ରାମୀଣ ବିକାଶ ଯେଜନାର ସଫଳ ରୂପାୟନ ହୋଇପାରିଛି। ଏଥିପାଇଁ ଅଞ୍ଚଳବାସୀ ଏହି ସଫଳତାରେ ସମ୍ପୃକ୍ତ ଥିବା ସମସ୍ତ ବିଭାଗକୁ କୃତଜ୍ଞତା ଅର୍ପଣ କରିଛନ୍ତି।

## ଏସ୍ଆଇଆର୍ କାର୍ଯ୍ୟରେ ନିୟୋଜିତ ବିଏଲ୍ଓ ଅଟକ

# ତ୍ରୁଟିପୂର୍ଣ୍ଣ ଭୋଟର ଲିଷ୍ଟକୁ ନେଇ ତାତିଲେ ଗ୍ରାମବାସୀ

ତୁରୁମୁଙ୍ଗା, ୪।୬(ସମିସ)

କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସିଲିପଦା ପଞ୍ଚାୟତ ବେଗନା ଗାଁରେ ଭୋଟର କାର୍ଡ ଠିକଣା ସଂଶୋଧନକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଏସ୍ଆଇଆର୍ କାର୍ଯ୍ୟରେ ଯାଇଥିବା ବିଏଲ୍ଓ ସଦାନନ୍ଦ ସେଠୀଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ବେଗନା ଗ୍ରାମର ୩୦୦ରୁ ଅଧିକ ଲୋକଙ୍କ ନାମ ସରସ୍ୱତୀ ପଡା ଗାଁର ଭୋଟର ତାଲିକାରେ ରହିଛି। ଏହାକୁ ନେଇ ଗ୍ରାମବାସୀ ଆପତ୍ତି ଜଣାଇବା ତୁରନ୍ତ ଠିକଣା ସଂଶୋଧନ ଦାବି କରି ବିଏଲ୍ଓ ଶ୍ରୀ ସେଠୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଘଟଣାସ୍ଥଳରେ ସାହାରପଡା ଅତିରିକ୍ତ ତହସିଲଦାର ଚରଣ ନାଏକଙ୍କ ସହ ପାଟଣା ପୁଲିସ ପହଞ୍ଚି ବିଏଲଓଙ୍କୁ



ଉଦ୍ଧାର କରିଥ ଘଟଣା ତଦନ୍ତ କରିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ୭୦ ପ୍ରତିଶତ ଲୋକଙ୍କ ଭୋଟର ଲିଷ୍ଟରେ ଠିକଣା ସରସ୍ୱତୀ ପଡା ଗ୍ରାମର ଲିଷ୍ଟରେ ରହିଛି। ଏଥିସହ ଠିକଣାରେ ପାଟଣା ଥାନା ବଦଳରେ ତୁରୁମୁଙ୍ଗା ଥାନା ରହିଛି। ସମସ୍ୟା ନେଇ ୧୫ ବର୍ଷ ପୂର୍ବରୁ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ତ୍ରୁଟିପୂର୍ଣ୍ଣ ଲିଷ୍ଟ ଏବଂ ଠିକଣା ଯୋଗୁଁ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା ସହ ବାସସ୍ଥାନ ପ୍ରମାଣପତ୍ର ମିଳିପାରୁନି। ଏପରିକି ବ୍ୟାଙ୍କରେ ମଧ୍ୟ ଜମାଖାତା ଖୋଲି ହେଉନାହିଁ। ଯାହାକୁ ନେଇ ଗ୍ରାମବାସୀ ତାତିବା ସହ ଏସଆଇଆର କାର୍ଯ୍ୟରେ ଆସିଥିବା ବେଗନା ବୁଥ ନମ୍ବର ୧୭୬ର ବିଏଲଓ ସଦାନନ୍ଦ ସେଠୀଙ୍କୁ ଅଟକ ରଖି ଠେଲାପେଲା କରିବା ସହ ଦୁର୍ବ୍ୟବହାର କରିଥିଲେ।

## ଏସ୍‌ଟି-ଏସ୍‌ସି ବର୍ଗରେ ଏଆର୍ଆଇ ଓ ଅମିନ ପଦୋନ୍ନତିରୁ ବଞ୍ଚିତ



କେନ୍ଦୁଝର, ୪।୬(ସମିସ): କେନ୍ଦୁଝର ଜିଲ୍ଲାର ଏସଟି-ଏସସି ବର୍ଗର ଏଆରଆଇ ଓ ଅମିନ କ୍ୟାଡର କର୍ମଚାରୀଙ୍କ ପଦୋନ୍ନତିରେ ବିଳମ୍ବ ହେଉଛି। ଏନେଇ ଆଜି ସମ୍ପୃକ୍ତ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ପୂର୍ବରୁ କୋର୍ଟ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆଦେଶ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ପଦୋନ୍ନତିରୁ ବଞ୍ଚିତ କରୁଥିବା ପ୍ରକାଶ କରିଛନ୍ତି। ନିଜର ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ଅଣସଂରକ୍ଷିତ ପଦରେ ରାଜସ୍ୱ ନୀରିକ୍ଷକ(ଆର୍ଆଇ) ଭାବେ ପଦୋନ୍ନତି ଦେବା ପାଇଁ ଏକ ରିଭ୍ୟୁ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ଗଠନ କରିବାକୁ ସ୍ମାରକପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ଆବେଦନକାରୀଙ୍କ ସୂଚନା ଅନୁଯାୟୀ, ସେମାନେ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ଏବଂ ବିଭାଗୀୟ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି। ଓଡ଼ିଶା ଜିଲ୍ଲା ରାଜସ୍ୱ ସେବା ନିୟମାବଳୀ-୧୯୮୩ର ରୁଲ-୧୧ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବିଭିନ୍ନ ନିର୍ଦ୍ଦେଶ (ଡବ୍ଲ୍ୟୁଏ ନଂ ୧୭୭୯ ଅଫ୍ ୨୦୨୫ ଓ

### ଜିଲ୍ଲାପାଳଙ୍କୁ ଜଣାଇଲେ କର୍ମଚାରୀ

ଆଇଏ ନଂ ୪୩୪୫ ଅଫ୍ ୨୦୨୫) ଅନୁସାରେ କୋର୍ଟ କୌଣସି ରିଭ୍ୟୁ ଡିପିସି ଉପରେ ରୋକ ଲଗାଇ ନାହାଁନ୍ତି। ଏଥିସହ ହାଇକୋର୍ଟ ଡବ୍ଲ୍ୟୁପି(ସି) ନଂ ୭୬୭୪/୨୦୨୫ରେ ସ୍ପଷ୍ଟ କରିଛନ୍ତି ଯେ ବରିଷ୍ଠ ଏସଟିଏସସି କର୍ମଚାରୀମାନଙ୍କୁ ଓଡିଶା ସିଭିଲ ସର୍ଭିସେସ ରୁଲ-୩-ଏ(ସଂଶୋଧନ ନିୟମାବଳୀ-୨୦୨୨) ଏବଂ ଭାରତୀୟ ସମ୍ବିଧାନର ଧାରା ୧୬ (୪-ଏ) ଅନୁଯାୟୀ ନିଜ ଯୋଗ୍ୟତା ବଳରେ ଅଣ ସଂରକ୍ଷିତ ପଦ ପାଇଁ ବିଚାର କରାଯାଇପାରିବ। ଆବେଦନପତ୍ରରେ ଦର୍ଶାଯାଇଛି ଯେ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶକୁ ଆଧାର କରି ରାଜ୍ୟ ଜଳସମ୍ପଦ ବିଭାଗ ଏବଂ ସମ୍ବଲପୁର, ପୁରୀ ଭଳି ଜିଲ୍ଲାର ଜିଲ୍ଲାପାଳମାନେ ନିଜ ଯୋଗ୍ୟତା ଭିତ୍ତିରେ ବରିଷ୍ଠ କର୍ମଚାରୀମାନଙ୍କୁ ପଦୋନ୍ନତି ପ୍ରଦାନ କରିଥିବାବେଳେ କେନ୍ଦୁଝର ଜିଲ୍ଲାରେ ଏହି ବର୍ଗର କର୍ମଚାରୀମାନେ ବଞ୍ଚିତ ରହିଯାଇଛନ୍ତି। ଜିଲ୍ଲାର ଏଆର୍ଆଇ ଓ ଅମିନ କ୍ୟାଡରର କ୍ଷମାନିଧି ନାଏକ, ଭୋଳେଶ୍ୱର ପାତ୍ର, ନକୁଳ ସେଠୀ, ବୁଲୁ ମହାରଣା, ସୁଶାନ୍ତ କୁମାର ସେଠୀ, ବିକାଶ ସେଠୀ, ପ୍ରଶାନ୍ତ କୁମାର ସେଠୀ, ବିଜୟାନନ୍ଦ ଅମାନ୍ତ, ନିରଞ୍ଜନ ବେହେରା, ପିତାମ୍ବର ପାତ୍ର, ତପନ କୁମାର ଦେହୁରୀ, ରଞ୍ଜନ କୁମାର ନାୟକ, ବିଜୟ କୁମାର ହୋ, ରବିନାରାୟଣ ନାଏକ, ଦୀପକ କୁମାର ହେମ୍ବ୍ରମ, ସାଗରିକା ନାଏକ, ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ସ୍ମାରକପତ୍ର ଦେଇ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏହାର ନକଲ ରାଜସ୍ୱ ବିଭାଗର ଉପସଚିବ, ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁରଙ୍କ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଦାନ କରିଛନ୍ତି।

### ଗୁଆଲିରେ ପୁଲିସ ଚଢ଼ଉ

## ମଦ ଜବତ; ଜଣେ ଗିରଫ



ଯୋଡ଼ା, ୪।୬(ସମିସ): ରୁଗୁଡ଼ି ଥାନାଞ୍ଚଳରେ ଅବୈଧ ମଦ କାରବାର ବିରୋଧରେ ପୁଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ବୁଧବାର ଗୁଆଲି ଅଞ୍ଚଳରୁ ବିପୁଳ ପରିମାଣର ବିୟର ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଆଇଆଇସି ସମ୍ପଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଏହିକ୍ରମରେ ଗୁଆଲି ଅଞ୍ଚଳରୁ ୨୦୫ଟି ବିୟର ବୋତଲ ଜବତ ହୋଇଛି। ଜବତ ବିୟରର ମୋଟ ପରିମାଣ ୧୩୩.୨୫ ଲିଟର ହୋଇଥିବାବେଳେ ଏକ ଡିପ୍ ଫ୍ରିଜ୍‌କୁ ମଧ୍ୟ ଜବତ କରାଯାଇଛି। ଏନେଇ ରୁଗୁଡ଼ି ଥାନାରେ ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ହେଲା ଜଗବନ୍ଧୁ ଲୋହାର।

## ଲୋକତନ୍ତ୍ର ସେନାନୀ ଦୁର୍ଗାଚରଣଙ୍କ ସ୍ମୃତିସଭା




ଆନନ୍ଦପୁର, ୪।୬(ସମିସ): ସ୍ୱତନ୍ତ୍ର ସେନାନୀ ଓ ପୌର ପରିଷଦ ଉପାଧ୍ୟକ୍ଷ ସ୍ୱର୍ଗତ ଦୁର୍ଗାଚରଣ ଦଳେଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା ଆନନ୍ଦପୁର ଦଳେଇସାହିସ୍ଥିତ ବାସଭବନରେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ଓ ରତ୍ନାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଦିବଙ୍ଗତ ଆତ୍ମାଙ୍କର ବନ୍ଧୁ ସାହିତ୍ୟିକ, ପରିବାରବର୍ଗ ସହପାଠୀମାନେ ଯୋଗ ଦେଇଥିଲେ। ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଅଭିମନ୍ୟୁ ସେଠୀ, ବିଧାୟକ ଅରୁଣ ସାହୁ, ଆଶିଷ ଚକ୍ରବର୍ତ୍ତୀ, ରାକେଶ ରାମ, ଅମରେନ୍ଦ୍ର ଧଳ, ନବରଞ୍ଜନ ପଟ୍ଟନାୟକ, ରମାକାନ୍ତ ନାୟକ, ଅଶୋକ କୁମାର ସାହୁ, କୀର୍ତ୍ତନ ସାହୁ, କୀର୍ତ୍ତନ ବିହାରୀ ସାହୁ, ସତ୍ୟନାରାୟଣ ମହାନ୍ତି, ରାମଚନ୍ଦ୍ର ସୁର, ଉମାକାନ୍ତ ନାୟକ, ଗଗନ ଭଟ୍ଟାଚାର୍ଯ୍ୟ, ବିରଜା ନାୟକ, ମହେନ୍ଦ୍ର କୁମାର ମହାପାତ୍ର, ନବ ପଟ୍ଟନାୟକ, ସୁରେନ୍ଦ୍ର ପରିଡ଼ା, ଗଣେଶ ସାମଲ, ନିରାକାର ଦଳାଇ, ସଙ୍ଗିତା ଦଳେଇ, ରାମଚନ୍ଦ୍ର ଜେନା, ସାମ୍ବାଦିକ ମଦନ ପାଣୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ଯୁବ ଶିକ୍ଷକ ହରିହର ସାହୁଙ୍କ ପରଲୋକ



ଆନନ୍ଦପୁର, ୪।୬(ସମିସ): ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମର ଶିକ୍ଷକ ହରିହର ସାହୁ (୩୩)ଙ୍କ ଗତକାଲି ରାତିରେ ହୃଦଘାତରେ ପରଲୋକ ଘଟିଛି। ଶ୍ରୀ ସାହୁ ଘସିପୁରାସ୍ଥିତ ଭଡ଼ା ଘରେ ସପରିବାର ରହୁଥିଲେ। ରାତି ଦୁଇଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଆଜି ଗ୍ରାମ ଶ୍ମଶାନରେ ତାଙ୍କ ମରଶରୀର ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ମେଳାପୀ, ଆଦର୍ଶ ଶିକ୍ଷକ ଭାବେ ପ୍ରାୟ ୧୧ ବର୍ଷ ଶିକ୍ଷକତା କରିଥିଲେ। ଯାଜପୁର ଜିଲ୍ଲା ଦାନଗଦିସ୍ଥିତ ଚିତ୍ରୀ ନୂଆଗାଁ ବିଦ୍ୟାଳୟରେ ଶିକ୍ଷକ ଥିଲେ। ତାଙ୍କ ଅକାଳ ବିୟୋଗରେ ପରିବାର ବର୍ଗ ଓ ସାଙ୍ଗସାଥୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

### ଚୋରିର ନୂଆ ଠିକଣା ଗୋଡ଼ଭଙ୍ଗା ଗେଟ୍

## ବୈତରଣୀ ବାଲି ମୟୂରଭଞ୍ଜ ସୀମାରେ



ଆନନ୍ଦପୁର, ୪।୬ (ସମିସ): ଲଘୁ ଖଣିଜ ସମ୍ପଦ ଚୋରି ରୋକିବା ପାଇଁ କେନ୍ଦୁଝର ଜିଲ୍ଲାରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇ 'ଅପରେସନ ବୈତରଣୀ' ପରେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ହେଉ ନଥିବା ପରିଲକ୍ଷିତ ହେଉଛି। ଏନେଇ ପ୍ରଶାସନକୁ ସାମୟିକ ସଫଳତା ମିଳିଥିବା ବେଳେ ଏବେ ବାଲି ଚୋରି କରିବାର ନୂଆ ତରିକା ଆପଣେଇଛନ୍ତି ମାଫିଆ। ମୟୂରଭଞ୍ଜ ସୀମାର ଗୋଡଭଙ୍ଗାଠାରେ ବାଲିଗଦା କରି ରାତିରେ ଚୋରା ଚାଲାଣ ହେଉଥିବା ସୂଚନା ମିଳିଛି। ଆନନ୍ଦପୁର ସ୍ଥାନରୁ ବେଧଡ଼କ ବାଲି ଚୋରି ହେଉଛି। ପୁଲିସ ଓ ପ୍ରଶାସନକୁ ଚକମା ଦେବା ପାଇଁ ହୋଇଥିବା ଏହି ତରିକା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇଛି। ଆନନ୍ଦପୁର ଉପଖଣ୍ଡର ଶେଷସୀମାରେ ଚୋରା ବାଲି ଡିପୋ ଗୋଡଭଙ୍ଗା ଜଙ୍ଗଲ ବିଭାଗ ତନଖି ଫାଟକଠାରେ ଦେଖାଯାଇଛି। ଏଠାରେ ଶହେ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ବାଲି ଗଚ୍ଛିତ ଥିବା ଦେଖିବାକୁ ମିଳିଛି। ବୈତରଣୀ ନଦୀକୁ ମାଫିଆମାନେ ଅସ୍ଥାୟୀ ଭାବେ ରାସ୍ତା ନିର୍ମାଣ କରିଛନ୍ତି। ଦିନରାତି ବାଲି ଉତ୍ତୋଳନ କରି ଟ୍ରାକ୍ଟରରେ ବୋହୁଛନ୍ତି। ସରକାରୀ ଫାଟକ ନିକଟରେ ବାଲି ଗଚ୍ଛିତ ରଖାଯାଉଛି। ପରବର୍ତ୍ତୀ ସମୟରେ ହାଇୱାରେ କରଞ୍ଜିଆ ଆଦି ଅଞ୍ଚଳକୁ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି।

## ଜଅଁରାରେ ଗ୍ରିଲ ତାଡ଼ି ଡକାୟତି ଅଭିଯୋଗ



ଆନନ୍ଦପୁର, ୪।୬(ସମିସ): ଘଷିପୁରା ଥାନା ଅନ୍ତର୍ଗତ ଜଅଁରାରେ ରହୁଥିବା ଘନଶ୍ୟାମ ନାୟକଙ୍କ ଘରେ କେହି ନଥିବା ସୁଯୋଗ ନେଇ ଚୋରମାନେ ଗ୍ରିଲ୍ କାଟି ଘରେ ଥିବା ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ବିଳମ୍ବିତ ରାତିରେ ଏହି ଚୋରି ହୋଇଥିବାରୁ ପଡ଼ିଶା ଘରର ଲୋକେ ଚୋରି ସମ୍ପର୍କରେ କୌଣସି ସୂଚନା ପାଇନାହାନ୍ତି। ତେବେ, ଏହି ଘଟଣା ସିସିଟିଭି ଫୁଟେଜ୍ କଏଦ ରହିଥିବାରୁ ତାକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ ହୋଇଛି। ପୁରୀରେ ଥିବା ଶ୍ରୀ ନାୟକଙ୍କ ପରିବାର ଆସିବା ପରେ ଘଷିପୁରା ପୁଲିସ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଆନନ୍ଦପୁରର ପୂର୍ବତନ ସୈନିକ ମୁରଲୀଧର ମିଶ୍ର ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଚକ୍ରଙ୍କ ଘରୁ ଚୋରି ଘଟଣାରେ ପୁଲିସର ହାତ ଶୂନ ରହିଥିବା ବେଳେ ଘନ ଘନ ଚୋରି, ଡକାୟତି ଭଳି ଘଟଣା ଘଟୁଥିବାରୁ ଅଞ୍ଚଳବାସୀ ଅସୁରକ୍ଷିତ ଅନୁଭବ କରୁଛନ୍ତି।

## ଶଙ୍କରପୁରରେ ଚବିଶ ପ୍ରହରୀ ନାମଯଜ୍ଞ



ନାରଦପୁର, ୪।୬(ସମିସ): ଯୋଡ଼ା ବ୍ଲକ୍ ଚମକପୁର ଗ୍ରାମପଞ୍ଚାୟତ ଶଙ୍କରପୁର ଗ୍ରାମରେ ପଞ୍ଚସଖା ଯଜ୍ଞ କମିଟି ପକ୍ଷରୁ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଜମୁଛି। ଏହି ନାମଯଜ୍ଞ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ଦିଘାରୀ ଅସ୍ତିଆ (ବାରିପଦା) କମାରଡିହି (ବାରିପଦା) କୁସୁମବନ୍ଧ (ବାଙ୍ଗିରିପଶି) ପଞ୍ଚସଖା (ଶଙ୍କରପୁର) ଲୁଣିଆ (ମୟୂରଭଞ୍ଜ) ରାଇବାଣୀ (ଝିଅ ଦଳ) (ବମ୍ବେ ଛକ) ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହାକୁ ଦେଖିବାକୁ ଆଖପାଖ ବାସୁଦେବପୁର, ରଘୁଆଳସାହି, ନାରଦପୁର, ଜଗନ୍ନାଥପୁର, ବଳଭଦ୍ରପୁର, କଣ୍ଡରାରୁ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଝିଅ ଦଳରେ ଗାୟିକା ଭାବରେ ସୁମତି ଦାସ କଣ୍ଠଦାନ କରି ଲୋକଙ୍କ ମନ ଜିଣୁଛନ୍ତି। ଏହି ନାମଯଜ୍ଞକୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରୁଥିବ ବେଳେ ଶୁକ୍ରବାର ଅପରାହ୍ଣ ସମୟରେ ପୂର୍ଣ୍ଣାହୁତି ନଗର କୀର୍ତ୍ତନ ଓ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

### ସିଏମ୍ ଟ୍ରଫି ଖୋ ଖୋ ପ୍ରତିଯୋଗିତା

## କେନ୍ଦୁଝର ଦଳ ସୁନ୍ଦରଗଡ଼ରେ

କେନ୍ଦୁଝର, ୪।୬(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁଥିବା ୧୪ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗ ସିଏମ ଟ୍ରଫି ଆନ୍ତଃଜିଲ୍ଲା ଖୋ ଖୋ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଯୋଗଦେବା ପାଇଁ ଆଜି ରାତିରେ କେନ୍ଦୁଝର ଜିଲ୍ଲା ଦଳ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କରୁଥିବାର ଜଣାଯାଇଛି। ରାଜେଶ ଦେହୁରୀଙ୍କ ନେତୃତ୍ୱରେ ୧୫ ଜଣିଆ କେନ୍ଦୁଝର ବାଳକ ବିଭାଗରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଆଲୋକ ଦେହୁରୀ, ଆଦର୍ଶ ନାଏକ, ପ୍ରେମାନନ୍ଦ ଫାଦକର, ସୁକାନ ବୁରୁଡିରିଆ (ଉପଅଧିନାୟକ) ଓମଶ୍ରୀ ମହାନ୍ତ, ପ୍ରକାଶ କୋଣ୍ଡାଙ୍କଲ, ତୀର୍ଥେଶ୍ୱର ଗିରି, ଯୋଗେଶ୍ୱର ମହାନ୍ତ, ଆଦିତ୍ୟରାଜ ବାରିକ, ଅଜିତ ଗିରି, ବାବୁଲ ପ୍ରଧାନ, ସ୍ନେହାଶିଷ ସେନାପତି, ଅମର ଗିରି ଏବଂ ଅମ୍ରିତ କୁମାର ଗୋପ, ସୁମିତ ଦେହୁରୀ, ଆଶିଷ ଜଏସ୍ୱାଲ, ସିପୁନ ମାଝୀ, ଜୀବନଜିତ ନାଏକ। ମ୍ୟାନେଜର ଭାବେ ଯୁଜି ସରକାରୀ ଉଚ୍ଚବିଦ୍ୟାଳୟର କାର୍ତ୍ତିକ ଜେନା ଏବଂ କୋଚ ଭାବେ ସୁମନ୍ତ କୁମାର ମହାନ୍ତ



ଦଳ ସହ ଯାତ୍ରା କରୁଛନ୍ତି। ସେହିପରି ସ୍ୱାତି ନାଏକଙ୍କ ନେତୃତ୍ୱରେ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ବାଳିକା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ, ଲକ୍ଷ୍ମୀପ୍ରିୟା ନାଏକ (ଉପଅଧିନାୟକ), ଶ୍ରୀୟା ନାଏକ, ଏଞ୍ଜାଲ ମୁଣ୍ଡା, ପ୍ରିୟଦର୍ଶିନୀ ନାଏକ, ଆଶାଲତା ନାଏକ, ପ୍ରତିମା ନାଏକ, ଦୀପି ନାଏକ, ଲକ୍ଷ୍ମୀ ମୁଣ୍ଡା, କୈକେଇ ନାଏକ, ନିହାରିକା ନାଏକ, କଳ୍ପନା ମୁଣ୍ଡା, ବି. ଈଶାନି, ପୂଜା ନାଏକ ଏବଂ ସାବିତ୍ରୀ ମହାକୁଡ଼। ମ୍ୟାନେଜର ଭାବେ ଚମ୍ପୁଆ କେରଳା ଇଂଲିଶ ମିଡ଼ିଅମ ସ୍କୁଲର ନମିତା ଗିରି ଓ କୋଚ ଭାବେ କାଳୀଦାସ ସୋରେନ ଦଳ ସହ ଯାତ୍ରା କରୁଛନ୍ତି। କେନ୍ଦୁଝର ଦଳ ଆସନ୍ତା ୬ ତାରିଖ ପୂର୍ବାହ୍ନରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ପ୍ରଥମ ଖେଳରେ କଳାହାଣ୍ଡି ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କଠାରୁ ପ୍ରକାଶ।

### ସ୍ଥାୟୀ ସରକାରୀ ନିଯୁକ୍ତି ଓ କମ୍ପ୍ୟୁଟର ପରୀକ୍ଷା କେନ୍ଦ୍ର ସ୍ଥାପନ ଦାବି

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର


ଆନନ୍ଦପୁର, ୪।୬ (ସମିସ): ଆନନ୍ଦପୁର ଉପଖଣ୍ଡରେ ସ୍ଥାୟୀ ସରକାରୀ ନିଯୁକ୍ତି ପରୀକ୍ଷା ସିବିସି (କମ୍ପ୍ୟୁଟର ଆଧାରିତ ପରୀକ୍ଷା) କେନ୍ଦ୍ର ସ୍ଥାପନ ଦାବିରେ ଆଜି ଆନନ୍ଦପୁର ହୋ ଷ୍ଟୁଡେଣ୍ଟସ୍ ୟୁନିୟନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାରକପତ୍ର ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୂନାଙ୍କ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆନନ୍ଦପୁର ଉପଖଣ୍ଡ କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ପରିଚିତ। ଏହି ଉପଖଣ୍ଡରେ ୨୧ରୁ ଅଧିକ ଉଚ୍ଚ ମାଧ୍ୟମିକ (+୨) ମହାବିଦ୍ୟାଳୟ, ୧୦ରୁ ଅଧିକ ସ୍ନାତକ (+୩) ମହାବିଦ୍ୟାଳୟ ଏବଂ ବିଭିନ୍ନ ବୈଷୟିକ ଓ ଆଇଟିଆଇ ଅନୁଷ୍ଠାନ କାର୍ଯ୍ୟରତ ରହିଛି। ପ୍ରତିବର୍ଷ ପ୍ରାୟ ୫,୭୨୪ ଜଣ ଛାତ୍ରଛାତ୍ରୀ +୨ ଶିକ୍ଷା ସମାପ୍ତ କରୁଥିବା ବେଳେ ୩,୨୫୬ରୁ ଅଧିକ ଛାତ୍ରଛାତ୍ରୀ ସ୍ନାତକ ସ୍ତରର ଶିକ୍ଷା ସମାପ୍ତ କରୁଛନ୍ତି। ସେହିପରି ଶତାଧିକ ଯୁବକ ଓ ଯୁବତୀ ଆଇଟିଆଇ ଓ ବୈଷୟିକ ଶିକ୍ଷା ଗ୍ରହଣ କରି ନିଯୁକ୍ତି କ୍ଷେତ୍ରକୁ ପ୍ରବେଶ କରୁଛନ୍ତି। ଏହି ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଶିକ୍ଷା ସମାପ୍ତ କରିବା ପରେ ଏହି ଯୁବକ ଓ ଯୁବତୀମାନେ ରେଳବାଇ, ବ୍ୟାଙ୍କିଙ୍ଗ, ପୁଲିସ, ସେନାବାହିନୀ ଏବଂ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗଦେବା ପାଇଁ ଆବେଦନ କରୁଛନ୍ତି। ତେବେ, ଆନନ୍ଦପୁର ଉପଖଣ୍ଡରେ କୌଣସି ସ୍ଥାୟୀ ସିବିଟି ପରୀକ୍ଷା



କେନ୍ଦ୍ର ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା ଓ ଅନ୍ୟାନ୍ୟ ଦୂରସ୍ଥ ସହରକୁ ଯାଇ ପରୀକ୍ଷା ଦେବାକୁ ପଡୁଛି। ଅନେକ ସମୟରେ ପରୀକ୍ଷା କେନ୍ଦ୍ର ଅନ୍ୟ ଜିଲ୍ଲା କିମ୍ବା ରାଜ୍ୟରେ ପଡୁଥିବାରୁ ପରୀକ୍ଷାର୍ଥୀମାନେ ଅସହ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୂର ସ୍ଥାନକୁ ଯାତ୍ରା କରିବା ପାଇଁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଛି। ଯାତାୟାତ, ରହଣି, ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ଅନେକ ଦରିଦ୍ର ପରିବାର ପକ୍ଷରେ ସମ୍ଭବ ହେଉନାହିଁ। ଫଳସ୍ୱରୂପ ଅନେକ ମେଧାବୀ ଓ ଯୋଗ୍ୟ ପ୍ରାର୍ଥୀ କେବଳ ଆର୍ଥିକ ଅସମର୍ଥତା କାରଣରୁ ପରୀକ୍ଷାରେ ଯୋଗଦେବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ମହିଳା ପରୀକ୍ଷାର୍ଥୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୂରସ୍ଥ ସହରକୁ ଏକାକୀ ଯାତ୍ରା କରିବା, ରହିବା ବ୍ୟବସ୍ଥା ଏବଂ ସୁରକ୍ଷା ଜନିତ ଚିନ୍ତା କାରଣରୁ ଅନେକ ପରିବାର ନିଜ ଝିଅମାନଙ୍କୁ ପରୀକ୍ଷା ଦେବାକୁ ପଠାଇବାରେ ଅନିଚ୍ଛା ପ୍ରକାଶ କରୁଛନ୍ତି। ସରକାର ଇଚ୍ଛା କଲେ ଏହି ଭିତ୍ତିଭୂମିର ଉନ୍ନତି କରି ଖୁବ ଶୀଘ୍ର ଏକ ସ୍ଥାୟୀ ସିବିଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରିପାରିବେ। ସ୍ମାରକପତ୍ର ମାଧ୍ୟମରେ ଆନନ୍ଦପୁର ହୋ ଷ୍ଟୁଡେଣ୍ଟସ୍ ୟୁନିୟନ ପକ୍ଷରୁ ସ୍ଥାୟୀ ସିବିଟି ପରୀକ୍ଷା କେନ୍ଦ୍ର ସ୍ଥାପନ, ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି, ଉଚ୍ଚଗତି ଇଣ୍ଟରନେଟ ଓ କମ୍ପ୍ୟୁଟର ଭିତ୍ତିଭୂମିର ବିକାଶ, ଆଦିବାସୀ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଏବଂ ମହିଳା ଓ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଂଘର ସଭାପତି ପିଣ୍ଟୁ ହେମ୍ବ୍ରମ, ଉପସଭାପତି ଶ୍ୟାମସୁନ୍ଦର ହାଇବୁରୁ, ସୁନାରାମ ସାମାଡ଼, ନାରାୟଣ ହୋ, ନାଥ ହେମ୍ବ୍ରମ, ଗାଙ୍ଗୀ ତିଉ, କୌଶଲ୍ୟା ହେମ୍ବ୍ରମ, ଚାନ୍ଦୁ ହୋ, ଠାକୁର ସିଂ ତିରିଆ, ବାଗୁନ ବାର୍ଜ, ରଞ୍ଜିତ ହେମ୍ବ୍ରମ ଓ ତୁରମ ହୋ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ନ୍ୟାୟସଙ୍ଗତ ଦାବିକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଠିକ୍ ସାଇକଲ୍ ଚାଳନା ପରି। ସମତୁଲତା ରକ୍ଷା କରିବାକୁ ହେଲେ ଏହା ନିରନ୍ତର ଚାଲିବା ଜରୁରୀ।
-ଆଲବର୍ଟ ଆଇନଷ୍ଟାଇନ୍

## ଟିଏମ୍‌ସିରେ ଶିବସେନା ପ୍ରକରଣ

କ୍ରମାଗତ ୧୫ ବର୍ଷ ଧରି ପଶ୍ଚିମବଙ୍ଗରେ ଶାସନ କ୍ଷମତାରେ ରହିଥିବା ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଗତ ବିଧାନସଭା ନିର୍ବାଚନରେ ପରାଜୟ ପରେ ଦଳ ଆପାତତଃ ବିଭାଜିତ ହୋଇସାରିଛି। ଟିଏମ୍‌ସିର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୫୮ ଜଣ ମେଳି କରି ମମତା ବାନାର୍ଜୀଙ୍କ ୨୮ ବର୍ଷର ନେତୃତ୍ୱ, କ୍ଷମତା ଓ ଅସ୍ତିତ୍ୱକୁ ଏକପ୍ରକାର ଖୋଲା ଆହ୍ୱାନ ଦେଇଛନ୍ତି। ନିକଟରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ଟିଏମ୍‌ସିରୁ ବହିଷ୍କୃତ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ୫୮ ବିଧାୟକ ନୂଆ ଗୋଷ୍ଠୀ ଗଠନ କରିଛନ୍ତି ଏବଂ ରତବ୍ରତଙ୍କୁ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳର ନେତା ମାନ୍ୟତା ମିଳିଛି। ଟିଏମ୍‌ସିରେ ଏହି ଐତିହାସିକ ବିଭାଜନ ମହାରାଷ୍ଟ୍ରରେ ଶିବସେନାରେ ଜୁନ୍ ୨୦୨୨ରେ ଘଟିଥିବା ବିଭାଜନକୁ ସ୍ମରଣ କରାଉଛି, ଯେଉଁଠାରେ ଶିବସେନାର ୫୩ ଜଣ ବିଧାୟକଙ୍କ ମଧ୍ୟରୁ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ୩୭ ଜଣ ବିଧାୟକ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ପ୍ରତ୍ୟାଖ୍ୟାନ କରି କେବଳ ନୂଆ ଗୋଷ୍ଠୀ ଗଠନ କରି ନଥିଲେ ସେମାନେ ହିଁ ପ୍ରକୃତ ଶିବସେନା ବୋଲି ଘୋଷଣା କରିଥିଲେ। ନିର୍ବାଚନ ଆୟୋଗ ମଧ୍ୟ ଏକନାଥ ସିନ୍ଦେଙ୍କ ଗୋଷ୍ଠୀକୁ ଶିବସେନାର ମୂଳ ନିର୍ବାଚନୀ ଚିହ୍ନ ବ୍ୟବହାର କରିବାର ଅଧିକାର ପ୍ରଦାନ କରିବା ପରେ ଦଳର ମୂଳ ନେତା ଉଦ୍ଧବଙ୍କ ହାତରୁ ଦଳର କର୍ତ୍ତୃତ୍ୱ ଚାଲିଯାଇଥିଲବା। ଅନ୍ୟଅର୍ଥରେ କହିଲେ ତାଙ୍କଦଳରୁ ହିଁ ତାଙ୍କୁ ବିତାଡ଼ିତ ହେବାକୁ ପଡ଼ିଥିଲା।

ଟିଏମ୍‌ସିର ସ୍ଥିତି ପ୍ରାୟତଃ ଶିବସେନା ବିଘଟନର ପୁନରାବୃତ୍ତି ପରି ଜଣାପଡୁଥିଲେ ମଧ୍ୟ ରତବ୍ରତଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଟିଏମ୍‌ସିରୁ ଅଲଗା ହୋଇନାହାନ୍ତି, ବରଂ ଦଳର ପ୍ରତିଷ୍ଠାତା ତଥା ସୁପ୍ରିମୋଙ୍କୁ ଦଳର ନେତା ପଦରୁ ଅବ୍ୟାହତି ଦେଇ ପରାମର୍ଶଦାତା ଭୂମିକାରେ ସନ୍ତୁଷ୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ୨୨ ଜଣ ବିଧାୟକ ସମର୍ଥିତ ମମତା କି ଆଇନଗତ ପଦକ୍ଷେପ ନେବେ ତାହା ଏବେ ଅସ୍ପଷ୍ଟ। କିନ୍ତୁ ସଂଖ୍ୟାଧିକ ବିଧାୟକଙ୍କ ସମର୍ଥନ ଥିବା ଏବଂ ବାଚସ୍ପତିଙ୍କ ସ୍ୱୀକୃତି ପାଇ ସାରିଥିବା ରତବ୍ରତ ହିଁ ଏବେ ଟିଏମ୍‌ସିର ସର୍ବେସର୍ବା ବୋଲି ବୁଝାଯିବ। ତେଣୁ ରତବ୍ରତଙ୍କ ଗୋଷ୍ଠୀ ଟିଏମ୍‌ସିର ନିର୍ବାଚନୀ ଚିହ୍ନ ପାଇଁ ଆବେଦନ କରିବାର ଆବଶ୍ୟକତା ହିଁ ନାହିଁ। ଅଧିକନ୍ତୁ କ୍ଷମତା ଦୌଡ଼ରେ ମମତାଙ୍କ ସମର୍ଥନରେ ଥିବା ୨୨ ଜଣ ବିଧାୟକ ରତବ୍ରତଙ୍କୁ ଖୋଲା ସମର୍ଥନ ଦେବା ଅସମ୍ଭବ ନୁହେଁ। ସାମ୍ପ୍ରତିକ ଭାରତୀୟ ରାଜନୀତିରେ ଯେଉଁଭଳି ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳମାନଙ୍କର ଅସ୍ତିତ୍ୱ ସଙ୍କଟ ଭିତରକୁ ଠେଲି ହୋଇଯାଉଛନ୍ତି ସେହି ପୃଷ୍ଠଭୂମିରେ ରତବ୍ରତଙ୍କ ଗୋଷ୍ଠୀ ଜାତୀୟ ଦଳରେ ସାମିଲ୍ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ଦୁଇଟିଯାକ ପରିସ୍ଥିତିରେ ମମତା ଏକଘରକିଆ ହୋଇଯିବା ନିଶ୍ଚିତ।

ଏଠାରେ ସମୟର ଖେଳ ଓ ରାଜନୀତିର ବିଡ଼ମ୍ବନାକୁ ଲକ୍ଷ୍ୟ କରିବାର କଥା। ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିବା ଏବଂ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ମମତା ବାନାର୍ଜୀଙ୍କ ଭଳି ଜଣେ ସାହସୀ, ଉଦ୍‌ଯୋଗୀ, କର୍ମଠ, ବିପ୍ଳବୀ, ପ୍ରଭାବଶାଳୀ ନେତୃତ୍ୱ ଯେ ଦିନେ ତାଙ୍କ ଦ୍ୱାରା ଗଠିତ ଦଳରେ ହିଁ ଅଲୋଡ଼ା ହୋଇଯିବେ, ଏହା ମମତାଙ୍କ ବିରୋଧୀମାନେ ମଧ୍ୟ କେବେ କଳ୍ପନା କରି ନଥିବେ। ଆଭ୍ୟନ୍ତରୀଣ ଦଳୀୟ ରାଜନୀତିରେ ମାତ୍ରାଧିକ ପ୍ରିୟାପ୍ରୀତି ତୋଷଣ ହେଉ କିମ୍ବା ଗଣତନ୍ତ୍ରର ଅଭାବ ଏଭଳି ସ୍ଥିତିକୁ ଯେ ଜନ୍ମ ଦିଏ ତାହା ଟିଏମ୍‌ସିରେ ରତବ୍ରତ ପ୍ରକରଣ ଭାରତୀୟ ରାଜନୀତିରେ ଏକ ଉଦାହରଣ ହୋଇ ରହିଯିବ। ପୁତୁରା ଅଭିଷେକ ବାନାର୍ଜୀଙ୍କ ପ୍ରତି ମମତାଙ୍କ ଅଧିକ ଗୁରୁତ୍ୱ ପ୍ରଦାନ ଏଭଳି ବିଦ୍ରୋହକୁ ଜନ୍ମ ଦେଇଥିବା କୁହାଯାଉଛି। ଏହା ସତ ହୋଇପାରେ; କିନ୍ତୁ ରତବ୍ରତଙ୍କ ନେତୃତ୍ୱରେ ଭିନ୍ନ ଗୋଷ୍ଠୀ ଗଢ଼ିଥିବା ୫୮ ବିଧାୟକଙ୍କ ବିଶ୍ୱାସଘାତକତାକୁ ମଧ୍ୟ ଗୌଣ ଦୃଷ୍ଟିରେ ଦେଖିବା ଉଚିତ ହେବ ନାହିଁ।

ଭାରତରେ ରାଜନୈତିକ ଦଳର ବିଭାଜନ, ସଂକେତ ଓ ଦଳର ନାମକୁ ନେଇ ବିବାଦ ନୂଆ କଥା ନୁହେଁ। ବାମ, ଦକ୍ଷିଣ ଓ କେନ୍ଦ୍ରପନ୍ଥୀ ସବୁଦଳଙ୍କ ଜୀବନରେ ଏଭଳି ପରିସ୍ଥିତି ଆସିଛି ଏବଂ ଆଗକୁ ଅନ୍ୟାନ୍ୟ ଦଳଙ୍କ କ୍ଷେତ୍ରରେ ମଧ୍ୟ ଆସିପାରେ। କଂଗ୍ରେସ, ଜନତାପାର୍ଟି, ଜନତା ଦଳ, ବାମପନ୍ଥୀ ଓ କିଛି ଦ୍ରାବିଡ଼ୀୟ ଦଳ ଏହିକ୍ରମରେ ବହୁଦା ବିଭକ୍ତ ହୋଇଛନ୍ତି। ତାମିଲ୍‌ନାଡୁରେ ଏଆଇଏଡିଏମ୍‌କେରେ ମଧ୍ୟ ଏକ ସମାନ୍ତରାଳ ଗୋଷ୍ଠୀ ଜନ୍ମ ନେଇ ବିଜୟଙ୍କ ସରକାରକୁ ସମର୍ଥନ ଦେଇଛି। ନିର୍ବାଚିତ ଲୋକପ୍ରତିନିଧି ଗୋଟିଏ ଦଳ ଛାଡ଼ି ଚାଲିଗଲେ ବା ଦଳରେ ଆନୁଷ୍ଠାନିକ ବିଭାଜନ ଘଟିଲେ ସବୁ ଦଳ ମରି ହଜି ଯାଏ ନାହିଁ। ନେତା ଓ ନେତୃତ୍ୱ ଯଦି ଠିକ୍ ଥା'ନ୍ତି ଏବଂ ସଂଗଠନ ଯଦି ତାଙ୍କ ପାଖରେ ଥାଏ, ସେ ଦଳ ପରବର୍ତ୍ତୀ ନିର୍ବାଚନରେ ପୁନର୍ବାର ଉପରକୁ ଉଠିଥାଏ। ଏ ସବୁ ସତ୍ତ୍ୱେ କର୍ତ୍ତୃତ୍ୱ ଓ କ୍ଷମତା ସ୍ୱୀକୃତିର ଏକ ବଡ଼ ଭୂମିକା ରହୁଛି। ଯଦି ଦଳୀୟ କର୍ମୀ ମମତାଙ୍କ ନିର୍ଦ୍ଦେଶ ନ ମାନିବେ ତେବେ ତାଙ୍କ ପାଖରେ କିଛି କରିପାରିବାର ବାଟ ନାହିଁ। ସେଭଳି ପରିସ୍ଥିତିରେ ମମତାଙ୍କ ରାଜନୀତିରୁ ସନ୍ନ୍ୟାସ ପ୍ରସଙ୍ଗ ଆଲୋଚନାକୁ ଆସିବ। ଅପରପକ୍ଷରେ ବିଧାୟକମାନଙ୍କ ବିଶ୍ୱାସଘାତକତା ସତ୍ତ୍ୱେ ଯଦି ତୃଣମୂଳସ୍ତରର କର୍ମୀ ଓ ଜନସାଧାରଣ ମମତାଙ୍କ ସପକ୍ଷରେ ରୁହନ୍ତି ତେବେ ଆଗାମୀ ଦିନରେ ଟିଏମ୍‌ସି ରାଜ୍ୟ ରାଜନୀତି କଡ଼ ଲେଉଟାଇବା ଅସମ୍ଭବ ନୁହେଁ। ଏହି ଆଧାରରେ ଜାତୀୟ ରାଜନୀତିରେ ମଧ୍ୟ ମମତାଙ୍କ ଅସ୍ତିତ୍ୱ ପ୍ରମାଣିତ ହେବ।

ଭାରତୀୟ ରାଜନୀତିରେ ଏବେ ଯେଉଁ ବିଶ୍ୱାସ ସଙ୍କଟ ସୃଷ୍ଟି ହୋଇଛି ସେଥିରୁ ଆପାତତଃ ଦୁଇଟି ସନ୍ଦେଶ ମିଳୁଛି। ପ୍ରଥମତଃ, ନେତୃତ୍ୱର ଏକଛତ୍ରବାଦକୁ ଦଳୀୟ ନେତା ଓ କର୍ମୀମାନେ ଆଉ ସ୍ୱୀକାର କରିବା ସ୍ଥିତିରେ ନାହାନ୍ତି। ଏହା ଭାରତୀୟ ଗଣତନ୍ତ୍ର ସପକ୍ଷରେ ଏକ ଶୁଭସଙ୍କେତ ହୋଇପାରେ। ଦ୍ୱିତୀୟତଃ, ସୁବିଧାବାଦୀ ରାଜନୀତିର ମାନସିକତା ଧୀରେ ଧୀରେ ନେତାମାନଙ୍କୁ ଗ୍ରାସ କରିବାରେ ଲାଗିଛି। ତେଣୁ ସେମାନେ ରାଜନୀତିକୁ ଦେଶ ଓ ଜନତାଙ୍କ ସେବା ପରିବର୍ତ୍ତେ ସ୍ୱସ୍ୱାର୍ଥ ସାଧନର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ଦେଖୁଛନ୍ତି ଏବଂ କ୍ଷମତାସୀନ ଦଳ ସହିତ ବିଲୟ ହୋଇଯିବାକୁ ପସନ୍ଦ କରୁଛନ୍ତି। ଦ୍ୱିତୀୟଟିର ପ୍ରଭାବ ଓ ବିସ୍ତାର ବଢ଼ିଲେ ହୁଏତ ଭାରତର ବହୁଦଳୀୟ ଗଣତନ୍ତ୍ର ଦ୍ୱିଦଳୀୟରେ ପରିବର୍ତ୍ତନ ହୋଇପାରେ। ●

## ମହାଜନାଦେଶରୁ ମହାପ୍ରଶ୍ନ

ରାକେଶ ପାଢ଼ୀ




ଇତିହାସ ଏଭଳି ଅନେକ କ୍ଷଣର ସାକ୍ଷୀ ରହିଛି, ଯେତେବେଳେ ଜନତା କେବଳ ସରକାର ବଦଳାଇ ନାହାନ୍ତି, ନିଜ ଭାଗ୍ୟ ବଦଳାଇବାର ସ୍ୱପ୍ନ ଦେଖିଛନ୍ତି। ୨୦୧୪ ସେହିପରି ଏକ ମୁହୂର୍ତ୍ତ ଥିଲା କହିଲେ ଅତିଶୟୋକ୍ତି ହେବ ନାହିଁ। ୨ଜି ସ୍ପେକ୍ଟ୍ରମ, କମନୱେଲ୍‌ଥ ଗେମ୍, କୋଲଗେଟ୍, ଆଦର୍ଶ ହାଉସିଂ ଏବଂ ଅନ୍ୟାନ୍ୟ ଦୁର୍ନୀତିର ଅଭିଯୋଗରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଥିଲେ। ଦୁର୍ନୀତିର କାଦୁଅରେ ଫସିଯାଇଥିବା ୟୁପିଏ ଶାସନ, ନିରବ ନେତୃତ୍ୱ, ନୀତିଗତ ଅଚଳାବସ୍ଥା ଏବଂ ଜନ ଅସନ୍ତୋଷର ଜ୍ୱାଳା ମଧ୍ୟରେ ଦେଶ ଜଣେ ନୂତନ ନାୟକଙ୍କୁ ଖୋଜୁଥିଲା। ସେହି ସମୟରେ ନରେନ୍ଦ୍ର ଦାମୋଦରଦାସ ମୋଦୀ କେବଳ ଜଣେ ରାଜନେତା ଭାବେ ନୁହେଁ, ବରଂ ଅସୁମାରି ଆଶା, ଅନେକ ଆକାଂକ୍ଷା ଓ ପରିବର୍ତ୍ତନର ପ୍ରତୀକ ଭାବେ ଉଭା ହେଲେ। ସ୍ୱାଧୀନତା ପରେ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ ପରେ ଦେଶର ରାଜନୀତିରେ ଏପରି ଜନଆକର୍ଷଣ ସମ୍ଭବତଃ ଆଉ କେହି ହାସଲ କରି ନ ଥିଲେ। ଶ୍ରୀଯୁକ୍ତ ମୋଦୀଙ୍କୁ ଭାରତର ବଦଳୁଥିବା ଭାଗ୍ୟରେଖା ବୋଲି ଜନତା ଭାବି ନେଇଥିଲେ। 'ଅଛେ ଦିନ', 'ସବ୍‌କା ସାଥ, ସବ୍‌କା ବିକାଶ', 'ଗୁଜରାଟ ମଡେଲ' ଓ 'ନ୍ୟୁ ଇଣ୍ଡିଆ'ର ସ୍ଲୋଗାନ ଭାରତର ଜନସାଧାରଣଙ୍କୁ ଏକ ନୂଆ ଯୁଗର ଆହ୍ୱାନ ଭଳି ଲାଗୁଥିଲା।

ସମୟର ନଦୀ କିନ୍ତୁ କେବେ ଅଟକି ରହେ ନାହିଁ। ବାରବର୍ଷ ପରେ ଆଜି ଯେତେବେଳେ ଆମେ ପଛକୁ ଫେରି ଚାହୁଁଛୁ, ମନରେ ଏକ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଛି ଯେ 'ଭାରତବର୍ଷ କେନ୍ଦ୍ର ସରକାରକୁ ଯେଉଁ ସୁବର୍ଣ୍ଣ ସୁଯୋଗ ଦେଇଥିଲା, ତାହାର ପୂର୍ଣ୍ଣ ସଦୁପଯୋଗ ହେଲା କି?' ନିଶ୍ଚିତ ଭାବରେ ଏହି ଅବଧିରେ କିଛି ଐତିହାସିକ ଘଟଣା ଘଟିଛି। କିନ୍ତୁ ଗତ ବାରବର୍ଷରେ ଭାରତର ସ୍ଥିତି ଯେ ମହାଜନାଦେଶରୁ ଯୁବପିଢ଼ିଙ୍କ ସକାଶେ ମହାପ୍ରଶ୍ନ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ। ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ, ତିନି ତଲାକ ଆଇନ ଉଚ୍ଛେଦ, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ, ଡିଜିଟାଲ ଇଣ୍ଡିଆ, ୟୁପିଆଇ ବିପ୍ଳବ, ଜନଧନ ଯୋଜନା, ସ୍ୱଚ୍ଛ ଭାରତ ଏବଂ ଦେଶବ୍ୟାପୀ ଭିତ୍ତିଭୂମି ବିକାଶ କେନ୍ଦ୍ର ସରକାରର ବଡ଼ ସଫଳତା ଭାବେ ଗଣାଯାଇପାରିବ।

ସଫଳତାର ଏହି ଝଲମଲ ଆଲୋକ ମଧ୍ୟରେ କିଛି ଛାଇ ଓ ଛିଦ୍ର ଏବେ ସ୍ପଷ୍ଟ ବାରି ହେଉଛି। ୨୦୧୪ରେ ପ୍ରତିବର୍ଷ ଦୁଇକୋଟି ଚାକିରିର ପ୍ରତିଶ୍ରୁତି ଦିଆଯାଇଥିଲା। ସେତେବେଳେ ଯୁବପିଢ଼ିର ଆଖିରେ ସ୍ୱପ୍ନ ନଭଶ୍ଚୁମ୍ବୀ ଥିଲା। ଏନ୍‌ଏସ୍‌ଏସ୍‌ଓ ତଥ୍ୟ ଅନୁଯାୟୀ ୟୁପିଏ ସରକାର ସମୟରେ ୨୦୧୧-୧୨ରେ ବେକାରୀ ହାର ପ୍ରାୟ ୨.୨ ପ୍ରତିଶତ ଥିଲା। ଆଜି ପିଏଲ୍‌ଏଫ୍‌ଏସ୍ ତଥ୍ୟ ଅନୁଯାୟୀ ତାହା ୩.୧ ପ୍ରତିଶତ ପାଖାପାଖି ରହିଛି। ସରକାର ନିଯୁକ୍ତି ବୃଦ୍ଧିର ଦାବି କରୁଛନ୍ତି, କିନ୍ତୁ ସରକାରୀ ଚାକିରି ପାଇଁ ଲକ୍ଷ ଲକ୍ଷ ଯୁବକଙ୍କ ଲମ୍ବା ଧାଡ଼ି ଏବଂ ପରୀକ୍ଷା କେନ୍ଦ୍ରରେ ଜମୁଥିବା ଭିଡ଼ ଏକ ଭିନ୍ନ କାହାଣୀ ଦର୍ଶାଉଛି।

କୌଣସି ରାଷ୍ଟ୍ରର ଭବିଷ୍ୟତ ତାହାର ଯୁବପିଢ଼ିର ସ୍ୱପ୍ନ ଉପରେ ନିର୍ଭର କରେ। ଗତ ଏକ ଦଶନ୍ଧି ମଧ୍ୟରେ ଭାରତର ନିଯୁକ୍ତି ଓ ଶିକ୍ଷା ବ୍ୟବସ୍ଥା ଅନେକ ବିବାଦର ସମ୍ମୁଖୀନ ହୋଇଛି। ନିଟ୍, ୟୁଜିସି-ନେଟ, ଏସଏସସି, ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ, ବିଭିନ୍ନ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଓ ଶିକ୍ଷକ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବାତିଲ ଓ ଅନିୟମିତତାର ଅଭିଯୋଗ ବାରମ୍ବାର ହେଉଛି। ଲକ୍ଷ ଲକ୍ଷ ଯୁବକ ବର୍ଷ ବର୍ଷ ଧରି ପରିଶ୍ରମ କରିବା ପରେ ଯେତେବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଖବର ଶୁଣନ୍ତି, ସେତେବେଳେ କେବଳ ପରୀକ୍ଷା ନୁହେଁ, ବରଂ ବ୍ୟବସ୍ଥା ଉପରୁ ସେମାନଙ୍କ ଭରସା ତୁଟିଯାଏ।

'ନୋଟବନ୍ଦୀ' ବା 'ବିମୁଦ୍ରାୟନ'କୁ 'ମାଷ୍ଟରଷ୍ଟ୍ରୋକ' କୁହାଗଲା। କଳାଧନ, ଆତଙ୍କବାଦ ଓ ନକଲି ନୋଟ ବିରୋଧରେ ଏହାକୁ ଏକ ଅମୋଘ ଅସ୍ତ୍ର ଭାବେ ଉପସ୍ଥାପନ କରାଗଲା। କିନ୍ତୁ ପ୍ରାୟ ସମସ୍ତ ନୋଟ ବ୍ୟାଙ୍କକୁ ଫେରି ଆସିବା ପରେ ପ୍ରଶ୍ନ ଉଠିଲା, ଏହା ଆର୍ଥିକ ସଂସ୍କାର ଥିଲା ନା ଅର୍ଥନୀତିକୁ ଦିଆଯାଇଥିବା ଏକ ଗଭୀର ଆଘାତ? ସେହିଭଳି ୧୦୦ 'ସ୍ମାର୍ଟ ସିଟି'ର ସ୍ୱପ୍ନ ଦେଖାଯାଇଥିଲା। କିଛି ସହରରେ ପରିବର୍ତ୍ତନ ଦେଖାଯାଇଥିଲେ ମଧ୍ୟ ଅଧିକାଂଶ ସହର ଆଜି ମଧ୍ୟ 'ସ୍ମାର୍ଟ' ଦୂରେ ଥାଉ ପାରମ୍ପରିକ ସମସ୍ୟାରୁ ମୁକୁଳି ପାରିନାହାନ୍ତି।

ବିଦେଶ ନୀତି କ୍ଷେତ୍ରରେ ଗତ ବାରବର୍ଷରେ କେନ୍ଦ୍ର ସରକାର ପ୍ରଶଂସା ସାଉଁଟିଛି। ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଭାରତ ଶସ୍ତା ତୈଳ କ୍ରୟ କରି ଆର୍ଥିକ ଲାଭ ପାଇଥିଲା। ଜି-୨୦ ଶିଖର ସମ୍ମିଳନୀ ମାଧ୍ୟମରେ ବିଶ୍ୱ ମଞ୍ଚରେ ଭାରତର ମର୍ଯ୍ୟାଦା ବଢ଼ିଥିଲା। କିନ୍ତୁ ଆଜି ବିଶ୍ୱ ରାଜନୀତିର ଦିଗ ବଦଳୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ନୂତନ ଟାରିଫ୍ ନୀତି, ଚୀନର ଆର୍ଥିକ ଆକ୍ରମଣାତ୍ମକ ନୀତି ଓ ପଶ୍ଚିମ ଏସିଆର ଅସ୍ଥିରତା ଯୋଗୁଁ ଭାରତର ବିଦେଶ ନୀତିକୁ କଠିନ ପରୀକ୍ଷା ଦେଇ ଗତି କରିବାକୁ ପଡୁଛି। ଏକଦା ଯେଉଁ ଭାରତ 'ବିଶ୍ୱଗୁରୁ' ହେବାର ସ୍ୱପ୍ନ ଦେଖୁଥିଲା, ସେହି ଭାରତ ଆଜି ଘରୋଇ ମହଙ୍ଗାମାଡ଼, ବେକାରୀ, ଆୟ ବୈଷମ୍ୟ ଓ ବାହ୍ୟ କୂଟନୈତିକ ଚାପରେ ସନ୍ତୁଳନ ଖୋଜୁଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ରୋକଠୋକ ବକ୍ତବ୍ୟ ବିଶ୍ୱ ମଞ୍ଚରେ ପ୍ରଶଂସା ପାଇଛି, କିନ୍ତୁ କୂଟନୀତି କେବଳ ଶବ୍ଦର ଶକ୍ତିରେ ନୁହେଁ, ଅର୍ଥନୀତି ଓ ପ୍ରଭାବର ଶକ୍ତିରେ ମଧ୍ୟ ପରିଚାଳିତ ହୁଏ ତାହା ଭୁଲିଗଲେ ଚଳିବ ନାହିଁ।

ସମୟାନୁକ୍ରମେ ଓଡ଼ିଶାରେ ମଧ୍ୟ ପରିବର୍ତ୍ତନର ପବନ ବହିଛି। ଦୀର୍ଘ ୨୪ ବର୍ଷ ପରେ କ୍ଷମତାର ରଙ୍ଗ ବଦଳିଛି। କିନ୍ତୁ ଜନତା ଆଜି ରଙ୍ଗର ପରିବର୍ତ୍ତନ ନୁହେଁ, ପରିଣାମର ପରିବର୍ତ୍ତନ ଚାହୁଁଛନ୍ତି। ଇତିହାସ ନିଷ୍ଠୁର ହୋଇପାରେ, କିନ୍ତୁ ନିରପେକ୍ଷ ହୋଇଥାଏ। ସେ କୌଣସି ଦଳ କିମ୍ବା ନେତାଙ୍କ ପ୍ରତି ଅନୁଗତ ନୁହେଁ। ସେ କେବଳ ଫଳାଫଳର ବିଚାର କରେ। ୨୦୧୪ରେ ଦେଶ ଏକ ଅଦ୍ଭୁତ ସୁଯୋଗ ଦେଇଥିଲା ଏକ ସ୍ଥିର ସରକାର, ଏକ ଶକ୍ତିଶାଳୀ ନେତୃତ୍ୱ ଏବଂ ଏକ ବିପୁଳ ଜନସମର୍ଥନ। ପ୍ରଶ୍ନ ହେଉଛି, ସେହି ସୁବର୍ଣ୍ଣ ସୁଯୋଗ ଭାରତକୁ ସ୍ୱର୍ଣ୍ଣିମ ଭବିଷ୍ୟତ ଦେଇପାରିଲା କି? ନା ଆଶାର ସୁବର୍ଣ୍ଣ ଶସ୍ୟକ୍ଷେତ୍ରରେ ଆଜି ମଧ୍ୟ ଅପୂର୍ଣ୍ଣ ପ୍ରତିଶ୍ରୁତିର ଶୁଷ୍କ ପବନ ବହୁଛି? ଏଭଳି ଅନେକ ପ୍ରଶ୍ନର ଉତ୍ତର ରାଜନୀତି ନୁହଁ, ଇତିହାସ ହିଁ ଦେଇପାରିବ। ●

ଜୟପୁର, ମୋ: ୯୪୩୯ ୫୧୦୦୯୧

## କୃତ୍ରିମ ବୌଦ୍ଧିକତା ଓ ଭାରତ

ଡ଼. ମାୟାଧର ସ୍ୱାଇଁ

ବର୍ତ୍ତମାନ ସମୟର ସର୍ବଶ୍ରେଷ୍ଠ ଓ ବହୁଚର୍ଚ୍ଚିତ ପ୍ରଯୁକ୍ତି ବିଦ୍ୟା ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍ ବା ଏଆଇ)। ଆମ ଜୀବନରେ ପ୍ରତିଟି କ୍ଷେତ୍ରରେ ଏହାର ପ୍ରୟୋଗ ହେଉଛି। ଏହାଦ୍ୱାରା କାମ ସହଜରେ ଓ ଶୀଘ୍ର ହୋଇପାରୁଛି। ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନଷ୍ଟାଗ୍ରାମ ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମରେ ଏହାର ବ୍ୟବହାରକୁ ଆମେ ଉପଲବ୍ଧ କରିପାରୁଛେ। ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଶକ୍ତି, ପ୍ରଶାସନ ଆଦି କ୍ଷେତ୍ରରେ ଏହାର ବହୁଳ ପ୍ରୟୋଗ କରାଯାଉଛି। ଏହାର ଗୋଟିଏ ଉତ୍ତମ ସୁବିଧା ହେଉଛି ଯେ ଏହା ଅନେକ ତଥ୍ୟକୁ ବିଶ୍ଳେଷଣ କରି କମ୍ ସମୟରେ ଉଚିତ୍ ମାର୍ଗ ପ୍ରଦର୍ଶନ କରିଥାଏ। ଉଦାହରଣସ୍ୱରୂପ, ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ବ୍ୟବସ୍ଥାକୁ ବିଚାର କରିବା। ଏଥିପାଇଁ ଜଣେ ଅଙ୍ଗପ୍ରଦାନକାରୀ ଓ ଅନ୍ୟ ଜଣେ ଅଙ୍ଗଗ୍ରାହୀ ଥା'ନ୍ତି ଏବଂ ପ୍ରତିରୋପଣ ପାଇଁ ଉଭୟଙ୍କ ମଧ୍ୟରେ ରକ୍ତ ଗ୍ରୁପ୍ ସମେତ କେତେକ ପ୍ରାଚଳର ସୁମେଳନ ହେବା ଅତ୍ୟାବଶ୍ୟକ। ଏଆଇ ସାହାଯ୍ୟରେ ଭେଷଜ ଓ ଲବୋରେଟୋରି ତଥ୍ୟର ବିଶେଷ୍ଲଣ ଏହାକୁ ସହଜ କରିଥାଏ। ପୁନଶ୍ଚ ଅଙ୍ଗ ପ୍ରଦାନକାରୀ ଓ ଅଙ୍ଗଗ୍ରାହୀ ମଧ୍ୟରେ ଦୂରତା ଥାଇପାରେ। ଏଣୁ କିପରି ସମୟ ନଷ୍ଟ ନ କରି ପରିବହନ ପଥ ଚୟନ କରାଯିବ ଏବଂ ରାସ୍ତାରେ ଯେପରି ଟ୍ରାଫିକ ସମସ୍ୟା ନ ରହିବ, ତାହା ଏଆଇ ଦ୍ୱାରା ସ୍ଥିର କରାଯାଉଛି। ଭାରତରେ ରେଳଧାରଣା ଅତିକ୍ରମ କରିବା ବେଳେ ଅନେକ ସମୟରେ ହାତୀର ମୃତ୍ୟୁ ଖବର ଆସିଥାଏ। ବର୍ତ୍ତମାନ ଏହାକୁ ବନ୍ଦ କରିବା ପାଇଁ ଏଆଇ ପ୍ରୟୋଗ କରାଯାଉଛି। ସେହିପରି ଜଙ୍ଗଲ ନିଆଁର ପ୍ରତିକାର ପାଇଁ ମଧ୍ୟ ଏଆଇକୁ ବ୍ୟବହାର କରାଯାଉଛି।

'ଏଆଇ'ର ଏଭଳି ଅନେକ ସୁଫଳ ଯୋଗୁଁ ଭାରତ ସମେତ ଅନେକ ଦେଶ ଏହାକୁ ଗ୍ରହଣ କରିଛନ୍ତି। କିନ୍ତୁ ଏହାର ଗବେଷଣା ଓ ବିଭିନ୍ନ ମଡେଲ୍ ପ୍ରସ୍ତୁତି ପ୍ରାୟ ଯୁକ୍ତରାଷ୍ଟ୍ର ଆମେରିକାରେ ହେଉଛି। ସେଠାରୁ ଆମେ ଏହାକୁ କିଣିଆଣୁଛୁ। ଏଥିପାଇଁ ଆମର ବୈଦେଶିକ ପୁଞ୍ଜି ତ ଖର୍ଚ୍ଚ ହେଉଛି, ତା' ସାଙ୍ଗକୁ ସେଠାରେ ନିର୍ମିତ ବିଭିନ୍ନ ମଡେଲ ଆମ ପାରିବେଶିକ ବ୍ୟବସ୍ଥାରେ ବେଳେବେଳେ ସଠିକ୍ କାମ କରୁନାହିଁ। ଏଣୁ ଆମକୁ ଆମ ଦେଶରେ ଏହାର ବିକାଶ କରିବାକୁ ପଡ଼ିବ। ଆମ ଦେଶର ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ବ୍ୟବସ୍ଥା ଅନୁଯାୟୀ ଏହାର ବିଭିନ୍ନ ମଡେଲ ବା ଆପ୍ଲିକେସନ୍ ପ୍ରସ୍ତୁତି କଲେ ଅସୁବିଧା ହେବନାହିଁ।

ଭାରତରେ ଏଆଇ ବିକାଶ ପାଇଁ ସରକାର ୨୦୨୪ ମସିହା ମାର୍ଚ୍ଚ ମାସରେ 'ଭାରତ ଏଆଇ ମିଶନ' ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ନବୋଦ୍ଭାବକ ଏବଂ ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକୁ ଆନୁଷଙ୍ଗିକ ବ୍ୟବସ୍ଥା ସହିତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଉଛି। ଭାରତ ଗତ ଫେବୃଆରୀ ମାସ ୧୬ ରୁ ୨୧ ତାରିଖ ପର୍ଯ୍ୟନ୍ତ 'ଭାରତ ଏଆଇ ପ୍ରଭାବ ସମ୍ମିଳନୀ'(ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍) ଆୟୋଜନ କରିଥିଲା। ଏଥିରେ ବିଶ୍ୱର ଅନେକ ଏଆଇ କମ୍ପାନୀ ଭାଗ ନେଇଥିଲେ। ଭାରତର ଛଅଶହରୁ ଅଧିକ ଷ୍ଟାର୍ଟଅପ୍ କମ୍ପାନୀ ଏଥିରେ ଯୋଗ ଦେଇଥିଲେ।

ଏଆଇ ବିକାଶ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ଆଲୋଚନା କରିବା। ଏହାର ନିର୍ମାଣ ବ୍ଲକଗୁଡ଼ିକ ହେଉଛି ଡାଟା, ସର୍ଭର, ଗଣନାତ୍ମକ କ୍ଷମତା ଓ ଶକ୍ତି। ଡାଟା କେନ୍ଦ୍ର ଓ ଏଆଇ ଶିଳ୍ପ ଅନେକ ଶକ୍ତି ଆବଶ୍ୟକ କରିଥାଏ। ଏଥିପାଇଁ କମ୍‌ମୂଲ୍ୟରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଶକ୍ତି ଦରକାର। ଭରସାଯୋଗ୍ୟ ଅର୍ଥ ହେଉଛି ନିରନ୍ତର ବିଦ୍ୟୁତ ଯୋଗାଣ ଏବଂ ଉପଯୁକ୍ତ ଭୋଲଟେଜ ଓ ଆବୃତ୍ତିର ବିଦ୍ୟୁତ ହେଉଛି ଗୁଣାତ୍ମକ ବିଦ୍ୟୁତ୍। ଯଦିଓ ଭାରତ କମ୍‌ମୂଲ୍ୟରେ ଶକ୍ତି ଯୋଗାଣ କରୁଛି, ଗ୍ରିଡ୍ ଭରସାଯୋଗ୍ୟତା ଓ ବିଦ୍ୟୁତର ଗୁଣାତ୍ମକ ମାନରେ ଉନ୍ନତି ଆବଶ୍ୟକ। ଗତବର୍ଷ ଭାରତର ଡାଟା କେନ୍ଦ୍ରଗୁଡ଼ିକ ୧୪୦୦ ମେଗାୱାଟ ବିଦ୍ୟୁତ୍ ବ୍ୟବହାର କରିଥିଲେ, ଯାହା ହେଉଛି ଦିଲ୍ଲୀର ସର୍ବାଧିକ ବିଦ୍ୟୁତ ଚାହିଦାର ପ୍ରାୟ ଏକ-ଚତୁର୍ଥାଂଶ। ୨୦୩୦ ମସିହା ସୁଦ୍ଧା ଏହା ୮୦୦୦ ମେଗାଓ୍ୱାଟକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

ଦ୍ୱିତୀୟ ଆବଶ୍ୟକତା ହେଉଛି କମ୍ପ୍ୟୁଟର ଭିତ୍ତିଭୂମି। ଏହା ହେଉଛି ଉନ୍ନତ ଚିପ୍ ଥିବା ଡାଟା କେନ୍ଦ୍ର ଏବଂ ଉଚ୍ଚବେଗ ନେଟୱାର୍କ। ଯୁକ୍ତରାଷ୍ଟ୍ର ଆମେରିକା ଏଥିରେ ସବୁଠାରୁ ଆଗରେ ଅଛି। ଗତବର୍ଷ ଏହାର ଡାଟାକେନ୍ଦ୍ର କ୍ଷମତା ୬୨ ଗିଗାୱାଟ୍ (ଏକ ଗିଗା ୱାଟ୍=୧ ହଜାର ମେଗାୱାଟ୍) ଥିଲା ଏବଂ ୨୦୩୦ ମସିହା ସୁଦ୍ଧା ଏହା ୧୩୪ ଗିଗାୱାଟ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହା ହେଉଛି ପୃଥିବୀର ଶ୍ରେଷ୍ଠ ଜିପିୟୁ ନିୟନ୍ତ୍ରଣକାରୀ ରାଷ୍ଟ୍ର। ଜିପିୟୁ (ଗ୍ରାଫୀୟ ପ୍ରକ୍ରିୟାକରଣ ୟୁନିଟ୍) ହେଉଛି ଗୋଟିଏ ବିଶେଷଧରଣର ଇଲେକ୍ଟ୍ରୋନିକ ପରିପଥ, ଯାହା ଛବି, ଭିଡିଓ ଓ ଥ୍ରୀଡି ଗ୍ରାଫିକ୍‌ସକୁ ଅତିଶୀଘ୍ର ପରିବର୍ତ୍ତନ କରିପାରିବା ସହିତ ଏହାର ସ୍ମୃତିଶକ୍ତିକୁ ବଦଳାଇପାରେ। ଏହା ହେଉଛି ଏଆଇ ମସ୍ତିଷ୍କ। ଏହାର ମୂଲ୍ୟ ମଧ୍ୟ ବହୁତ ଅଧିକ। ବର୍ତ୍ତମାନ ଗୋଟିଏ ଚିପ୍‌ର ଦାମ୍ ୩୦୦୦୦ ଡଲାର ଅଛି। ଭାରତ ନିଜର ଡାଟା କେନ୍ଦ୍ର କ୍ଷମତାକୁ ବୃଦ୍ଧି କରୁଛି। ମାତ୍ର ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ବାହାର ଦେଶର ଚିପ୍ ଓ ଜିପିୟୁ ଉପରେ ନିର୍ଭର କରୁଛି। ବର୍ତ୍ତମାନ ଭାରତରେ ପ୍ରାୟ ୩୮୦୦୦ ଜିପିୟୁ ଅଛି ଏବଂ ତୁଳନାତ୍ମକ ଭାବେ ଯୁକ୍ତରାଷ୍ଟ୍ର ଆମେରିକାରେ ସାତଲକ୍ଷ ଜିପିୟୁ ଅଛି।

ଏଆଇ ପାଇଁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ମୂଳଭିତ୍ତି ମଡେଲ। ଆମେରିକା 'ଓପନ ଏଆଇ' ଓ 'ଗୁଗୁଲ୍' ଦ୍ୱାରା ଶୀର୍ଷରେ ଥିବା ବେଳେ ଚାଇନା ନିଜର 'ଡିସପିକ' ମଡେଲ ତିଆରି କରିଛି। ଭାରତ ନିଜର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ ପାଇଁ କମ୍‌ମୂଲ୍ୟରେ ନିଜର ଏଆଇ ମଡେଲ ସୃଷ୍ଟି କରିବାର ଆବଶ୍ୟକତା ଅଛି। ଦିଲ୍ଲୀ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଦେଖାଗଲା ଯେ ଆମେରିକାର ଏଆଇ କମ୍ପାନୀଗୁଡ଼ିକ ବିଶେଷ ଭାବରେ ଭାରତ ଉପରେ ଧ୍ୟାନ ଦେଉଛନ୍ତି। ଏହାର କାରଣ ହେଉଛି ଭାରତରେ ଉପଲବ୍ଧ ମୁକ୍ତଡାଟା। ଆଜିର ତଥ୍ୟ ପ୍ରଯୁକ୍ତି ବିଦ୍ୟାରେ ଡାଟା ହେଉଛି ଶକ୍ତି। ଆମେରିକୀୟ ବୈଜ୍ଞାନିକମାନେ ଭାରତର ଏହି ସହଜଲବ୍ଧ ଡାଟାଗୁଡ଼ିକୁ ହାସଲ କରି ସେମାନଙ୍କର ଏଆଇ ଆପ୍ଲିକେସନଗୁଡ଼ିକୁ ବିକାଶ କରିବା ପାଇଁ ଚାହୁଁଛନ୍ତି। ଚାଇନା ମଧ୍ୟ ଅନେକ ଡାଟା ସୃଷ୍ଟି କରିଛି। କିନ୍ତୁ ବିଦେଶ ରାଷ୍ଟ୍ରଗୁଡ଼ିକ ତାହା ପାଇବା ସମ୍ଭବ ନୁହେଁ।

ଭାରତ ପ୍ରତି ଆମେରିକୀୟ ଏଆଇ କମ୍ପାନୀଗୁଡ଼ିକ ଆଗ୍ରହର ଅନ୍ୟ ଏକ କାରଣ ହେଉଛି ସେମାନଙ୍କର ଉତ୍ପାଦର ବଜାରୀକରଣ। ଭାରତ ହେଉଛି ଏକ ବିଲିୟନ୍ ବ୍ୟବହାରକାରୀ ଏଆଇ ବଜାରର ଦେଶ। ଉଦାହରଣସ୍ୱରୂପ, ଭାରତରେ 'ଚାଟ୍‌ଜିପିଟି'ର ପ୍ରାୟ ଦଶକୋଟି ବ୍ୟବହାରକାରୀ ଅଛନ୍ତି, ଯାହା ଆମେରିକା ପରେ ପୃଥିବୀରେ ଦ୍ୱିତୀୟ। ଡିଜିଟାଲ ଫୋନ୍ ବ୍ୟବହାର ଏବଂ ବିଭିନ୍ନ କ୍ଷେତ୍ରରେ ଡିଜିଟାଲ୍ ସେବା ଯୋଗୁଁ ଭାରତ ଏଆଇ ଉତ୍ପାଦର ଏକ ବଡ଼ ବଜାରରେ ପରିଣତ ହୋଇଛି। ଭାରତରେ ପ୍ରତିଭା ଅଛି। ବାସ୍ତବରେ ଆମେରିକାର ଏଆଇ କମ୍ପାନୀଗୁଡ଼ିକରେ ଅନେକ ଭାରତୀୟ କାର୍ଯ୍ୟରତ। ସେମାନଙ୍କୁ ଭାରତକୁ ଫେରାଇ ଆଣିବାକୁ ହେଲେ ଦେଶରେ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତି କରିବା ସହିତ ସହଜଲବ୍ଧ ଋଣର ବ୍ୟବସ୍ଥା କରିବା ଆବଶ୍ୟକ। ଏହାସାଙ୍ଗକୁ ଏଆଇ କୁଶଳୀ କର୍ମୀ ସୃଷ୍ଟି କରିବା ପାଇଁ ସ୍କୁଲ୍ ଓ କଲେଜସ୍ତରରେ ଏଆଇ ଶିକ୍ଷା ଦିଆଯିବା ଉଚିତ। ●

(ସମ୍ପାଦକ, ସାଇନ୍ସ ହୋରିଜନ୍)
ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

## ଶୁଆ ପୂଜନ

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ବେଦ ପୁରାଣରେ ଦେବଦେବୀଙ୍କ ବାହନ ରୂପରେ ଅନେକ ପଶୁପକ୍ଷୀଙ୍କ ଚରିତ୍ରର ବର୍ଣ୍ଣନା ରହିଛି। ସେସବୁ ମଧ୍ୟରୁ ପାଳିତ ପକ୍ଷୀ ଭାବେ ଶୁଆର ଆଦର ଅଧିକ। ସକାଳୁ ଶୁଆମୁଖରୁ ରାମନାମ ଶୁଣିଲେ ବିଭୁକୃପା ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଜ୍ୟୋତିଷଶାସ୍ତ୍ର ଅନୁସାରେ ଶୁଆକୁ ଶୁଭ ଓ ସୌଭାଗ୍ୟର ପ୍ରତୀକ ଭାବେ ମାନ୍ୟତା ମିଳିଥିବା ବେଳେ ବୁଧଗ୍ରହ ସହିତ ମଧ୍ୟ ଯୋଡ଼ା ଯାଇଛି। ଶୁଆ କାମଦେବ ଓ କୁବେରଙ୍କ ବାହନ ବୋଲି କେତେକ ପୌରାଣିକ ଆଖ୍ୟାନରେ ଉଲ୍ଲେଖ ଅଛି। କେବଳ ଏତିକି ନୁହେଁ, ଭାରତର ଅନେକ ସ୍ଥାନରେ ଶୁଆକୁ ପୂଜାର୍ଚ୍ଚନା ମଧ୍ୟ କରାଯାଉଛି। ବିଶେଷଭାବେ ଦକ୍ଷିଣ ଭାରତରେ ଶୁଆ ପୂଜନର ପରମ୍ପରା ରହିଛି।

ମଦୁରାଇସ୍ଥିତ ମୀନାକ୍ଷୀ ଅମ୍ମନ ମନ୍ଦିର ନିକଟସ୍ଥ ଶ୍ରୀଭିଲ୍ଲିପୁଥୁରର ଦେବୀ ଅଣ୍ଡାଲ୍ ଏବଂ କାଞ୍ଚିପୁରମ୍‌ରେ କାମାକ୍ଷୀ ଦେବୀଙ୍କ ଦକ୍ଷିଣ କାନ୍ଧ କିମ୍ବା ଦକ୍ଷିଣ ହସ୍ତରେ ଶୁଆ ବିରାଜମାନ କରିଥିବାର ବିଗ୍ରହ ପୂଜା ପାଉଛନ୍ତି। ଦେବୀ ମୀନାକ୍ଷୀଙ୍କ ଦକ୍ଷିଣ ହସ୍ତରେ ଥିବା ଶୁଆ ମନ୍ତ୍ର ଏବଂ ଭକ୍ତଙ୍କ ପ୍ରାର୍ଥନାକୁ ପୁନଃପୁନଃ ଦେବୀଙ୍କୁ ସ୍ମରଣ କରାଇଥାଏ। ତେଣୁ ଭକ୍ତଙ୍କ ମନସ୍କାମନା ଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି କାରଣରୁ ଦେବୀଙ୍କ ସହିତ ଭକ୍ତମାନେ ଶୁଆକୁ ମଧ୍ୟ ବିଶେଷଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଦେବୀ ମୀନାକ୍ଷୀ ଏବଂ ଶୁଆର କାହାଣୀ ଶାଶ୍ୱତ ଅମରପ୍ରେମ, ଜ୍ଞାନ ଓ ଆଧ୍ୟାତ୍ମିକ ମିଳନର ପ୍ରତୀକ ଅଟେ। ଏହି ପୌରାଣିକ କାହାଣୀ ଦେବୀ ପାର୍ବତୀଙ୍କ ମୀନାକ୍ଷୀ ଅବତାର ଏବଂ ମହାଦେବଙ୍କ ସୁନ୍ଦରେଶ୍ୱର ସ୍ୱରୂପର ବିବାହ ସହିତ ଜଡ଼ିତ।

କାହାଣୀ ଅନୁଯାୟୀ ମଦୁରାଇର ରାଜା ମଳୟଧ୍ୱଜ ଓ ରାଣୀ କାଞ୍ଚନମାଳା ସନ୍ତାନପ୍ରାପ୍ତି ପାଇଁ ବିଶାଳ ଯଜ୍ଞର ଆୟୋଜନ କରିଥିଲେ। ଏହି ଯଜ୍ଞରୁ ଦେବୀ ପାର୍ବତୀ ମୀନାକ୍ଷୀ ସ୍ୱରୂପରେ ପ୍ରକଟିତ ହେଲେ ଏବଂ ତାଙ୍କ ଦକ୍ଷିଣ କାନ୍ଧରେ ଗୋଟିଏ ଶୁଆ ମଧ୍ୟ ଥିଲା। ଏହି ଶୁଆ ଦେବୀଙ୍କୁ ବିଦ୍ୟାସାଧନା ଓ ଦିବ୍ୟଜ୍ଞାନ ଶିକ୍ଷା ଦେଉଥିଲା। ଦେବୀ ମୀନାକ୍ଷୀ ଏକଦା ମହାଦେବଙ୍କୁ ଦେଖି ବିମୋହିତ ହୋଇଯାଇଥିଲେ ଏବଂ ଏହି ଶୁଆ ଭବିଷ୍ୟବାଣୀ କରିଥିଲା ଯେ, ସୁନ୍ଦରେଶ୍ୱର ସ୍ୱରୂପରେ ମହାଦେବ ଓ ଦେବୀ ମୀନାକ୍ଷୀଙ୍କ ବିବାହ ହେବ। ଶୁଆର ଭବିଷ୍ୟବାଣୀ ସତ ହେଲା ଏବଂ ମଦୁରାଇରେ ଦେବୀ ମୀନାକ୍ଷୀ ଓ ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା। ତେଣୁ ଦେବୀ ମୀନାକ୍ଷୀଙ୍କ ବିଗ୍ରହର ଦକ୍ଷିଣ କାନ୍ଧରେ ଶୁଆ ମୂର୍ତ୍ତି ଶୋଭାପାଉଛି।

ଶ୍ରୀଭିଲ୍ଲିପୁଥୁର୍‌ରେ ପୂଜା ପାଉଥିବା ଦେବୀ ଅଣ୍ଡାଲ୍‌ଙ୍କ ନିକଟରେ ମଧ୍ୟ ଶୁଆମୂର୍ତ୍ତି ରହିଛି। ପୌରାଣିକ କଥାନୁସାରେ ଦେବୀ ଅଣ୍ଡାଲ୍ ଋଷି ଶୁକବ୍ରହ୍ମାଙ୍କୁ ଆଦେଶ ଦେଇଥିଲେ ଯେ, ସେ ଗୋଟିଏ ଶୁଆର ରୂପ ଧାରଣ କରି ରଙ୍ଗନାଥ (ବିଷ୍ଣୁ)ଙ୍କ ନିକଟକୁ ଯିବେ ଏବଂ ଦେବୀଙ୍କ ସହିତ ବିଷ୍ଣୁଙ୍କର ବିବାହ ପ୍ରସ୍ତାବର ସନ୍ଦେଶ ଦେବେ। ପରବର୍ତ୍ତି ସମୟରେ ଶ୍ରୀବିଷ୍ଣୁ ଓ ଦେବୀ ଅଣ୍ଡାଲଙ୍କର ବିବାହ ସମ୍ପନ୍ନ ହୋଇଥିଲା ଏବଂ ଋଷି ସବୁବେଳେ ଶୁଆ ରୂପରେ ତାଙ୍କ ପାଖରେ ରହିବେ ବୋଲି ଦେବୀ ବରଦାନ ଦେଇଥିଲେ। ତେଣୁ ଅଣ୍ଡାଲଙ୍କ ମୂର୍ତ୍ତି କିମ୍ବା ଚିତ୍ରରେ ଦେବୀଙ୍କ ଦକ୍ଷିଣ ହସ୍ତରେ ଗୋଟିଏ ଶୁଆ ଶୋଭା ପାଇଥାଏ। ଏହାବ୍ୟତୀତ ଦେବୀ ଅଣ୍ଡାଲଙ୍କ ପୂଜାର୍ଚ୍ଚନା ସମୟରେ ଭକ୍ତମାନେ ସତେଜ ଫୁଲ ଓ ପତ୍ରରେ ଗୋଟିଏ ଶୁଆର ଆକୃତି ପ୍ରସ୍ତୁତ କରି ଦେବୀଙ୍କୁ ସମର୍ପଣ କରିଥା'ନ୍ତି। ଏହାଦ୍ୱାରା ଦେବୀଙ୍କ କୃପାଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି।

କାଞ୍ଚିପୁରମ୍‌ଠାରେ ପୂଜିତା ଦେବୀ କାମାକ୍ଷୀ ମନ୍ଦିରରେ ମଧ୍ୟ ଦେବୀଙ୍କ ଦକ୍ଷିଣ କାନ୍ଧରେ ଶୁଆର ମୂର୍ତ୍ତି ରହିଛି। ଏହାସହିତ ଜଡ଼ିତ ପୌରାଣିକ କାହାଣୀ ହେଉଛି - ଭଣ୍ଡାସୁର ନାମକ ଜଣେ ପରାକ୍ରମୀ ଦୈତ୍ୟ ତିନିଲୋକକୁ ଥରହର କରି ରଖିଥିଲା। ତା'ର ଅତ୍ୟାଚାରରୁ ମୁକ୍ତ ହେବା ପାଇଁ ଦେବତାମାନେ ପ୍ରାଣଭୟରେ ଶୁଆ ରୂପ ଧାରଣ କରି ଆଦି ପରାଶକ୍ତିଙ୍କୁ ତପସ୍ୟା କରିଥିଲେ। ମନ୍ଦିରରେ ଥିବା ଚମ୍ପାଗଛ ଉପରେ ଦେବତାମାନେ ଶୁଆ ରୂପରେ ଥିଲେ ବୋଲି ବିଶ୍ୱାସ କରାଯାଏ। ଦେବତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ କାମାକ୍ଷୀ ଭଣ୍ଡାସୁରକୁ ବଧ କରି ଦେବତାଙ୍କୁ ରକ୍ଷା କରିଥିଲେ। ଏହି କାରଣରୁ ଭକ୍ତମାନେ ଦେବୀଙ୍କ ସହିତ ଶୁଆକୁ ମଧ୍ୟ ପୂଜା କରିଥା'ନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ +୩, ଇଣ୍ଟିଗ୍ରେଟେଡ ବିଇଡି ରେଗୁଲାର ପରୀକ୍ଷା ଫଳ ପ୍ରକାଶ

# ମନୀଷ ପାଣିଗ୍ରାହୀ ବେଷ୍ଟ ଗ୍ରାଜୁଏଟ୍

■ ଇଣ୍ଟିଗ୍ରେଟେଡ୍ ବିଇଡି କଳାରେ ରଶ୍ମିପ୍ରଭା, ବିଜ୍ଞାନରେ ବବିତା ଟପ୍ପର

ବାରିପଦା, ୪।୬(ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର +୩, ଇଣ୍ଟିଗ୍ରେଟେଡ ବିଇଡି ଚୂଡ଼ାନ୍ତ ପର୍ଯ୍ୟାୟ (ସିବିସିଏସ୍) ରେଗୁଲାର ପରୀକ୍ଷା ଫଳ ପ୍ରକାଶ ପାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ଅନୁମୋଦନକ୍ରମେ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ମନୀଷ ପାଣିଗ୍ରାହୀ ୯.୦୪ ସିଜିପିଏ ରଖି ବେଷ୍ଟ ଗ୍ରାଜୁଏଟ ହୋଇଛନ୍ତି। ସେହିପରି ଇଣ୍ଟିଗ୍ରେଟେଡ ବିଇଡି କଳା ବିଭାଗର ରଶ୍ମିପ୍ରଭା ସେଠୀ ୮୪.୯୦ ପ୍ରତିଶତ ଓ ବିଜ୍ଞାନ ବିଭାଗର ବବିତା ବେହେରା ୮୭.୨୪ ପ୍ରତିଶତ ନମ୍ବର ରଖି ଟପ୍ପର ହେଇଛନ୍ତି।

ଅପରପକ୍ଷରେ ଚଳିତ ବର୍ଷ ମହାବିଦ୍ୟାଳୟର କଳାର ନୃତତ୍ତ୍ୱ ବିଭାଗର ଶ୍ରୁତି ରାମ ୯.୨୭ ସିଜିପିଏ, ଅର୍ଥନୀତି ବିଭାଗର ସୁପ୍ରଭା ବେହେରା ୯.୧୪ ସିଜିପିଏ, ଶିକ୍ଷା ବିଭାଗର ଆୟୁଷ୍ମାନ ଦାସ ୮.୯୨ ସିଜିପିଏ, ଇଂରାଜୀ ବିଭାଗର ରଶ୍ମିରେଖା ବେହେରା ୮.୦୪ ସିଜିପିଏ, ଭୂଗୋଳ ବିଭାଗର ସଂଗ୍ରାମ ମୁର୍ମୁ ୮.୭୧





ସିଜିପିଏ, ହିନ୍ଦୀ ବିଭାଗର ଦେବପ୍ରସାଦ ରଣା ୮.୧୮ ସିଜିପିଏ, ଇତିହାସ ବିଭାଗର ସରସ୍ୱତୀ ପାତ୍ର ୮.୯୯ ସିଜିପିଏ, ଓଡ଼ିଆ ବିଭାଗର ପିଣ୍ଟୁ ଧଳ ୮.୨୮ ସିଜିପିଏ, ଦର୍ଶନ ବିଭାଗର ଶ୍ୱେତା ସାସମଲ ୯.୦୯ ସିଜିପିଏ, ରାଜନୀତି ବିଜ୍ଞାନ ବିଭାଗର ରୁଦ୍ର ପ୍ରକାଶ ରାମ ୮.୩ ସିଜିପିଏ, ମନସ୍ତତ୍ତ୍ୱ ବିଭାଗର ସଂଯୁକ୍ତା ମହାନ୍ତ ୮.୪୫ ସିଜିପିଏ, ସଂସ୍କୃତ ବିଭାଗର ମେଘବର୍ଣ୍ଣ ସି ୮.୬୯ ସିଜିପିଏ, ସାନ୍ତାଳୀ ବିଭାଗର ଚନ୍ଦ୍ରକାନ୍ତ ମୁର୍ମୁ ୮.୪୨ ସିଜିପିଏ, ସମାଜ ବିଜ୍ଞାନ ବିଭାଗର ପ୍ରିୟଲକ୍ଷ୍ମୀ ସୋରେନ ୭.୫୯ ସିଜିପିଏ, ହସ୍ପିଟାଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ ବିଭାଗର ବିଶାଲ ବାରିକ ୮.୫୮ ସିଜିପିଏ, ଗୃହ ବିଜ୍ଞାନ ବିଭାଗର ସ୍ମୃତିରେଖା ଗିରି ୭.୯୪ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନରେ ମନୀଷ ପାଣିଗ୍ରାହୀ ୯.୦୪ ସିଜିପିଏ, ରସାୟନ ବିଜ୍ଞାନ ବିଭାଗର ଦିବ୍ୟାଂଶୀ ସିଂହ ୯.୨୯ ସିଜିପିଏ, ସଂଗଣକ ବିଜ୍ଞାନ ବିଭାଗର ପ୍ରଦୀପ କୁମାର ବେହେରା ୮.୯୪ ସିଜିପିଏ, ଭୂତତ୍ତ୍ୱ ବିଭାଗର ମମତା ମହାନ୍ତ ୯.୦୩ ସିଜିପିଏ, ଗଣିତ ବିଭାଗର ରେଖା ମାଝୀ ୯.୦୧ ସିଜିପିଏ, ପଦାର୍ଥ ବିଜ୍ଞାନ ବିଭାଗର ଲଳିତ କୁମାର ପାଣିଗ୍ରାହୀ ୯.୦୭ ସିଜିପିଏ, ପ୍ରାଣୀ ବିଜ୍ଞାନ ବିଭାଗର ରେନୀମା ମହାନ୍ତ ୯.୦୩ ସିଜିପିଏ, ଡାଟା ସାଇନ୍ସ ବିଭାଗର ଶ୍ରୁତି ସୁଚରିତା ମହାପାତ୍ର ୮.୧୨ ସିଜିପିଏ ରଖି ଟପ୍ପର ହୋଇଛନ୍ତି।

ସେହିପରି ବାଣିଜ୍ୟ ବିଭାଗରେ ଜସ୍ମିନ ମାରାଣ୍ଡି ୯.୦୪ ସିଜିପିଏ, ବିବିଏ ବିଭାଗର ସିପ୍ରା ପାତ୍ର ୮.୦୧ ସିଜିପିଏ, ବିସିଏ ବିଭାଗର ଦିବ୍ୟାଂଶୁ ଦାସ ୮.୭୧ ସିଜିପିଏ ରଖି ଟପ୍ପର ହେଇଛନ୍ତି। ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶକୁ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବେହେରା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଅନନ୍ତ କୁମାର ନାୟକ, ସମସ୍ତ ସହନିୟନ୍ତ୍ରକ ଓ ପରୀକ୍ଷା ବିଭାଗର ଡିଲିଙ୍ଗ ଆସିଷ୍ଟାଣ୍ଟ ଆଶିଷ ମଣ୍ଡଳ, ବାରିଆଲ ସୋରେନ, ବିଜୟଧଳ ଓ ପ୍ରହ୍ଲାଦ ପାତ୍ରଙ୍କ ସହଯୋଗରେ ଏହା ସଫଳ ହୋଇଛି। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ.ଅଧ୍ୟାପିକା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ଦୁଇ ଅପରାଧୀ ମୁଖୀ ଭାଇଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ ପ୍ରସ୍ତାବ

## ୪୯ ମାମଲାରେ ଆକାଶ ଓ ୧୪ ମାମଲାରେ କୁନ୍ଦନ ଜଡ଼ିତ

ବାରିପଦା, ୪।୬(ସମିସ): ଅପରାଧ ମୁକ୍ତ ମୟୂରଭଞ୍ଜ ପାଇଁ ଜିଲ୍ଲା ପୁଲିସ୍ ଦ୍ୱାରା ଗୁରୁବାର ଏକ ଗୁରୁତର ପଦକ୍ଷେପ ନିଆଯାଇଛି। ଜିଲ୍ଲାରେ ଅପରାଧୀ ଓ ଅସାମାଜିକ ତତ୍ତ୍ୱ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ପ୍ରୟୋଗ ପାଇଁ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲା ପୁଲିସ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ପଠାଯାଇଥିବା ପ୍ରସ୍ତାବ ଅନୁଯାୟୀ, ବାରିପଦା ପୌର ପରିଷଦର କାଳିକାପୁର, ୱାର୍ଡ ନଂ୨୪ ଟାଉନ୍ ଥାନା ଅଧୀନସ୍ଥ ଭୁକୁଲୁ ମୁଖୀଙ୍କ ଦୁଇ ପୁତ୍ରଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବା ପାଇଁ ସୁପାରିଶ୍ କରାଯାଇଛି। ସେମାନେ ହେଲେ ବାଦଲ ଓରଫ ଆକାଶ (୨୬) ଓ କୁନ୍ଦନ ମୁଖୀ (୨୪)। ଉଭୟଙ୍କ ବୟସ କମ୍ ହୋଇଥିଲେ ହେଁ ଦୁହେଁ ବର୍ତ୍ତମାନ ବାରିପଦା ସର୍କଲ୍ ଜେଲ୍‌ରେ ବିଚାରାଧୀନ ହାଜତରେ ଅଛନ୍ତି। ଆକାଶଙ୍କ ବିରୋଧରେ ୪୯ଟି ଓ କୁନ୍ଦନଙ୍କ ବିରୋଧରେ ୧୪ଟି ଅପରାଧିକ ମାମଲା ରୁଜୁ ହୋଇଛି। ଉଭୟେ ଗୋଟିଏ ମାମଲାରେ ଜାମିନରେ ଆସିଲେ ପୁନର୍ବାର ଅନ୍ୟ ଅପରାଧ ଭିଆଇଥା'ନ୍ତି। ଏଣୁ ପୁଲିସ୍ ପକ୍ଷରୁ କୁହାଯାଇଛି ଯେ, ଏହି ଦୁଇ ଭାଇଙ୍କ ସମାଜରେ ଉପସ୍ଥିତି ଜନସାଧାରଣଙ୍କ ସୁରକ୍ଷା ପାଇଁ ବିପଦଜନକ ହୋଇପାରେ। ସାଧାରଣ ଆଇନ୍ ପଦକ୍ଷେପ ଯଥେଷ୍ଟ ନ ହେବାରୁ ଏନ୍‌ଏସ୍‌ଏ ଭଳି କଠୋର ପ୍ରତିରୋଧକ ବ୍ୟବସ୍ଥା ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ମୟୂରଭଞ୍ଜ ପୁଲିସ୍ ଜିଲ୍ଲାରେ ଅନ୍ୟ ଅଭ୍ୟାସଗତ ଅପରାଧୀ ଓ ଅସାମାଜିକ ତତ୍ତ୍ୱକୁ ଚିହ୍ନଟ କରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ବୋଲି ପ୍ରେସ୍ ବିବୃତ୍ତିରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପ ଜିଲ୍ଲାରେ ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ମାଧପୁର ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବଡ଼ସାହି, ୪।୬(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ମାଧପୁର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବିଷ୍ଣୁଚରଣ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌରୀ ଶଙ୍କର ସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ବିଜେପିର କବିବିଷ୍ଣୁ ଶତପଥୀ, ଆମେ ମୟୂରଭଞ୍ଜିଆ ସଂଗଠନର ଆବାହକ ଓ ଏସ୍‌ଏସ୍ ମିଡିଆର ଜିଲ୍ଲା ମୁଖ୍ୟ ସଞ୍ଜୟ କୁମାର ଚୌଧୁରୀ ଓ ପୂର୍ବତନ ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା, ପ୍ରତିଷ୍ଠାତାଙ୍କ ନାତି ଚନ୍ଦନେଶ୍ୱର ଦାଶ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ କରିବା ସହ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ପୁରାତନ ଛାତ୍ର ସଂସଦ ଆବାହକ ଦେବବ୍ରତ ଶତପଥୀ ଓ ବିଜ୍ଞାନ ଶିକ୍ଷକ ସୁବ୍ରତ କିଶୋର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଥମେ ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱାଧୀନୋତ୍ତର ଭାରତରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ଓ ତତ୍କାଳୀନ ସମୟରେ ଥିବା ଆହ୍ୱାନକୁ ସ୍ୱୀକାର କରି ସରକାରୀ ମାନ୍ୟତା ଲାଭ କରିବା ବିଷ୍ଣୁ ଦାଶଙ୍କ ଅମ୍ଳାନ କୃତି ବୋଲି ମତ ପ୍ରକାଶ ପାଇଥିଲା। ସଭାରେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସପରିବାର ଉପସ୍ଥିତ ରହି ପ୍ରତିଷ୍ଠାତାଙ୍କୁ ମରଣୋତ୍ତର ଭାବେ ପ୍ରଦାନ କରାଯାଇଥିବା ପ୍ରଶସ୍ତି ପତ୍ର ଗ୍ରହଣ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହିତ ଅବସର ଗ୍ରହଣ କରିଥିବା ବିଦ୍ୟାଳୟର ଅନ୍ୟତମ ପ୍ରାକ୍ତନ ଶିକ୍ଷକ ମାଧବ ଚନ୍ଦ୍ର ମହାକୁଡ଼ଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍‌ଏମସି ସଦସ୍ୟ ସଦସ୍ୟା, ମା' ସାହାଡ଼ାଶୁଣି ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟସଭ୍ୟା, ଆଶା ଓ ଅଙ୍ଗନବାଡ଼ି କର୍ମୀ, ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ।

## ବେଆଇନ ଭାବେ ଗଚ୍ଛିତ ବାଲି ଜବତ

ବଡ଼ସାହି, ୪।୬(ସମିସ): ବଡ଼ସାହି ଗ୍ରାମର ସୁବୋଧ ଦାସଙ୍କ ପୁଅ ଶ୍ରୀକାନ୍ତ ଦାସ ବେଆଇନ ଭାବେ ଗଚ୍ଛିତ ରଖିଥିବା ପ୍ରାୟ ୧୫୩ କ୍ୟୁବିକ୍ ମିଟର ବାଲିକୁ ପ୍ରଶାସନ ପକ୍ଷରୁ ଜବତ କରାଯାଇଛି। ଶ୍ରୀକାନ୍ତ ଏହି ବେଆଇନ କାର୍ଯ୍ୟକୁ ସ୍ୱୀକାର କରିଥିବା ଜଣାପଡ଼ିଛି। ଓଏମଏମସି ରୁଲ୍ସ, ୨୦୧୬ ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ବାଲି ମାଫିଆଙ୍କ ବିରୋଧରେ ଥାନାରେ ଏଫଆଇଆର ଦାୟର କରିବା ପାଇଁ ଜୁନିଅର ମାଇନିଂ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବଢୁଛି ବେଆଇନ ମଦ କାରବାର; ଅବକାରୀ ବିଭାଗ ଚୁପ୍

ରାଇରଙ୍ଗପୁର, ୪।୬(ସମିସ): ରାଜ୍ୟ ସରକାର ମଦ କାରବାରକୁ ପ୍ରୋତ୍ସାହନ ଦେବାରେ ଲାଗିଥିବା ବେଳେ ତାହାକୁ ତାଳ ଦେଇ ରାଇରଙ୍ଗପୁର ସହରରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ରାଇରଙ୍ଗପୁର ସହରରେ ଥିବା ବିଭିନ୍ନ ରାସ୍ତା କଡ଼ ଢ଼ାବା, ହୋଟେଲ ଓ ଫାଷ୍ଟଫୁଡ଼ ଦୋକାନ ମାନଙ୍କ ବେଆଇନ ମଦ ବିକ୍ରି ହେଉଛି। ମଦ କାରବାର ବାବଦରେ ସବୁ ଜାଣି ସୁଦ୍ଧା ପୋଲିସ ଓ ଅବକାରୀ ବିଭାଗ ନିଦାବିଷ୍ଣୁ ସାଜି ରହିଛନ୍ତି। ମଦ ବିକ୍ରି କରିବା ଲାଇସେନ୍ସ ପ୍ରାପ୍ତ ଦୋକାନ ଗୁଡ଼ିକ ଥିବା ବେଳେ ସେମାନେ ଢାବା ମାନଙ୍କରେ ଚଢ଼ା ଦରରେ ନକଲି ମଦ ମଧ୍ୟ ବିକ୍ରି କରୁଛନ୍ତି। ଯାହାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ଫେଲ ମାରିଛି। ବିଜେପି ସରକାରଙ୍କ ମଦ ମୁକ୍ତ ଓଡ଼ିଶା ଗଠନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ଧୂଆଁ ବାଣ ସାଜିଥିବା ରାଇରଙ୍ଗପୁର ସହର ବିଭିନ୍ନ ଢାବାରେ ଖୁଲମଖୁଲା ଭାବେ ମଦ କାରବାର ଜାରି ରହିଛି। ଢାବା ମାଲିକ, ପୁଲିସ ଓ ଅବକାରୀ ବିଭାଗର ସଲାସୁତୁରାରେ ବେଆଇନ ମଦ କାରବାର ଅନେକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବାରେ ପ୍ରଶାସନ ବିଫଳ ହୋଇଛନ୍ତି। ଏହିପରି ମଦ ବିକ୍ରି ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା, ଅଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି, ଦୁର୍ଘଟଣା, ଅପରାଧିକ କାର୍ଯ୍ୟକଳାପ ଓ ସାମାଜିକ ଅସ୍ଥିରତା ମଧ୍ୟ ଦେଖିବାକୁ ମିଳୁଛି। ନିଶାଶକ୍ତ ଅବସ୍ଥାରେ ଅପରାଧିକ କାର୍ଯ୍ୟକଳାପ ଘଟାଇବାର ସମ୍ଭାବନା ରହୁଛି। ପୋଡ଼ଶୀ ଝାରଖଣ୍ଡ ଓ ରାଇରଙ୍ଗପୁର ଆଖପାଖ ଅଞ୍ଚଳରେ ବେଧଡ଼କ ଭାବେ ନକଲି ମଦ ପ୍ରସ୍ତୁତ ହୋଇ ଉକ୍ତ ଢ଼ାବା ମାନଙ୍କରେ ବିକ୍ରି ହେଉଛି। ବ୍ରାଣ୍ଡେଡ଼ କମ୍ପାନୀ ସହ ଅନ୍ୟାନ୍ୟ ବିଭିନ୍ନ କମ୍ପାନୀର ମଦ ବୋତଲରେ ନକଲି ମଦ ବିକ୍ରି ହେଉଛି। ଯାହାକୁ ପିଉଥିବା ଲୋକେ ଅକାଳରେ ପ୍ରାଣହାନି ଘଟୁଛି। ଚୋରା ମଦ ବିକ୍ରି ଯୋଗୁଁ ଅସଲି ଓ ନକଲି ମଦ ଜଣା ପଡୁନାହିଁ। ରାଇରଙ୍ଗପୁର ଟାଉନ ଥାନା ପୋଲିସ ଦ୍ୱାରା ବେଆଇନ ମଦ ବିକ୍ରି ପାଇଁ ଢାବାକୁ ମଦ ନେଇକି ଯାଉଥିବା ବେଳେ ୧୨ଟି ବିଅର ବୋତଲ ଜବତ କରାଯାଇଛି। ଏହାସହିତ ବାଦାମ ପାହାଡ଼ ଥାନା ଅନ୍ତର୍ଗତ ରାକା ସାହି ଅଞ୍ଚଳର କାଶୀନାଥ ଟୁଡୁଙ୍କୁ ଗିରଫ କରାଯାଇଛି। ଏହା ଛୋଟ ପରିମାଣର ହୋଇଥିବା ବେଳେ ଢ଼ାବା ମାନଙ୍କରେ ଅତର୍କିତ ଚଢ଼ାଉ ହେଲେ ବିପୁଳ ପରିମାଣର ବେଆଇନ ମଦ ଜବତ କରାଯାଇପାରିବ। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବା ବେଳେ ଅଧିକାଂଶ ସମୟରେ ଅନେକ ଭିଭିଆଇପି ମାନେ ରାଇରଙ୍ଗପୁର ଗସ୍ତରେ ଆସୁଛନ୍ତି। କିନ୍ତୁ ଏହିପରି ବେଆଇନ ମଦ କାରବାର ଯୋଗୁଁ ସ୍ଥାନ ତାହାର ଗୁରୁତ୍ୱ ହରାଇବାରେ ଲାଗିଛି। କିନ୍ତୁ ପୋଲିସ ଓ ଅବକାରୀ ବିଭାଗ ଦେଖଣାହାରି ସାଜିଥିବା ବେଳେ ରାଇରଙ୍ଗପୁର ଅଞ୍ଚଳରେ ଚଢ଼ାଉ ହେଉନାହିଁ। ତେଣୁକରି ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଦେବେନ୍ଦ୍ର ଆଚାର୍ଯ୍ୟ ପାଇବେ 'ପ୍ରକୃତି ବନ୍ଧୁ' ପୁରସ୍କାର

ବୈଶିଙ୍ଗା, ୪।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେ ପିଲାଟି ଦିନରୁ ବିଦ୍ୟାଳୟରେ ପଢ଼ିବା ସମୟରେ ସମାଜ ପାଇଁ କିଛି କରିବାର ଇଚ୍ଛା ନେଇ ଆଗକୁ ବଢ଼ିଛନ୍ତି। ନୀଳମଣି ମହାବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରେ ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରି ସମାଜସେବା, ନିଶା ନିବାରଣ, ପରିବେଶ ସୁରକ୍ଷା, ରକ୍ତଦାନ ଏମିତି ଅନେକ କିଛି କାର୍ଯ୍ୟକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା ତଥା ସମାଜସେବା ପାଇଁ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଷ୍ଟ୍ରପତି ଭାବନର ଗଣତନ୍ତ୍ର ମଣ୍ଡପରେ ପୁରସ୍କୃତ ହୋଇଥିଲେ। ମାତ୍ର ୨୪ ବର୍ଷ ବୟସରେ ଏପରି ପରିବେଶ ସୁରକ୍ଷା, ପାଞ୍ଚ ଶହରୁ ଅଧିକ ବୃକ୍ଷରୋପଣ ସହ ସ୍ୱାସ୍ଥ୍ୟସେବା, ବନାଗ୍ନୀ ସଚେତନତା, ବନ୍ୟପ୍ରାଣୀ ସୁରକ୍ଷା, ଗଜସୁରକ୍ଷା ସଚେତନତା, ସ୍ୱଚ୍ଛ ଭାରତ ଅଭିଯାନ ଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ କରି ଆସନ୍ତା ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେବେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## କୁଡୁମୀ ସେନାର ୧୪ତମ ପ୍ରତିଷ୍ଠା ଦିବସ




ବଡ଼ସାହି, ୪।୬(ସମିସ): କୁଡୁମୀ ସେନା ପକ୍ଷରୁ ବଡ଼ସାହି ବ୍ଲକର ଟିକରବାଟୀ ଗ୍ରାମରେ କୁଡୁମୀ ସେନାର ୧୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ସାରା ଦେଶରେ ୨ କୋଟିରୁ ଉର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମରେ ବସବାସ କରୁଛନ୍ତି। ଏହି ଜାତିକୁ ୧୯୫୦ ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା। ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା। ଫଳରେ ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକ ଦୀର୍ଘବର୍ଷ ଧରି ଦାବି କରିଆସୁଛନ୍ତି। ଓଡ଼ିଶାରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ରେ ବେତନଟୀଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କ ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତି ଓ ସୁରକ୍ଷା ପାଇଁ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୪ ବର୍ଷ ଧରି ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ଦାବି କରିଆସୁଛନ୍ତି। ଏହି ଦିନକୁ ମନେ ରଖିବା ପାଇଁ ବଡ଼ସାହି ବ୍ଲକର ଟିକରବାଟୀ ଗ୍ରାମର ଲିପୁନ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସେନାର ୧୪ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି।

## ରାସ୍ତାରୁ ମାଟି ସଫାକଲେ ଅମର୍ଦା ଫାଣ୍ଡି ଅଧିକାରୀ



ରାସଗୋବିନ୍ଦପୁର, ୪।୬(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ଅମର୍ଦା ଫାଣ୍ଡି ଅଧିକାରୀ ନିଶିକାନ୍ତ ସାମଲ ଲୋକଙ୍କ ସୁରକ୍ଷା ପାଇଁ ରାସ୍ତାରୁ ମାଟି ସଫା କରିଛନ୍ତି। ଅମର୍ଦା ଫାଣ୍ଡି ଅଧିକାରୀ ଆଜି ଅମରଦା-ରାଜଘାଟ ରାସ୍ତାରେ ହାର୍ଭେଷ୍ଟର ଦ୍ୱାରା ପକାଯାଇଥିବା ମାଟିକୁ ନିଜେ ସଫା କରିଛନ୍ତି। ରାସ୍ତା ଉପରେ ମାଟି ଜମିଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା କରି ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତନି। ଏହି କାର୍ଯ୍ୟ ଦେଖି ସ୍ଥାନୀୟ ଲୋକ ଓ ରାସ୍ତାରେ ଯାଉଥିବା ଲୋକେ ଅଟକି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଲୋକସେବା ପ୍ରତି ତାଙ୍କର ଏହି ନିଷ୍ଠା ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି।

## ବିଏଲ୍‌ଓଙ୍କୁ ଆକ୍ରମଣ ଅଭିଯୋଗ

ବଡ଼ସାହି, ୪।୬(ସମିସ): ବଡ଼ସାହି ଥାନା ଅଧୀନ ଚନ୍ଦନପୁର ପଞ୍ଚାୟତ ଟୁଣାଗମ୍ଭାରିଆ ବୁଥ୍ ନଂ ୧୬୨ର ବିଏଲଓ ଚଞ୍ଚଳା ପ୍ରଧାନଙ୍କ ଏସଆଇଆର କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଧକ୍କା ମାରିବା ଓ ତାଙ୍କ ପରଚୟ ପତ୍ରକୁ ଟାଣି ଫୋପାଡି ଦେବା ସହିତ ଜୀବନରୁ ମାରି ଦେବାର ଧମକ ଦିଆଯାଇଛି। ସେ ଡାକ୍ତରଖାନାରେ ଚିକିତ୍ସା ହେବା ସହିତ ବଡ଼ସାହି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ସେହି ଗ୍ରାମର କମଳାମଣି ପଣ୍ଡାଙ୍କ ପୁତ୍ରବଧୂ ଚିନ୍ମୟ ପଣ୍ଡା ବୋଲି ଅଭିଯୋଗରୁ ଜଣାଯାଇଛି। ବିଏଲଓ ଏ ସଂକ୍ରାନ୍ତରେ ବଡ଼ସାହି ବିଡିଓ ଓ ତହସିଲଦାରଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରିଥିବା ଜଣାଯାଇଛି। କମଳାମଣି ପଣ୍ଡାଙ୍କ ଘରେ ବିଏଲଓ ଏସଆଇଆର ଫର୍ମ ପୂରଣ କରିବା ସହିତ ତଥ୍ୟ ସଂଗ୍ରହ କରୁଥିବାବେଳେ ତାଙ୍କ ପୁତ୍ରବଧୂ ହଠାତ୍ ରାଗି ଯାଇ ଏପରି କାଣ୍ଡ ଭିଆଇଥିବା ଜଣାଯାଇଛି। ତେଣୁ ଚଞ୍ଚଳା ତାଙ୍କ ଉପରେ ହୋଇଥିବା ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

## କପ୍ତିପଦା ଉପଖଣ୍ଡ ଭଞ୍ଜସେନା ପକ୍ଷରୁ ପ୍ରସ୍ତୁତି ବୈଠକ



ଉଦଳା, ୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳାଠାରେ ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ କପ୍ତିପଦା ଉପଖଣ୍ଡ ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୁରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା, ମୟୂରଭଞ୍ଜ ଜିଲ୍ଲାରୁ ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ନିମନ୍ତେ ଆସନ୍ତା ୧୭ରୁ ଜୁଲାଇ ୧୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ ହେବାକୁ ଯାଉଥିବା ମଶାଲ ରାଲିରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ଉପଖଣ୍ଡ ସଭାପତି ରାକେଶ ପଣ୍ଡା, ରାଜକିରନ ରାଉତ, ରବିନ ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ, ପ୍ରିୟବ୍ରତ ପଣ୍ଡା, ହିରଣ୍ୟ ରାଉତ, କାଜଲ ବେହେରା ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

● ବୁଢ଼ାବଳଙ୍ଗ ନଦୀ ଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ ପ୍ରସଙ୍ଗ

## ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ୫ଟି ସୌରାତରେ ୧୬୩ ଧାରା ଜାରି

ବଡ଼ସାହି, ୪।୬(ସମିସ): ବଡ଼ସାହି ବ୍ଲକ ଅଧୀନ ବୁଢାବଳଙ୍ଗ ନଦୀ ଶଯ୍ୟାର ବିଭିନ୍ନ ସୌରାତରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଏକାଧିକ ଏନଜିଟି ମାମଲା ରୁଜୁ ହୋଇ କୋର୍ଟରେ ବିଚାରାଧୀନ ଅଛି। ଏହାପରେ ମଧ୍ୟ ବୁଢ଼ାବଳଙ୍ଗ ନଦୀର ବିଭିନ୍ନ ସୌରାତରୁ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ ରୋକ ଲାଗୁନାହିଁ। ଏହାକୁ ଦୃଷ୍ଟିରେ ରଖି ନିକଟ ଅତୀତରେ ମହୁପୁରା, ଡିଙ୍ଗିରା, ବାଗୁଲି, ଆସକନ୍ଦ ଓ ଶାକୁଆ ଘାଟରୁ ବେଆଇନ ବାଲି ଉତ୍ତୋଳନ ରୋକିବାକୁ କଡ଼ା ପଦକ୍ଷେପ ସ୍ୱରୂପ ସବଡିଭିଜିଓନାଲ ମାଜିଷ୍ଟ୍ରେଟ୍ ପୁଲିସ ଓ ଲଘୁ ଖଣିଜ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବୁଧବାର ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଆଇଆଇସି ସ୍ୱର୍ଣ୍ଣଲତା ମିଂଜ ଓ ଲଘୁ ଓ ଖଣିଜ ବିଭାଗ ଅଧିକାରୀ ପୀତାମ୍ବର ମହାନ୍ତ, ଶିବନାଥ ମୁଣ୍ଡାରୀ ଓ ଭବାନୀଶଙ୍କର ପାତ୍ର ଏହି ସୌରାତ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହିତ ବିଏନଏସଏସ ଧାରା ୧୬୩ ଲାଗୁ କରିଛନ୍ତି। ଫଳରେ ସେହି ସ୍ଥାନମାନଙ୍କରେ ସତର୍କ ସୂଚନା ଫଳକ ଓ ଲାଲ ପତାକା ଲଗାଇବା ସହିତ ସଚେତନତା ପାଇଁ ମାଇକ୍‌ରେ ପ୍ରଚାର କରାଯାଇଛି। ଏହି ପଦକ୍ଷେପ ପରେ ବେଧଡକ ବେଆଇନ କାରବାର ଉପରେ ପ୍ରଶାସନ କେତେ ମାତ୍ରାରେ ରୋକ ଲଗାଇପାରୁଛି ଦେଖିବାକୁ ବାକି ରହିଲା।

ମାଜିଷ୍ଟ୍ରେଟ୍‌ଙ୍କ ଚିଠି ଅନୁସାରେ ମହୁପୁରା ମୌଜାର ଖାତା ନମ୍ବର ୧୭୫/୨୫୩ର ୧୨.୩୫ଏକର, ଡିଙ୍ଗିରା ଖାତା ନମ୍ବର ୧୮୮/୮୪୪/୧ ଓ



୭୯୪/୧ର ୧୨.୨୯ଏକର, ବାଗୁଲି ଖାତା ନମ୍ବର ୨୨୪/୧୬୩୫/୧ର ୧୨.୩୫ ଏକର, ଆସକନ୍ଦ ଖାତା ନମ୍ବର ୧୨୬/୧/୧ର ୧୨.୩୫ ଏକର ଓ ଶାକୁଆ ଖାତା ନମ୍ବର ୨୩୦/୧୩୪୪ ଓ ୧/୧ର ୧୨.୩୫ ଏକରର ସମ୍ପୃକ୍ତ ପ୍ରତିବନ୍ଧିତ ଅଞ୍ଚଳର ୫ଶହ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସତର୍କ ସୂଚନା ଫଳକ, ଖୁଣ୍ଟ ଓ ଲାଲ ପତାକା ଲାଗିବା ସହିତ ଉକ୍ତ ଅଞ୍ଚଳରୁ ଯେପରି ବାଲି ଚୋରି ନ ହୁଏ, ସେଥିପାଇଁ ପୁଲିସ, ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କୁ ଅବଗତ କରାଯିବା ସହିତ ଲୋକଙ୍କ ଅବଗତି ନିମନ୍ତେ ମାଇକ୍ ଯୋଗେ ବ୍ୟାପକ ସଚେତନ କରାଯାଇଛି। ପୁଲିସ ଓ ପ୍ରଶାସନ ଏହା ଉପରେ ରୋକ ଲଗାଇବାକୁ ବିଫଳ ହୋଇଥିବାବେଳେ ମାସିକିଆ ବଟି ସହିତ ଟ୍ରାକ୍ଟର ଓ ଡମ୍ଫର ପିଛା ମଧ ବଟି ସ୍ଥିର ହୋଇଥିଲା। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଥିବାବେଳେ ଏହା ଏକ ବଡ଼ ସ୍କାମରେ ପରିଣତ ହୋଇଛି। ବୁଢ଼ାବଳଙ୍ଗ ନଦୀର କେବଳ ଏହି ୫ଟି ସୌରାତ ନୁହେଁ, ଏହାକୁ ଛାଡି ବର୍ତ୍ତନା, ଆସକନ୍ଦ, କୁଳିଅଣା(ବି), ପ୍ରତାପପୁର, ତେନ୍ତଲ, ଜଳନଣ୍ଡ, ବିଦ୍ୟାଧରଖୁଣ୍ଟା, ଚନ୍ଦନପୁର, ସର୍ବେଶ୍ୱରପୁର, ମହୁପୁରା, କୁଲକୋଠା ଆଦି ନଦୀଶଯ୍ୟାରୁ ଶହ ଶହ ଟ୍ରିପ୍ ବାଲି ବେଆଇନ ଭାବେ ଉତ୍ତୋଳନ କରାଯାଇ ଟ୍ରକ୍ଟର, ଡମ୍ଫର ଓ ହାଇୱା ସାହଯ୍ୟରେ ପ୍ରତିଦିନ ଜିଲ୍ଲା ଓ ଜିଲ୍ଲା ବାହାରର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା। ପୁଲିସ, ରାଜସ୍ୱ ବିଭାଗ ଓ ଖଣି ବିଭାଗ ଏହାକୁ ରୋକିବାକୁ ଅସହାୟ ହୋଇପଡ଼ିଥିଲା। ଏପରିକି ବର୍ତର୍ନା-କୁଳିଅଣା(ବି) ଓ ରଙ୍ଗପାଣି-ତେନ୍ତଳ ପୋଲରୁ ୧୦୦ ମିଟର ଦୂରତ୍ୱ ଭିତରେ ବାଲି ଉତ୍ତୋଳନ ଚାଲଥିବାରୁ ଏହାର ମୂଳଦୁଆ ଦୁର୍ବଳ ହେବା ସହିତ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ବର୍ତନା ଓ କୁଳିଅଣା(ବି) ଘାଟରୁ ବାଲି ଉତ୍ତୋଳନ କରି ଗାଁ ଭିତର ଦେଇ ଯାଉଥିବା ଟ୍ରାକ୍ଟର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ପୁଲିସ ଗାଡ଼ିଗୁଡିକର ଯାଞ୍ଚ କରିବାର ଆବଶ୍ୟକତା ରହିଛି।

# ସୁବର୍ଣ୍ଣରେଖାରେ ବାଲି ମାଫିଆଙ୍କ ରାଜୁତି

ବାଲେଶ୍ୱର ସଦର, ୪।୬ (ହରିଶଙ୍କର ପାଣି)



- ଖଣି ଅଧିକାରୀ-ପୁଲିସ ସହଯୋଗରେ ରାତିସାରା ଚାଲିଛି ବାଲି ଚୋରି
- ନାରୀନେତ୍ରୀ ସାଜିଛନ୍ତି କାର୍ପଟଦାର

ସୁବର୍ଣ୍ଣରେଖା ନଦୀ ଗର୍ଭରୁ ପ୍ରତିରାତିରେ ଲୁଟ୍ ହେଉଛି କୋଟି କୋଟି ଟଙ୍କାର ବାଲି। ବସ୍ତା ଓ ଜଳେଶ୍ୱର ଓ ବାଲିଆପାଳ ବ୍ଲକ ମଧ ଦେଇ ବୋହି ଯାଇଥିବା ଏହି ନଦୀରେ ରହିଛି ୫୦ରୁ ଅଧିକ ଚୋରା ଘାଟ। ଯେଉଁଥିରୁ ବର୍ଷକୁ ୪୦୦ କୋଟିରୁ ଅଧିକ ଟଙ୍କାର ବାଲି ବେଆଇନ ଭାବେ ଉଠାଣ ହେଉଛି। ଏଥିରେ ଜଣେ ମହିଳା ନେତ୍ରୀ କାର୍ପଟଦାର ସାଜିଥିବା ବେଳେ ତାଙ୍କ ଇଶାରାରେ ବାଲି ମାଫିଆଙ୍କୁ ସିଧାସଳଖ ସହଯୋଗ କରୁଛନ୍ତି ସରକାରୀ ବେତନ ନେଉଥିବା ଖଣି ଅଧିକାରୀ ଓ ପୁଲିସ। ନଦୀର ଏପଟେ ବସ୍ତା ବ୍ଲକ ଓ ଆରପଟେ ଜଳେଶ୍ୱର ବ୍ଲକ। ଉଭୟ ବ୍ଲକରେ ୧୬ ନମ୍ବର ଜାତୀୟ ରାଜପଥଠାରୁ ପୂର୍ବ ପଟକୁ ପ୍ରାୟ ୨ରୁ ୫ କିମି ଏରିଆ ଭିତରେ ଥିବା କିଛି ନିର୍ଦ୍ଦିଷ୍ଟ ଘାଟରେ ବାଲି ମାଫିଆ ସକ୍ରିୟ ଅଛନ୍ତି। ପ୍ରତିଦିନ ରାତି ୮/୯ ଟାରୁ ସକାଳ ୬/୭ ଟା ପର୍ଯ୍ୟନ୍ତ ହାଇୱା, ଡମ୍ଫର ଓ ଟ୍ରାକ୍ଟର ଲଗାଇ ଶହଶହ ଟ୍ରିପ ବାଲି ଉଠାଣ ହେଉଛି। ମାତ୍ର ଏହି ଚୋରିକୁ ରୋକିବା ପାଇଁ ସରକାର ମୋଟା ଅଙ୍କର ଦରମା ଦେଇ ଅଧିକାରୀ ନିଯୁକ୍ତ କରିଥିବା ବେଳେ ସେହି ମାନେ ହୋ ସାଜିଛନ୍ତି ମାଧମ। ଜଳେଶ୍ୱର ଓ ବସ୍ତାରେ ଜଣେ ଲେଖାଏଁ ଖଣି ଅଧିକାରୀ ନିଯୁକ୍ତ ଅଛନ୍ତି। ଉଭୟ ନଦୀ ନିକଟରେ ହିଁ ରହୁଛନ୍ତି। ବାଲି ଚୋରି ରୋକିବା ପାଇଁ ସେମାନେ ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଉଛନ୍ତି। କିନ୍ତୁ ଆଖି ଆଗରେ ରାତିସାରା ବାଲି ଚୋରି ହେଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି ଯେ ଏହି ଅଧିକାରୀମାନେ ମାସକୁ ଲକ୍ଷ ଲକ୍ଷ ଟଙ୍କା ନେଇ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଛନ୍ତି। ପ୍ରତି ଘାଟ ପିଛା ମାସକୁ ଦୁଇ ଲକ୍ଷ ନେଉଛନ୍ତି ଖଣି ଅଧିକାରୀ। ପ୍ରତି ଗାଡ଼ି ପିଛା ମାଲିକ ମାନେ ଦେଉଛନ୍ତି ୮ ରୁ ୧୦ ହଜାର ଟଙ୍କା। କେବଳ ଖଣି ନୁହେଁ, ସ୍ଥାନୀୟ ପୁଲିସ ମଧ ବାଲି ନେଉଥିବା ଡମ୍ଫର ମାଲିକଙ୍କଠାରୁ ମାସୁଆରି ଆଦାୟ କରି ଗାଡ଼ିକୁ ରାସ୍ତା ଛାଡୁଛି। ଫଳରେ ମାଫିଆମାନେ ବିନା ଭୟରେ ଏହି କାରବାର ଚଳାଇଛନ୍ତି। ଏହି ବେଆଇନ କାରବାର ଯୋଗୁଁ ସରକାରଙ୍କର ଦୁଇପଟେ କ୍ଷତି ହେଉଛି। ପ୍ରଥମତଃ, ଚୋରି ରୋକିବାକୁ ନିଯୁକ୍ତ ଅଧିକାରୀଙ୍କ ଦରମା ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଦ୍ୱିତୀୟତଃ, ବାଲି ଚୋରି ଯୋଗୁଁ ବର୍ଷକୁ ଶହ ଶହ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ବାଲି ଚୋରି ପାଇଁ ସ୍ଥାନୀୟ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଗୋଷ୍ଠୀ ସଂଘର୍ଷ, ଦାଦାଗିରି ନିତିଦିନିଆ ଘଟଣା ହୋଇଗଲାଣି। ଏପଟେ ରାତିଦିନ ଶହ ଶହ ଓଭରଲୋଡ ହାଇୱା ଚଳାଚଳ ଯୋଗୁଁ କୋଟି କୋଟି ଟଙ୍କାର ଗ୍ରାମ୍ୟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏହି ବାଲି ଉଠାକୁ କେନ୍ଦ୍ରକରି ଏକାଧିକ ଥର ଗୋଷ୍ଠୀ ସଂଘର୍ଷ ହୋଇଥିବା ମଧ ନଜିର ରହିଛି। କିଛିଦିନ ତଳେ ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅଧିନସ୍ଥ ମଧୁପୁରା ଗ୍ରାମ ଘାଟରୁ ଜଣେ ବିଡିଓଙ୍କ ପୁତୁରା ବାଲି ଉଠାଉଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ମାତ୍ର ଜିଲ୍ଲା ମାଇନିଙ୍ଗ ଅଧିକାରୀ ଜଗନ ବେହେରା ବାଲି ଚୋରି କରୁଥିବା ଲୋକଙ୍କୁ ସାଙ୍ଗରେ ନେଇ ଘଟଣାର ତଦନ୍ତ କରିବା ଘଟଣା ଓ ସିଂଲା ଥାନା କର୍ମଚାରୀଙ୍କ ବାଲି ମାଫିଆଙ୍କ ସହିତ ସମୁଦ୍ରକୂଳ ଫଟୋ ଭାଇରାଲ ଘଟଣା ବାଲି ମାଫିଆ, ପୁଲିସ ଓ ଖଣି ଅଧିକାରୀଙ୍କ ସଳା ସୁତୁରା ଘଟଣାକୁ ପଦାରେ ପକାଉଛି। ଏଣୁ ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ସମ୍ପୃକ୍ତ ଅଧିକାରୀ ଓ ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ କିସାନ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ଶ୍ମଶାନରେ ରହୁଥିବା ନିରାଶ୍ରୟ ମହିଳା ଉଦ୍ଧାର




ବାଲେଶ୍ୱର, ୪।୬(ସମିସ): ସହରର ବାଲିଘାଟ ଶ୍ମଶାନରେ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହୁଥିବା ନିରାଶ୍ରୟ ମହିଳାଙ୍କୁ ଉଦ୍ଧାର କରାଯାଇଛି। ବେଶ କିଛି ଦିନ ହେବ ସମ୍ପୃକ୍ତ ଅପରିଚିତ ମହିଳାଜଣକ ଶ୍ମଶାନର ଅସ୍ୱଚ୍ଛ ପରିବେଶରେ ବସବାସ କରୁଥିବା ଦେଖିବାକୁ ମିଳୁଥିଲା। ତେବେ ନିସଙ୍ଗ ଜୀବନ ଯାପନ କରିବା ସହିତ ମାଗି ଯାଚି ଖାଇ ଚଳୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଏକ ସୁସ୍ଥ ପରିବେଶକୁ ସ୍ଥାନାନ୍ତର କରିବା ପାଇଁ ବହୁବାର ଚେଷ୍ଟା କରି ବିଫଳ ହୋଇଥିଲେ। ବାଲେଶ୍ୱର ପୌରପାଳିକା ପକ୍ଷରୁ ମଧ ତାଙ୍କୁ ସେଠାରୁ ଉଦ୍ଧାର ପାଇଁ ଉଦ୍ୟମ କରାଯାଇଥିଲା। ମାତ୍ର ମାନସିକ ବିକୃତି ଥିବା ସମ୍ପୃକ୍ତ ମହିଳା ଜଣକ ସେଠାରୁ ଯିବାକୁ ଆଦୌ ମଙ୍ଗି ନ ଥିଲେ। ଶେଷରେ ମହିଳାଙ୍କୁ ବୁଝାସୁଝା କରି ସେଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାରେ ସଫଳ ହୋଇଥିଲେ ସମାଜସେବୀ ଆଶ୍ରିତା ତରେଇ। ମହିଳା ଜଣକ ଦୂଷିତ ପରିବେଶରେ ରହି ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିବାରୁ ଶ୍ରୀମତୀ ତରେଇ ୧୦୮ ଆମ୍ବୁଲାନ୍ସ ଡକାଇଥିଲେ। ସେଠାରୁ ମହିଳାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନାରୀ ସଂଘରେ ରଖାଯାଇଥିବା ସୂଚନା ମିଳିଛି।

## ଶାଳକାଠ ବୋଝେଇ ପିକ୍‌ଅପ୍ ଜବତ



ଜଳେଶ୍ୱର ବ୍ଲକ, ୪।୬(ସମିସ): ଜଳେଶ୍ୱର ବନବିଭାଗ ଦ୍ୱାରା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥରର ଆମ୍ବଳିଅଠା ଜାତୀୟ ରାଜପଥ ପୋଲତଳୁ ଏକ ଶାଳକାଠ ବୋଝେଇ ପିକ୍ ଅପ୍ ଜବତ ହୋଇଛି। ଏକ ପିକ୍‌ଅପ୍‌ରେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଅଞ୍ଚଳରୁ ଶାଳକାଠ ବୋଝେଇ ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ନେଇ ବନବିଭାଗକୁ ଖବର ମିଳିଥିଲା। ଭାରପ୍ରାପ୍ତ ରେଞ୍ଜର ସଞ୍ଜୟ କୁମାର ମହାନ୍ତି, ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକ, ବନରକ୍ଷୀ ରଞ୍ଜିତା ବିଶ୍ୱାଳଙ୍କୁ ନେଇ ଏକ ଟିମ୍ ଆମ୍ବଳିଅଠା ପୋଲତଳେ ଚଢାଉକରି ଗାଡ଼ିକୁ ଜବତ କରିଥିଲେ। ପିକ୍ ଅପ୍ ଚାଳକ ରାସଗୋବିନ୍ଦପୁର ଥାନା ଗୁଡ଼ଖଣିଆ ଗ୍ରାମର ସୁନୀଲ ବିନ୍ଧାଣିଙ୍କୁ ମଧ ଗିରଫ କରାଯାଇଛି।

## ବାଲି ଓ ମାଟି ମାଫିଆଙ୍କ ବିରୋଧରେ ସାଂସଦଙ୍କଠାରେ ଫେରାଦ ଦେଲେ ଗ୍ରାମବାସୀ

କାଳିପଦା, ୪।୬ (ସମିସ): ବାଲିଆପାଳ ବ୍ଲକ ଅଞ୍ଚଳରେ ଦୀର୍ଘ ଦିନ ହେବ ମାଟି ଓ ବାଲି ମାଫିଆ ସକ୍ରିୟ ହୋଇ ଆସିଥିବା ବେଳେ ଗ୍ରାମବାସୀ ଏହାର ପ୍ରତିକାର ପାଇଁ ଲଘୁ ଓ ଖଣିଜ ବିଭାଗ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନକୁ ଜଣାଇ ନିରାଶ ହୋଇ ଥିଲେ। ଖବର ପାଇ ବୁଧବାର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବେଆଇନ ମାଟି ଖନନ ସ୍ଥଳକୁ ବାଉଁଶ



ପୋଲ ପାରି ଯାଇ ଥିଲେ। ପରେ ପଶ୍ଚିମ ବାଡ଼ ଜଳେଶ୍ୱର ରାସ୍ତାର ଦେବକୁମାର ଠାରେ ବେଆଇନ ଭାବେ ଠୁଳ ହୋଇ ଥିବା ବାଲି ଗଦାକୁ ଯାଇ ଦେଖିଥିଲେ। ଏହି ମାଫିଆ ମାନଙ୍କ ଯୋଗୁଁ ସରକାରଙ୍କ ବିପୁଳ ପରିମାଣରେ ରାଜସ୍ୱ ହାନୀ ଘଟୁଛି। ମାଫିଆ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ପାଇଁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଜିଲ୍ଲା ପ୍ରଶାସନକୁ ଜଣାଇବା ସହିତ ବିଧିବଦ୍ଧ ତଦନ୍ତ ପାଇଁ ସୁପାରିଶ କରିବେ ବୋଲି ପ୍ରକାଶ କରିଛନ୍ତି। ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ଥାନାଧିକାରୀ ସାଲଖାନ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।ଘଟଣା ସ୍ଥଳରେ ନିୟୋଜିତ ଏକ ଜେସିବିକୁ ପୁଲିସ ଜବତ କରିଛି।

## ଭାଷା ସାହିତ୍ୟ ବିକାଶ ପରିଷଦ ଗଠିତ

କାଳିପଦା, ୪।୬ (ସମିସ): ବାଲିଆପାଳ, ବସ୍ତା, ଭୋଗରାଇ, ଜଳେଶ୍ୱର ଆଦି ଚାରୋଟି ବ୍ଲକର ସାରସ୍ୱତ ସ୍ରଷ୍ଟାମାନଙ୍କୁ ନେଇ ଜଳେଶ୍ୱର ବାସନ୍ତୀ ପଡ଼ିଆ ସ୍ଥିତ ଏସ କେ ଜି ଟ୍ରଷ୍ଟ ପରିସରରେ ନୂଆ



କରି ଏକ ସାରସ୍ୱତ ଅନୁଷ୍ଠାନ 'ଭାଷା ସାହିତ୍ୟ ବିକାଶ ପରିଷଦ' ଗଠିତ ହୋଇ ଯାଇଛି। ମା' ମାଟି ମାତୃଭାଷାର ସୁରକ୍ଷା ଓ ବିକାଶର ଲକ୍ଷ୍ୟ ନେଇ ଏହା ଗଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ନିଜ ଭାଷା ସାହିତ୍ୟ ପ୍ରତି ସ୍ରଷ୍ଟାମାନେ ଅନୁରକ୍ତ ରହିବା ସହିତ ଅନ୍ୟ ଭାଷା ସାହିତ୍ୟ ପ୍ରତି ସମ୍ମାନ ବୋଧ ରହିବା ଜରୁରୀ। ଓଡ଼ିଆ ସାହିତ୍ୟ ସହିତ ବିଶ୍ୱ ସାହିତ୍ୟକୁ ସ୍ରଷ୍ଟା ମାନେ ତୁଳନାତ୍ମକ ଭାବେ ଅଧ୍ୟୟନ କରିବା ମଧ ଜରୁରୀ ହୋଇଛି। ଏସବୁକୁ ଏହି ଅନୁଷ୍ଠାନ ଗୁରୁତ୍ୱ ଦେବ ବୋଲି କୁହାଯାଇଛି। ନବ ଗଠିତ ଏହି ପରିଷଦରେ ଆବାହକ ସଂଯୋଜକ ଭାବେ ଅଧ୍ୟାପକ ଦେବବ୍ରତ ପ୍ରଧାନ, ସଭାପତି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ସମ୍ପାଦକ ଭାବେ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା, କୋଷାଧକ୍ଷ ଭାବେ ଅବସରପ୍ରାପ୍ତ ଏବିଇଓ କନକ ମଞ୍ଜରୀ ମହାନ୍ତି ଓ ଗଣ ମାଧ୍ୟମ ସଂଯୋଜକ ଭାବେ ରବୀନ୍ଦ୍ର ନାଥ ସେନାପତି ଆଗାମୀ ତିନି ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ମାର୍ଗ ଦର୍ଶକ ଭାବେ ପୂର୍ବତନ ଅଧକ୍ଷ ଡ. ରସିକା ନନ୍ଦ ମହାନ୍ତି ଓ ପୂର୍ଣ୍ଣ ଚନ୍ଦ୍ର ଓଝା ମନୋନୀତ ହୋଇ ଥିବା ବେଳେ କାର୍ଯ୍ୟକାରିଣୀ କମିଟିରେ ସିଦ୍ଧେଶ୍ୱର ପଣ୍ଡା, କାର୍ତ୍ତିକ ସେଠୀ, ସୁଶୀଳ କୁମାର ମାହାନା, ପ୍ରଦୀପ କୁମାର ଦାସ, କମଳ କାମିନୀ ଦେ ପ୍ରମୁଖ ମନୋନୀତ ହୋଇଛନ୍ତି। ପରିଷଦର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ଅଧିକ ସଦସ୍ୟ ଓ ସଦସ୍ୟା ପରିଷଦ ପାଇଁ ଗ୍ରହଣ କରାଯିବ ବୋଲି ସଭାପତିଙ୍କ ସୂତ୍ରରୁ ପ୍ରକାଶ।

## 'ଚିନ୍ତା ଅନୁଚିନ୍ତା' ଏବଂ 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ' ଉନ୍ମୋଚିତ

ବାଲେଶ୍ୱର, ୪।୬ (ସମିସ): ସମ୍ପାଦକ ଓ ପ୍ରକାଶକ ଡ. କାଳୀପଦ ପଣ୍ଡାଙ୍କ ପଞ୍ଚମ ପ୍ରବନ୍ଧ ପୁସ୍ତକ 'ଚିନ୍ତା ଅନୁଚିନ୍ତା' ସହ ତାଙ୍କ ସମ୍ପାଦିତ ସାହିତ୍ୟ ପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣ ଶ୍ରୀ'ର ମୋ ପ୍ରିୟ ଶିକ୍ଷକ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ଷ୍ଟେସନ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ତଥା ଲେଖକ ଡ. ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ଡ. ଅରବିନ୍ଦ ଗିରି, ଡ. ରାଧାରଞ୍ଜନ ପଟ୍ଟନାୟକ, 'ଧ୍ୱନିପ୍ରତିଧ୍ୱନି' ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ଯୋଗଦେଇ ଡ. ପଣ୍ଡାଙ୍କ ଶିକ୍ଷଣୀୟ ଓ




ତଥ୍ୟଧର୍ମୀ ଉପାଦେୟ ପ୍ରବନ୍ଧ ସମୂହର ଆଲୋଚନା ସହ ସୁବର୍ଣ୍ଣଶ୍ରୀର ବିଶେଷାଙ୍କ ଗୁଡ଼ିକ କିଭଳି ପାଠକୀୟ ଆଦରଲାଭ କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥାପିକା ମିତା ପଟ୍ଟନାୟକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. କେଶବ ଚରଣ ପଣ୍ଡା ବେଦମନ୍ତ୍ର ପାଠ କରି ଶ୍ଳୋକାବୃତ୍ତି କରିଥିଲେ। ଉତ୍ସବରେ ଡ. ପଣ୍ଡା ତାଙ୍କ ୪୦ ବର୍ଷର ସାରସ୍ୱତ ଜୀବନର କିଛି ଅଭୁଲା ସ୍ମୃତି ରୋମନ୍ଥନ କରିଥିଲେ। ଝାଡ଼େଶ୍ୱର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ଡ. ବିଜୟ କୁମାର ମହାନ୍ତି, ଡ. ମଧୁରାନାଥ ହୋତା, କବି ଅଭୟ ଦାସ, କବି ପ୍ରଶାନ୍ତ ଦାସ, ଆଡଭୋକେଟ୍ ବିଜୟ ପାଣିଗ୍ରାହୀ, ସୁଧାକର ସେଠୀ, ଅଭିନନ୍ଦନର ସମ୍ପାଦକ ଜଗଦୀଶ ମିଶ୍ର ପ୍ରମୁଖ ଏହି ଉତ୍ସବରେ ପୁସ୍ତକ ଓ ପତ୍ରିକା ଉନ୍ମୋଚନ ପର୍ବରେ ଯୋଡ଼ି ହୋଇଥିଲେ। ୭୦ ଜଣ ଲେଖକ ସେମାନଙ୍କର ପ୍ରିୟ ଶିକ୍ଷକଙ୍କ ଉପରେ ଲେଖିଥିବା ଲେଖାରେ ସମୃଦ୍ଧ ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ ପତ୍ରିକା ସମସ୍ତଙ୍କ ପାଇଁ ଏକ ସୁଖପାଠ୍ୟ ପତ୍ରିକା ବୋଲି ମତପୋଷଣ କରିଥିଲେ।

## ଆପ୍ ବାଲେଶ୍ୱର ଜିଲ୍ଲାସ୍ତରୀୟ ସାଂଗଠନିକ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୪।୬ (ସମିସ): ଆମ୍ ଆଦମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ସାଂଗଠନିକ ଜିଲ୍ଲାର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ବାଲେଶ୍ୱର ଠାରେ ଆଗାମୀ ଜୁନ୍ ୧୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି। ଚଳିତ ମାସରେ ଦଳରେ ଅଧିକରୁ ଅଧିକ ସଦସ୍ୟ ଯୋଡିବା ନିମନ୍ତେ ଅଭିଯାନ ଜାରି ରହିବ। ଜୁନ୍ ୧୧ ତାରିଖରେ ସମସ୍ତ ୱାର୍ଡର ନୂଆ ଏବଂ ପୁରୁଣା ସଦସ୍ୟଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକରେ ମ୍ୟୁନିସିପାଲିଟି ଏବଂ ପଞ୍ଚାୟତସ୍ତରରେ ଦଳୀୟ ସଂଗଠନକୁ ପହଞ୍ଚାଇବା ନିମନ୍ତେ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯିବ। ଜୁନ୍ ମଧ ଭାଗରେ ଆସିବାକୁ ଥିବା କେନ୍ଦ୍ରୀୟ ଟିମ୍ ଦ୍ୱାରା ନିଯୁକ୍ତ ସହ ପ୍ରଭାରୀଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ ଯୋଜନାକୁ କିପରି ସଫଳ କରାଯାଇ ପାରିବ ସେଥି ନିମନ୍ତେ ଏହି ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ। ସଦସ୍ୟ ଯୋଡ଼ ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତ କାର୍ଯ୍ୟକର୍ତ୍ତା ନିଜର ଅଧିକ ସମୟ ଓ ପରିଶ୍ରମ ବିନିଯୋଗ କରିବା ପାଇଁ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ପାଣି ଏବଂ ଜିଲ୍ଲା ପ୍ରଭାରୀ ଲଳିତ ମୋହନ ଦାସଅଧିକାରୀ ଏବଂ ସଭାପତି କୁମାର ସ୍ୱର୍ଣ୍ଣ ଭାରତ ମଲ୍ଲିକ୍ ନିବେଦନ କରିଛନ୍ତି। ଏହାଛଡା ପୋଷ୍ଟର ଓ ପ୍ରଚାର ପତ୍ର ମାଧମରେ ଏହି ସଦସ୍ୟତା ଅଭିଯାନକୁ ବ୍ୟାପକ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୪।୬(ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନସ୍ଥ କେଏମ୍‌ସାହି ପଞ୍ଚାୟତର ଗୋପାଳପ୍ରସାଦ ଗାଁରେ ଆଜି ଅପରାହ୍ନରେ ବଜ୍ରାଘାତରେ ଜଣେ ମହିଳାଙ୍କ ଜୀବନ ଯାଇଛି। ସେ ହେଉଛନ୍ତି ଗାଁର ହୁସେନ ସିଂଙ୍କ ଝିଅ ନମିତାବାଳା(୨୬)। ସୂଚନା ଅନୁସାରେ, ନମିତା ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ଖୁରୁଣ୍ଟିଆ ଗ୍ରାମର ଶୁକ୍ରା ସିଂଙ୍କୁ ବିବାହ କରିଛନ୍ତି। ତିନିଦିନ ତଳେ ସେ ନିଜ ବାପଘରକୁ ବୁଲି ଆସିଥିଲେ। ଆଜି ଅପରାହ୍ନରେ ନମିତା ଘରଠାରୁ ଅନତିଦୂରରେ ଥିବା ଏକ ପୋଖରୀଆଡ଼ିକୁ ଯାଇଥିବାବେଳେ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ସେଠାରେ ବଜ୍ରାଘାତ ହେବାରୁ ନମିତା ଟଳି ପଡ଼ିଥିଲେ। ପରିବାର ଲୋକେ ନମିତାଙ୍କୁ ଉଦ୍ଧାରକରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ରାଇବଣିଆ ପୁଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁହୋଇଛି। ସେହିପରି ଶ୍ୟାମନଗର ପଞ୍ଚାୟତର ଗରୁଡ଼ବସା ଗାଁବିଲରେ ବଜ୍ରାଘାତରେ ଦୁଇଟିଗାଈର ମୃତ୍ୟୁ ହୋଇଛି।

## ଜଳେଶ୍ୱର ଏସ୍‌ଡିପିଓ ଭାବେ ସୁରେଶ ତ୍ରିପାଠୀଙ୍କ ଯୋଗଦାନ

ଜଳେଶ୍ୱର ବ୍ଲକ, ୪।୬(ସମିସ): ଜଳେଶ୍ୱରର ନୂଆ ଏସ୍‌ଡିପିଓ ଭାବେ ସୁରେଶ କୁମାର ତ୍ରିପାଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ କାର୍ଯ୍ୟରତ ଥିବା ସୁବ୍ରତ କୁମାର ବେହେରାଙ୍କ ଭୁବନେଶ୍ୱର ବଦଳି ହେବା ପରେ ତାଙ୍କ ସ୍ଥାନ ନେଇଛନ୍ତି ଶ୍ରୀ ତ୍ରିପାଠୀ। ଜଳେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ବେଆଇନ ବାଲି ଉତ୍ତୋଳନ ରୋକିବା, ସମସ୍ତ ନିଶା କାରବାର ବିଶେଷ କରି ବ୍ରାଉନସୁଗର କାରବାର ଉପରେ ରୋକ ଲଗାଇବା ପାଇଁ ପ୍ରାଥମିକତା ଦେବେ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

## କରଞ୍ଜିଆ ସରପଞ୍ଚଙ୍କ ନିମନ୍ତେ ଶୋକସଭା

ବାଲେଶ୍ୱର, ୪।୬(ସମିସ): ପଞ୍ଚଭୂତରେ ବିଲୀନ ହେଲା କରଞ୍ଜିଆ ସରପଞ୍ଚ ସ୍ୱର୍ଗତ ମୁକୁନ୍ଦ ଭାରତୀଙ୍କ ମରଶରୀର। ସ୍ୱର୍ଗତ ଭାରତୀଙ୍କ ନିମନ୍ତେ ସନ୍ଧ୍ୟା ସମୟରେ ଫକୀରମୋହନ ନଗର ବିକାଶ ପରିଷଦ, ସତ୍ୟ ନଗର ବିକାଶ ପରିଷଦ ତଥା ସ୍ଥାନୀୟ ଗ୍ରାମବାସୀମାନେ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଶୋକସଭାର ଆୟୋଜନ କରିଥିଲେ। ଶୋକାକୁଳ ପରିବେଶ ଭିତରେ ସ୍ଥାନୀୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର କୁମାର ରାଉତ, ରେମୁଣା ବିଜେଡ଼ି ପ୍ରାର୍ଥୀନୀ ବିଦ୍ୟାସ୍ମିତା ମହାଲିକ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ସମାଜସେବୀ ମାୟାଧର ମହାଲିକ, ଅନ୍ନପୂର୍ଣ୍ଣା ଫାଉଣ୍ଡେସନର ପ୍ରିୟାରାଣୀ ମଲ୍ଲିକ, ଶୁଭଶ୍ରୀ ଆଚାର୍ଯ୍ୟ, କରଞ୍ଜିଆ ପଞ୍ଚାୟତ ବିଜେପି ସଭାପତି ଚନ୍ଦ୍ରମଣୀ ମହାପାତ୍ର, କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟା କବିତା ପାଣି, କଲ୍ୟାଣୀ ବାରିକ ତଥା ସ୍ଥାନୀୟ ୱାଡ଼ ମେମ୍ବର ଓ ସରପଞ୍ଚ ବୃନ୍ଦ, ସମିତି ସଭ୍ୟ ସଭ୍ୟା ତଥା ଶତାଧିକ ଗ୍ରାମବାସୀ ତାଙ୍କ ମରଶରୀର ପାଖରେ ପହଞ୍ଚିବା ସହ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ଭାରତୀ ଚାକିରି ଜୀବନରୁ ଅବସର ନେବା ପରେ ୨୦୧୭ ରେ କରଞ୍ଜିଆ ପଞ୍ଚାୟତର ଆଠ ନମ୍ବର ୱାର୍ଡର ୱାର୍ଡ ମେମ୍ବର ରହିଥିବା ବେଳେ ୨୦୨୨ ମସିହାରୁ କରଞ୍ଜିଆ ପଞ୍ଚାୟତର ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। କିଛି ଦିନ ଧରି ଅସୁସ୍ଥ ରହିଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ଦେହାନ୍ତ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା।

## ବିଶ୍ୱ ସାଇକଲ ଦିବସ ପାଳିତ

ବାଲେଶ୍ୱର, ୪।୬ (ସମିସ): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ ମେରା ଯୁବ ଭାରତ ବାଲେଶ୍ୱର ଓ ସାମାଜିକ ସଂଗଠନ ମୁନ କମ୍ୟୁନିକେସନର ମିଳିତ ସହଯୋଗରେ ବିଶ୍ୱ ସାଇକେଲ ଦିବସ ତପସ୍ୱୀଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ନାୟକ, ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ମଲ୍ଲିକ ଯୋଗଦେଇ ପରିବେଶ ପାଇଁ ସାଇକେଲ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାନ୍ତ କୁମାର ଦାସ ଆମର ଅର୍ଥନୀତି ପାଇଁ ତୈଳ ଆମଦାନୀ ହ୍ରାସ ସହ ଜଳବାୟୁ ପାଇଁ ସାଇକେଲ ଚଳାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। 'ମୁନ' ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଓ ପଙ୍କଜିନୀ ଦାସଙ୍କ ସହଯୋଗରେ ଏକ ମହିଳା ସାଇକେଲ ରାଲି 'ଏକ ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା' ବାର୍ତ୍ତା ନେଇ ରଣସାହି, ହିଡିଗାଁ ଗ୍ରାମ ପରିକ୍ରମା କରି ସବୁଜ ପରିବେଶ ପାଇଁ ଶପଥ ପାଠ ସହ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀମତୀ ମଲ୍ଲିକ, ମମତା ଦାସ ସୁଲୋଚନା ମଲ୍ଲିକ, ପୁଷ୍ପିତା ମଲ୍ଲିକ, ସୌମ୍ୟ ଶୋଭନା ନାୟକ, ନନ୍ଦିନୀ ମଲ୍ଲିକ, ଶ୍ରଦ୍ଧା ଦାସ, ସୁସ୍ମିତା ସିଂହ, ନିରୁପମା ବେହେରା, ସ୍ମୃତିରେଖା ମଲ୍ଲିକ, ପ୍ରମିଳା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ହୋହଲ୍ଲାରେ ସରିଲା ବାଲିଆପାଳ ପଞ୍ଚାୟତ ସମିତି ବୈଠକ

କାଳିପଦା, ୪।୬ (ସମିସ)

ବାଲିଆପାଳ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକଙ୍କ ଅଧକ୍ଷତାରେ ବାଲିଆପାଳ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ଏହି




ଅଧିବେଶନରେ ଏମ ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଏବିଡ଼ିଓ ଶରତ ଚନ୍ଦ୍ର ମୁଦୁଲି, ଉପାଧକ୍ଷ ରାଜେଶ ଚୌଧୁରୀ, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ବେଣୁଧର ଜେନା, ନିଶାକର ସେଠୀଙ୍କ ସହିତ ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତି ସଦସ୍ୟ ଯୋଗ ଦେଇ ନିଜ ନିଜର ଅଞ୍ଚଳରେ ଥିବା ଉନୟନ ମୂଳକ କାର୍ଯ୍ୟର ବିଭିନ୍ନ ସମସ୍ୟା ବିଷୟରେ ପ୍ରଶ୍ନ ପଚାରିଥିଲେ। ଏ ବାବଦରେ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ପ୍ରଶ୍ନ ଉତ୍ତର ରଖି ଥିଲେ। ଏହି ଅଧିବେଶନରେ ପ୍ରଥମେ ବିଦ୍ୟୁତ ବିଭାଗ, ବନ୍ୟା ବାତ୍ୟା ବିପର୍ଯ୍ୟୟ ମୁକାବିଲା, ପାନୀୟ ଜଳ ବିଭାଗ ବିଷୟରେ ଆଲୋଚନା କରାଯାଇଥିଲା। ଆମ ଗାଁ ଆମ ବିକାଶ ଯୋଜନାରେ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହେବା ମାତ୍ରେ ଶତକଡା କେତେ ଭାଗ କାମ ସରପଞ୍ଚ, ସଦସ୍ୟ ଓ ସରକାରୀ ଦଳର ନେତୃମଣ୍ଡଳୀ କରିବେ ଏନେଇ ହୋହଲ୍ଲା ଆରମ୍ଭ ହୋଇଥିଲା। ମାତ୍ର ବୈଠକ ଶେଷ ହେବା ଯାଏ ଭାଗ ଛିଡ଼ି ପାରି ନଥିଲା, ଯାହା ଫଳରେ ଏଜେଣ୍ଡାରେ ଥିବା ବହୁ ବିଭାଗ ଆଲୋଚନା ପରିସର ଭୁକ୍ତ ହୋଇ ପାରିନଥିଲା। ମଧ୍ୟାହ୍ନ ଭୋଜନର ସମୟ ବହୁ ଅତିକ୍ରାନ୍ତ ହେବାରୁ ଅଧିବେଶନକୁ ଶେଷ କରଯାଇଥିଲା। ଜିପିଡିଓ ପ୍ରିୟବ୍ରତ ଗିରି ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



THE SAKALA
www.sakalaepaper.com



# ସମ୍ପୂର୍ଣ୍ଣା



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଜୀବନସାଥିଙ୍କ ସହ ହସ ଖୁସିର ସମୟ ବିତାଇବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଛାତ୍ରଛାତ୍ରୀମାନେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। କୌଣସି କଥାକୁ ନେଇ ମନ ଉଦାସ ରହିପାରେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ବହୁତ ଭଲ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଲୋକ ସମ୍ପର୍କ ବଢ଼ିବ।

**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣିବାର ସ୍ୱପ୍ନ ସାକାର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ।

**କନ୍ୟା:** ରାଜନୀତିରେ ସାମିଲ ହୋଇପାରନ୍ତି। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସୁଖ ସମୃଦ୍ଧି ବୃଦ୍ଧି ପାଇବ।।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରସନ୍ନ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ବନ୍ଧୁଙ୍କ ସହଯୋଗରେ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର୍ମିକ କାର୍ଯ୍ୟ କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିପାରେ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ସମ୍ପର୍କ ମଜବୁତ୍ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା।
- ୧୯୫୩- ଡେନମାର୍କରେ ନୂଆ ସମ୍ବିଧାନ ଲାଗୁ ହେଲା।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା।
- ୧୯୮୯- 'ତ୍ରିଶୂଳ' ମିସାଇଲର ସଫଳ ପରୀକ୍ଷଣ।
- ୨୦୦୫- ତାଇୱାନ୍ ତା'ର ପ୍ରଥମ କ୍ରୁଜ୍ ମିସାଇଲର ସଫଳ ପରୀକ୍ଷା କଲା।

## ଫିସ୍ ବଢ଼ାଇଲେ ରଶ୍ମିକା



ସାଉଥ୍ ଠାରୁ ଆରମ୍ଭ କରି ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ରଶ୍ମିକା ମନ୍ଦାନା। ତାଙ୍କ ପାଖରେ ଏବେ ଅନେକ ବଡ଼ ବଡ଼ ବ୍ୟାନରର ଫିଲ୍ମ ରହିଛି। ସେ ଏବେ 'କକଟେଲ୍ ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ରଶ୍ମିକା ତାଙ୍କ ଲୋକପ୍ରିୟତା ବଢ଼ିବା ଦେଖି ଇତିମଧ୍ୟରେ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରଶ୍ମିକା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ପାଇଁ ୨ କୋଟି ଟଙ୍କା ଚାର୍ଜ କରିଥିଲେ। ହେଲେ 'ଆନିମଲ' ଫିଲ୍ମରୁ ରଶ୍ମିକା ନିଜର ଫିସ୍ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି। 'ଆନିମଲ' ଫିଲ୍ମ ପାଇଁ ତାଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ଟଙ୍କା ମିଳିଥିଲା। ସେହିପରି 'ପୁଷ୍ପା: ଦ ରୁଲ୍' ପାଇଁ ସେ ୧୦ କୋଟି ଟଙ୍କା ଚାର୍ଜ କରିଥିଲେ। ଏବେ ରଶ୍ମିକା ତାଙ୍କର ଫିସ୍ ବହୁତ ଅଧିକ ବଢ଼ାଇ ଦେଇଛନ୍ତି। ସେ 'କକଟେଲ୍ ୨' ପାଇଁ ୧୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି। 'କକ୍‌ଟେଲ୍ ୨'ରେ ରଶ୍ମିକାଙ୍କ ସହ ଶାହିଦ୍ କପୁର, କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ଜୁନ୍ ୧୯ରେ ରିଲିଜ୍ ହେବ।

## ବିଶ୍ୱ ପରିବେଶ ଦିବସ



ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ନିଜର ଜାଣତରେ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ। ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ମାତ୍ରାରେ ପ୍ଲାଷ୍ଟିକ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ଅତ୍ୟଧିକ ବ୍ୟବହାର ଯୋଗୁଁ ପୃଥିବୀ ଧୀରେଧୀରେ ଯେମିତି ବିନାଶ ଆଡ଼କୁ ଗତି କରୁଛି। ତେଣୁ ଏହି ଘୋର ସଙ୍କଟରୁ ବେଳହୁଁ ସାବଧାନ ହେବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଉଛି ଯାହାର ରୂପରେଖ ପ୍ରଥମେ ୧୯୭୨ମସିହାରେ ପ୍ରସ୍ତୁତ କରାଯାଇଥିଲା। ସେହି ଦିନଠାରୁ ଜନସଚେତନତା ସୃଷ୍ଟି କରିବାପାଇଁ ପ୍ରତିବର୍ଷ ବିଶ୍ୱର ଜଣେ ଜଣେ ଦେଶ ନିଜକୁ ଆବାହକ ହିସାବରେ ପରିଗଣିତ କରି ସାରା ବିଶ୍ୱରେ ଏହାର ପ୍ରଚାର କରାଇଥାନ୍ତି। ଚଳିତବର୍ଷ ଏହି ଆନ୍ତର୍ଜାତୀୟ ଦିବସର ମୁଖ୍ୟ ଆୟୋଜନ ଆଜରବୈଜାନ ଦେଶର ବାକୁ ସହରରେ କରାଯାଉଛି। ନିଜର ସ୍ୱାର୍ଥ ହାସଲ ପାଇଁ ମାନବ ସମାଜ ପ୍ରକୃତି ଓ ପରିବେଶର ସନ୍ତୁଳନକୁ ବିଗାଡ଼ିସାରିଛି। ଫଳରେ ଜଙ୍ଗଲସମ୍ପଦ ଓ ବନ୍ୟଜନ୍ତୁଙ୍କ ଜୀବନ ଏବେ ବିପଦରେ ପଡ଼ିଛି। କେବଳ ସେତିକି ନୁହେଁ, କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୮୦ବର୍ଷରୁ ଉର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୬୦ରୁ ୬୫ ବର୍ଷକୁ ଖସିଆସିଛି। ବର୍ଷାର ପରିମାଣ କମୁଥିବା ବେଳେ ବିଶ୍ୱ ତାପନ ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି। ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସିଉଠିବ। ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ। ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ। ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ। ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଛି- "ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମ ଭବିଷ୍ୟତ ପାଇଁ।"

## ଫେରିବେ ବିଲୁପ୍ତ ପକ୍ଷୀ !

ଆମେରିକାର ବାୟୋଟେକ୍ କମ୍ପାନୀ 'କୋଲୋସାଲ୍ ବାୟୋସାଇନ୍ସେସ୍' ଥ୍ରୀଡି ପ୍ରିଣ୍ଟେଡ୍ କୃତ୍ରିମ ଅଣ୍ଡାରୁ ସଫଳତାର ସହ ୨୬ଟି ସୁସ୍ଥ ଚିଆଁ ବାହାର କରି ଏକ ବୈପ୍ଳବିକ ସଫଳତା ହାସଲ କରିଛି। ଏହି ଅଭିନବ କୌଶଳ ବିଲୁପ୍ତ ପକ୍ଷୀଙ୍କୁ ପୁନର୍ଜୀବିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ ବୋଲି କୁହାଯାଉଛି। ଇତିହାସରେ ପ୍ରଥମଥର ପାଇଁ କୌଣସି ଜୀବନ୍ତ ପକ୍ଷୀର ସାହାଯ୍ୟ ନନେଇ ଏକ ସମ୍ପୂର୍ଣ୍ଣ କୃତ୍ରିମ ପରିବେଶରେ ଭ୍ରୁଣ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ଛୁଆରେ ପରିଣତ ହୋଇଛି। ବୈଜ୍ଞାନିକମାନେ ଥ୍ରୀଡି ପ୍ରିଣ୍ଟେଡ୍ ଟାଇଟାନିୟମ୍ ଏବଂ ସିଲିକନ୍ ଝିଲ୍ଲି ବ୍ୟବହାର କରି ଏକ କୃତ୍ରିମ ଅଣ୍ଡା ଖୋଳପା ତିଆରି କରିଥିଲେ, ଯାହା ପ୍ରାକୃତିକ ଅଣ୍ଡା ଭଳି ଅମ୍ଳଜାନ ଭିତରକୁ ଯିବାକୁ ଦିଏ ଏବଂ ଭ୍ରୁଣକୁ ବଢ଼ିବାରେ ସାହାଯ୍ୟ କରେ। ଏହି ଟେକ୍ନିକ୍ ସାହାଯ୍ୟରେ କମ୍ପାନୀ ନିଉଜିଲ୍ୟାଣ୍ଡର ବିଶାଳକାୟ ଏବଂ ବିଲୁପ୍ତ ପକ୍ଷୀ 'ସାଉଥ୍ ଆଇଲ୍ୟାଣ୍ଡ ଜାଏଣ୍ଟ ମୋଆ'କୁ ପୁନର୍ଜୀବିତ କରିବାକୁ ଲକ୍ଷ୍ୟ ରଖିଛି। ଡାଇନୋସର୍ ଯୁଗ ପରେ ମୋଆ ପୃଥିବୀର ସବୁଠାରୁ ବଡ଼ ପକ୍ଷୀ ଥିଲା। ଏହାର ଉଚ୍ଚତା ୧୨ ଫୁଟ ଏବଂ ଓଜନ ପ୍ରାୟ ୨୫୦ କିଲୋଗ୍ରାମ ଥିଲା। ଏହା ଉଡ଼ିପାରୁ ନ ଥିଲା ଏବଂ ମଣିଷଙ୍କ ଦ୍ୱାରା ଶିକାର ହୋଇ ବିଲୁପ୍ତ ହୋଇଯାଇଥିବା କୁହାଯାଏ। ସେହିପରି ଏହାର ଅଣ୍ଡା ଖୁବ୍ ବଡ଼ ଥିଲା। ଏହି ସଫଳତା ଦ୍ୱାରା 'ଡୋଡୋ' ଏବଂ 'ମୋଆ' ଭଳି ବିଶାଳକାୟ ବିଲୁପ୍ତ ପକ୍ଷୀଙ୍କ ପ୍ରଜନନ ଏବଂ ଇନକ୍ୟୁବେସନ୍ କରିବାର ବାଟ ସହଜ ହୋଇଯିବ ବୋଲି ବୈଜ୍ଞାନିମାନେ ଆଶାବାଦୀ ଅଛନ୍ତି। ତେବେ ପ୍ରାରମ୍ଭିକ ଅବସ୍ଥାରେ ଏହି ଟେକ୍ନିକ୍‌କୁ ଭଲ ଭାବରେ ବୁଝିବା ଲାଗି ଏହାକୁ କୁକୁଡ଼ାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏହି ଅଭିନବ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏପର୍ଯ୍ୟନ୍ତ ୨୬ଟି ସୁସ୍ଥ କୁକୁଡ଼ା ଛୁଆ ଜନ୍ମ ହୋଇସାରିଛନ୍ତି। ଏହି ସଫଳତା ପରେ ବି ଅନେକ ବୈଜ୍ଞାନିକ ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ବିଲୁପ୍ତ ପ୍ରଜାତିଗୁଡ଼ିକୁ ପୁଣି ଥରେ ଫେରାଇ ଆଣିଲେ ଏହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି କିଛି ବୈଜ୍ଞାନିକ ଚେତାଇ ଦେଇଛନ୍ତି। ଭାରତୀୟ ବୈଜ୍ଞାନିକମାନେ ମଧ୍ୟ ଏହି ସଫଳତା ଉପରେ ନିଜର ମତ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ଟେକ୍ନୋଲୋଜି ଭାରତରେ ବିପଦାପନ୍ନ ପକ୍ଷୀ ଯଥା ସାଇବେରିଆନ୍ କ୍ରେନ୍ କିମ୍ବା ଅନ୍ୟାନ୍ୟ ବିରଳ ପ୍ରଜାତିଗୁଡ଼ିକୁ ଲୁପ୍ତ ହେବାରୁ ରକ୍ଷା କରିପାରିବ।



## ଖରାଦିନେ ଚର୍ମ ଆଲର୍ଜି




ଖରାଦିନେ ତାପମାତ୍ରା ବୃଦ୍ଧି ମନୁଷ୍ୟ ଶରୀର ସହିତ ଚର୍ମ ଉପରେ ପ୍ରଭାବ ପକାଇଥାଏ। ଏହି ଦିନେ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଶରୀରରୁ ଝାଳ ବାହାରିଥାଏ। ଝାଳରୁ ଚର୍ମର ତୈଳଅଂଶ ବାହାରି ଯାଇଥାଏ। ଏହା କବକ ଓ ଜୀବାଣୁ ବୃଦ୍ଧି କରୁଥିବାରୁ ଚର୍ମ ଶୁଷ୍କ ହୋଇ ଆଲର୍ଜି ସୃଷ୍ଟି ହୋଇଥାଏ। ଘିମିରି ମଧ୍ୟ ଆଲର୍ଜି ସୃଷ୍ଟି କରିବାର ଆଉ ଏକ କାରଣ। ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ଚର୍ମରେ ବୟସ ପୂର୍ବରୁ କୁଞ୍ଚନ, ଦାଗ କରେ। ଏହି ଅବସ୍ଥା ଅଧିକ ଦିନ ରହି ଚର୍ମ କର୍କଟ ହେବାର ଆଶଙ୍କାକୁ ବଢ଼ାଏ। ତେଣୁ ଖରାଦିନେ ଚର୍ମର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଜରୁରି।

ଆଲର୍ଜି ବିଭିନ୍ନ ପ୍ରକାର ରହିଛି। ଆଲର୍ଜି ହେଲେ ଚର୍ମ ଶୁଷ୍କ ପଡ଼ିବା ସହ ଲାଲ୍ ହୋଇଯାଏ। ଲଗାତାର କୁଣ୍ଡାଇ ହୁଏ। ଜଳା ପୋଡ଼ା ହୁଏ। ଆଲର୍ଜି ଯୋଗୁଁ ସର୍ଦ୍ଦି, ଥଣ୍ଡା, କାଶ ଆଦି ହୋଇପାରେ। ତେଣୁ ଚର୍ମକୁ ସୁରକ୍ଷିତ ରଖିବା ପାଇଁ ନିଜ ଚର୍ମ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ। ପ୍ରଚୁର ପାଣି ପିଇବା ସହ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି। ଅଧିକ ଗରମ ସମୟରେ ବାହାରକୁ ଯାଉଥିଲେ, ପତଳା ସୂତା ପୋଷାକରେ ଦେହକୁ ଆବୃତ୍ତ କରି ରଖିବା ଆବଶ୍ୟକ। ସୁଷମ ଏବଂ ଉତ୍ତମ ଖାଦ୍ୟ ସହିତ, ଆବଶ୍ୟକ ଅନୁସାରେ ସୂର୍ଯ୍ୟାଲୋକ, ପାଣି ଗ୍ରହଣ ଏବଂ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ କ୍ରିମ ବ୍ୟବହାର କଲେ, ଚର୍ମ ସୁସ୍ଥ, ସତେଜ ଏବଂ ସୁରକ୍ଷିତ ରହିପାରିବ।

ଆୟୁର୍ବେଦ ଉପାୟରେ କଞ୍ଚା ହଳଦୀ, ନିମପତ୍ରବଟା ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଶରୀରରେ ଲଗାଇ ଗାଧୋଇବା ଆବଶ୍ୟକ। ସେହିପରି ଲେମ୍ବୁ, ମହୁ, ମସୁରଡାଲିର ଗୁଣ୍ଡ, ଗୋଲାପଜଳ ଏହାର ଲେପ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ସମ୍ପୂର୍ଣ୍ଣ ଶରୀରରେ ଲଗାଇ ଗାଧୋଇବା ଦ୍ୱାରା ତ୍ୱଚା ଚିକ୍କଣ ହୁଏ।




## 'ସକାଳ'ର ସ୍ୱାସ୍ଥ୍ୟ
## ଇବୋଲା ସଂକ୍ରମଣ



ଇବୋଲା (Ebola) ଏକ ଭୟଙ୍କର ଜଟିଳ ଭୂତାଣୁ। ଏହାର ସଂକ୍ରମଣ ପ୍ରାଣଘାତୀ ମଧ୍ୟ ହୋଇପାରେ। ଏହା ପ୍ରଥମେ ୧୯୭୬ ମସିହାରେ ଆଫ୍ରିକାର କଙ୍ଗୋ ଅଞ୍ଚଳରେ ଚିହ୍ନଟ ହୋଇଥିଲା। ଏହା ମନୁଷ୍ୟ ଓ କିଛି ପ୍ରାଣୀଙ୍କ ଶରୀରକୁ ଆକ୍ରମଣ କରି ଗୁରୁତର ରକ୍ତସ୍ରାବ, ଅଙ୍ଗ ଗୁଡିକ ବିକଳାଙ୍ଗ କରି ଶେଷରେ ମୃତ୍ୟୁ ଆଶଙ୍କା ରହିଥାଏ। ଅତୀତରେ ଦେଖାଦେଇଥିବା ସଂକ୍ରମଣ ସମୟରେ ୨୫% ରୁ ୯୦% ପର୍ଯ୍ୟନ୍ତ ମୃତ୍ୟୁହାର ରହିଥିବା ରେକର୍ଡ ରହିଛି। ତେବେ ବର୍ତ୍ତମାନ ପୁଣିଥରେ କଙ୍ଗୋ ଓ ଉଗାଣ୍ଡାରେ ଇବୋଲା ଭୂତାଣୁର ଆତଙ୍କ ଦେଖିବାକୁ ମିଳିଛି। ଶତାଧିକ ସନ୍ଦିଗ୍ଧ ଚିହ୍ନଟ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରୁରି ଘୋଷଣା କରିଥିବାରୁ ଏଥିପାଇଁ ଭାରତ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରି ମନେ କରାଯାଉଛି।

ଇବୋଲା ରୋଗ Orthoebolavirus ନାମକ ଭାଇରସ୍ ଗୋଷ୍ଠୀ ଦ୍ୱାରା ସୃଷ୍ଟି ହୁଏ। ବୈଜ୍ଞାନିକମାନଙ୍କ ମତାନୁସାରେ ଫଳ ଖାଉଥିବା (fruit bats) ଏହାର ପ୍ରାକୃତିକ ବାହକ ହୋଇପାରନ୍ତି। ଭାଇରସ ପ୍ରଥମେ ପଶୁରୁ ମନୁଷ୍ୟକୁ ଏବଂ ପରେ ମନୁଷ୍ୟରୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରକ୍ତ ପଡିବା, ବାନ୍ତି, ଲାଳ, ଝାଳ ବାହାରିବା ଭଳି ଲକ୍ଷଣ ଦେଖା ଦେଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କ ବସ୍ତ୍ର, ବେଡ଼ସିଟ୍, ଚିକିତ୍ସା ସାମଗ୍ରୀ ଇତ୍ୟାଦି ସ୍ପର୍ଶ କରିବା ବା ସଂକ୍ରମିତ ପଶୁ କିମ୍ବା ପ୍ରାଣୀର ଶରୀର ସଂସ୍ପର୍ଶରେ ଆସିଲେ ଏହା ବ୍ୟାପିଥାଏ। ସଂକ୍ରମଣ ପରେ ସାଧାରଣତଃ ୨ ରୁ ୨୧ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଇପାରେ। ଯାହାର ପ୍ରାରମ୍ଭିକ ଲକ୍ଷଣ ତୀବ୍ର ଜ୍ୱର, ଭୟଙ୍କର ମୁଣ୍ଡବିନ୍ଧା, ଶରୀର ଓ ମାଂସପେଶୀ ଯନ୍ତ୍ରଣା, ଅତ୍ୟଧିକ ଦୁର୍ବଳତା, ଗଳା ଯନ୍ତ୍ରଣା ହୋଇ ପରବର୍ତ୍ତୀ ସମୟରେ ବାନ୍ତି ଓ ଡ଼ାଇରିଆ, ପେଟ ଯନ୍ତ୍ରଣା, ଚର୍ମରେ ଦାଗ, ଆଖି ଲାଲ ହେବା, ନାକ କିମ୍ବା ଶରୀରର ଭିତର/ବାହାର ରକ୍ତସ୍ରାବ (କେତେକ ମାମଲାରେ) ଭଳି ଲକ୍ଷଣ ଦେଖାଦେଇଥାଏ।

ଏଭଳି ପରିସ୍ଥିତିରେ ପ୍ରତିକାର ଓ ଚିକିତ୍ସା ଜରୁରି ହୋଇପଡ଼େ। ବର୍ତ୍ତମାନ ଇବୋଲା ପାଇଁ ଶୀଘ୍ର ସହାୟକ ଚିକିତ୍ସା ଯଥା- ଶରୀରରେ ପାଣି ଓ ଲବଣର ସମତୁଳନ ରଖିବା, ଲକ୍ଷଣ ଅନୁଯାୟୀ ଚିକିତ୍ସା ଜୀବନରକ୍ଷାରେ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରତିରୋଧ ପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କଠାରୁ ଦୂରରେ ରହିବା, ହାତ ସାବୁନ/ସାନିଟାଇଜରରେ ଧୋଇବା, ରକ୍ତ କିମ୍ବା ଶରୀରର ତରଳ ସହ ସିଧା ସଂସ୍ପର୍ଶ ଏଡ଼ାଇବା, ସ୍ୱାସ୍ଥ୍ୟକର୍ମୀମାନେ ସୁରକ୍ଷା ସାମଗ୍ରୀ (PPE) ବ୍ୟବହାର କରିବା, ଆକ୍ରାନ୍ତ ଅଞ୍ଚଳକୁ ଯିବାବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶ ମାନିବା ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

- ଡାକ୍ତର ରାଜାରାମ ଷଡ଼ଙ୍ଗୀ
ସମ୍ବଲପୁର



## ସ୍ତନ କର୍କଟର ମାରାତ୍ମକତା ଜଣାଇବ ପରୀକ୍ଷା

ସ୍ତନ କର୍କଟ ଏକ ମାରାତ୍ମକ ବ୍ୟାଧି। ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର, କେମୋଥେରାପି, ହରମୋନ୍ ଥେରାପି ଆଦି ପ୍ରୟୋଗ କରାଯାଇଥାଏ। କର୍କଟ ଚିକିତ୍ସାରେ କେମୋଥେରାପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ବି ପୀଡ଼ିତାଙ୍କ କ୍ଷେତ୍ରରେ ଏହାର କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ହେଲେ ଏବେ ଗୋଟିଏ ପରୀକ୍ଷାରୁ ସ୍ତନ କର୍କଟର ମାରାତ୍ମକତା ବିଷୟରେ ଜଣାପଡ଼ିବ। ସ୍ତନ ଟାଣ ଲାଗିଲେ, ସ୍ତନର ଆକାର କିମ୍ବା ଚର୍ମରେ ପରିବର୍ତ୍ତନ ଆଦି ହେଲେ କର୍କଟ ବିଶେଷଜ୍ଞଙ୍କ ପରାମର୍ଶରେ 'ପ୍ରୋସିଗ୍ନା' ବା ଜେନୋମିକ୍ ପରୀକ୍ଷା କରାଯାଇପାରିବ। ଏହି ପରୀକ୍ଷା ମୁଖ୍ୟତଃ ସ୍ତନ କର୍କଟର ପ୍ରାରମ୍ଭିକ ପର୍ଯ୍ୟାୟ, ହର୍‌ମୋନ୍ ରିସେପ୍ଟର ପଜିଟିଭ, HER2 ନେଗେଟିଭ୍ ପାଇଁ ବିଶେଷ ଫଳପ୍ରଦ। ଏହି ପରୀକ୍ଷା ପାଇଁ ବାୟୋପ୍ସି ଏବଂ ସର୍ଜରୀ ଦ୍ୱାରା ସ୍ତନରୁ କୋଷ ନେଇ ଲ୍ୟାବକୁ ପଠାଯାଏ। ଏହା ସ୍ତନରେ ଥିବା ୫୦ଟି ଜିନ୍‌ର ଗତିବିଧିକୁ ବିଶ୍ଳେଷଣ କରି କର୍କଟ କେତେ ମାରାତ୍ମକ ହୋଇଛି ତାହା ଜଣାଇଥାଏ। ଏହାଦ୍ୱାରା କର୍କଟ ବିଶେଷଜ୍ଞ ପୀଡ଼ିତାଙ୍କୁ କେମୋଥେରାପି ନେବାର ଆବଶ୍ୟକତା ଅଛି କି ନାହିଁ ତାହା ନିର୍ଦ୍ଧାରଣ କରି ପାରନ୍ତି। ଦୀର୍ଘ ୧୦ ବର୍ଷର ଅନ୍ତରାଷ୍ଟ୍ରୀୟ ପରୀକ୍ଷଣ 'ଅପ୍ଟିମା'ରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ପ୍ରୋସିଗ୍ନା ପରୀକ୍ଷାରେ ବିପଦର ଆଶଙ୍କା ଯଦି କମ୍ ଥାଏ ତେବେ କେମୋଥେରାପି ଏବଂ କେମୋଥେରାପି ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଏଡ଼ାଇ ଦେଇ ହେବ। ପୀଡ଼ିତାଙ୍କୁ କେମୋଥେରାପି ବଦଳରେ କେବଳ ହରମୋନ୍ ଥେରାପି/ ରେଡିଓଥେରାପି ଦିଆଯାଇ ସୁରକ୍ଷିତ ଭାବେ ଚିକିତ୍ସା କରାଯାଇପାରିବ। ଏହାଦ୍ୱାରା ପୀଡ଼ିତା କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟାରୁ ବଞ୍ଚିତ ରହିପାରନ୍ତି।

## ଘର ବଇଦ
## ହିକ୍କାର ଉପଚାର

ମୟୂର ଚନ୍ଦ୍ରିକାକୁ ଅନ୍ତର୍ଧୂମରେ ଭସ୍ମ କରି ସେହି ଭସ୍ମରେ ପିପ୍‌ପଳୀ ଚୂର୍ଣ୍ଣ ଓ ମହୁ ମିଶାଇ ରଖିବେ। ପ୍ରତି ୫ମିନିଟ୍‌ରେ ସେଥିରୁ ଟିକିଏ ଲେଖାଏଁ ଚାଟି ଖାଇଲେ ହିକ୍କା ବନ୍ଦ ହୁଏ।

- କଞ୍ଚା କଇଥର ରସ, ମହୁ ଓ ପିପ୍‌ପଳୀ ଚୂର୍ଣ୍ଣ ସହିତ ଖାଇବେ।
- ବିରି ଚୂନାକୁ ଚିଲମରେ ପୂରାଇ ବା ସିଗାରେଟ ପରି କରି ନିଆଁ ଲଗାଇ ତାର ଧୂଆଁ ପିଇଲେ ହିକ୍କା ବନ୍ଦ ହୁଏ।
- ଶୁଖିଲା ହଳଦୀପତ୍ରକୁ ସିଗାରେଟ୍ ପରି କରି ଧୂଆଁ ପାନ କଲେ ଅତି ଦୁସ୍ତର ହିକ୍କା ବନ୍ଦ ହୁଏ।
- ଗୋଟିଏ କାଗେଜିଲେମ୍ବୁ ଭିତରେ ସାମାନ୍ୟ ସୈନ୍ଧବ ଲବଣ ପୁରାଇ ନିଆଁରେ ତତାଇ ଚିପୁଡ଼ି ଅଳ୍ପ ପାଣି ମିଶାଇ ପିଇଲେ ତତ୍‌କ୍ଷଣାତ୍ ହିକ୍କା ରୋଗ ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ହୃଦ୍‌ଘାତର ପ୍ରାଥମିକ ନିଦାନ

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତ ଶର୍କରା ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଏହାଦ୍ୱାରା ଅଧିକାଂଶଙ୍କଠାରେ ହୃଦ୍‌ରୋଗ ଦେଖାଯାଏ। ତେଣୁ ହୃଦ୍‌ଘାତ ସମସ୍ୟାକୁ ଏଡ଼ାଇବା ପାଇଁ ପ୍ରାଥମିକ ପରୀକ୍ଷା ବିଷୟରେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ। କୌଣସି ବ୍ୟକ୍ତିଙ୍କର ଛାତିରେ ଯନ୍ତ୍ରଣା ହେବା, ଧଇଁ ସଇଁ ଲାଗିବା, ଅସ୍ୱାଭାବିକ ଭାବେ ହାଲିଆ ଲାଗିବା କିମ୍ବା ଛାତି ଧଡ଼ଧଡ଼ ହେବା ଆଦି ଲକ୍ଷଣ ଦେଖାଗଲେ କେତେଗୁଡ଼ିଏ ପ୍ରାଥମିକ ପରୀକ୍ଷା କରାଇବା ନିହାତି ଜରୁରି। ତନ୍ମଧ୍ୟରେ ରକ୍ତରେ କିଛି ପରୀକ୍ଷା ରହିଛି। ଯେପରିକି ସିବିସି, ରକ୍ତ ଶର୍କରା, ୟୁରିଆ କ୍ରିଏଟିନିନ୍, ଲିପିଡ଼ ପ୍ରୋଫାଇଲ ଏବଂ ଲିଭର ଫଙ୍କସନ୍ ଟେଷ୍ଟ ପ୍ରାଥମିକ ଭାବେ ପରୀକ୍ଷା କରାଇନେବା ଜରୁରି। ଏହା ପରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇସିଜି। ଅଳ୍ପ ଖର୍ଚ୍ଚରେ ଅନେକ ସ୍ଥାନରେ ସହଜରେ ଏହି ପରୀକ୍ଷା ହୋଇପାରେ। ଏହି ପରୀକ୍ଷାରୁ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳି ପାରିଥାଏ। ସେହିପରି ସ୍ୱତନ୍ତ୍ର ଭାବେ ହୃଦ୍‌ଘାତ ବିଷୟରେ ଜାଣିବା ପାଇଁ ରକ୍ତରେ ଗୋଟିଏ ନିର୍ଦ୍ଦିଷ୍ଟ ପରୀକ୍ଷା କରାଯାଇଥାଏ। ଏହି ପରୀକ୍ଷାକୁ ଟ୍ରୋପୋନିନ୍ (Troponin Test) କୁହାଯାଏ। ଏହା ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ। ଟ୍ରପ୍-ଟି ଏବଂ ଟ୍ରପ୍-ଆଇ। ଏହାପରେ କାର୍ଡିଓଲୋଜିଷ୍ଟ ରୋଗୀର ଇକୋ ପରୀକ୍ଷା କରି ହୃଦଯନ୍ତ୍ରର କାର୍ଯ୍ୟଦକ୍ଷତା ବିଷୟରେ ଅତ୍ୟାବଶ୍ୟକ ତଥ୍ୟ ହାସଲ କରିଥାନ୍ତି।


## କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ଆଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କସ୍‌ମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ ନେବା ଏକାନ୍ତ ଆବଶ୍ୟକ। ଆମ ରାଜ୍ୟର ଜଳବାୟୁ ଅଧିକ ଧୂଳିକଣା, ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ। ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି କ୍ଷତି ହୋଇପାରେ। ଖରାଦିନେ ଘା' ଶୁଖିବାକୁ ସମୟ ଲାଗେ। ତେଣୁ ସର୍ଜରୀ ପରେ ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ। ଏସି କିମ୍ବା ଫଙ୍ଖା ତଳେ ରହିବା ଆବଶ୍ୟକ। ରାସାୟନିକଯୁକ୍ତ ଉତ୍ପାଦ ବ୍ୟବହାର ନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଫଳପ୍ରଦ। ସର୍ଜରୀ ପରେ ଅଧିକ ଝାଳ ଚର୍ମ ପାଇଁ କ୍ଷତିକାରକ। ଝାଳ ଅସ୍ତ୍ରୋପଚାର ସ୍ଥାନକୁ ଓଦାଳିଆ ରଖେ। ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୁଏ। ଏଥିପ୍ରତି ଧ୍ୟାନ ଦେବା ଜରୁରି। ସର୍ଜରୀ ପରେ ଅଧିକ ପରିଶ୍ରମ କରିବା ଅନୁଚିତ। ସର୍ଜରୀର ପାଞ୍ଚଦିନ ପରେ ଗାଧୋଇ ପାରିବେ। ଦିନକୁ ପ୍ରଚୁର ମାତ୍ରାର ପାଣି ପିଇବା ଆବଶ୍ୟକ। ସର୍ଜରୀ ପରେ ଡାକ୍ତରଙ୍କ ପରାମର୍ଶ ମାନିବା ନିହାତି ଆବଶ୍ୟକ।

ଫିଫା ବିଶ୍ୱକପ୍
ଆଉ ୬ ଦିନ

# ଏଥର ଷ୍ଟାଡିୟମକୁ ପାଣି ବୋତଲ ମନା

ୱାସିଂଟନ,୪।୬(ଏଜେନ୍ସି): ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱକପ୍ ଆରମ୍ଭ ହେବାକୁ ମାତ୍ର କିଛି ଦିନ ବାକି ଥିବାବେଳେ ଫୁଟବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ନିଜର ନିୟମାବଳୀରେ ଏକ ବଡ଼ ପରିବର୍ତ୍ତନ କରିଛି। ନୂତନ ନିୟମ ଅନୁଯାୟୀ, ମ୍ୟାଚ୍ ଦେଖିବାକୁ ଆସୁଥିବା ଦର୍ଶକମାନେ ଷ୍ଟାଡିୟମ ମଧ୍ୟକୁ କୌଣସି ପ୍ରକାରର ପୁନଃବ୍ୟବହାର ଯୋଗ୍ୟ (ରିୟୁଜେବଲ୍) ପାଣି ବୋତଲ ଆଣିପାରିବେ ନାହିଁ। ପୂର୍ବ ନିୟମରେ ବିଶ୍ୱକପ୍ ସମୟରେ ୧ ଲିଟର ପର୍ଯ୍ୟନ୍ତ ସ୍ୱଚ୍ଛ ପ୍ଲାଷ୍ଟିକ୍ ବୋତଲ ନେବାକୁ ଅନୁମତି ଥିଲା। ଜୁନ୍ ୨ ତାରିଖର ସଂଶୋଧିତ ନିୟମାବଳୀରେ ଏହାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ଷ୍ଟାଡିୟମ ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏହି କଟକଣା ଲଗାଯାଇଛି। ତେବେ ଫିଫାର ଏହି ନିଷ୍ପତ୍ତିକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ




ଦର୍ଶକମାନେ ଏବେ ବାହାରୁ ବୋତଲ ଆଣି ଷ୍ଟାଡିୟମ ଭିତରେ ଥିବା ଜଳଛତ୍ରରୁ ପାଣି ଭରିପାରିବେ ନାହିଁ। ସେମାନଙ୍କୁ କେବଳ ଭିତରେ ବିକ୍ରି ହେଉଥିବା ପାଣି ବୋତଲ ଉପରେ ନିର୍ଭର କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ, ଏଥର ବିଶ୍ୱକପ୍‌ରେ ମୋଟ ୪୮ଟି ଦେଶରୁ ୧,୨୪୮ ଜଣ ଫୁଟବଲର ଭାଗ ନେଉଛନ୍ତି।

'ପ୍ରିନ୍‌ସେସ୍ ଅଫ୍ ଆଷ୍ଟୁରିଆସ୍' ପୁରସ୍କାର

## ମେସି ବିଶ୍ୱର ପ୍ରଥମ ଫୁଟବଲର୍

ନୂଆଦିଲ୍ଲୀ,୪।୬(ଏଜେନ୍ସି): କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କୁ 'ପ୍ରିନ୍‌ସେସ୍ ଅଫ୍ ଆଷ୍ଟୁରିଆସ୍' ପୁରସ୍କାରରେ ସମ୍ମାନିତ କରାଯାଇଛି। କ୍ରୀଡ଼ା ଜଗତର ଏହି ସମ୍ମାନଜନକ



ପୁରସ୍କାର ପାଇବାରେ ମେସି ବିଶ୍ୱର ପ୍ରଥମ ଫୁଟବଲ୍ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି। କଳା, ସାହିତ୍ୟ, ବିଜ୍ଞାନ, ସାମାଜିକ ଗବେଷଣା ଏବଂ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ସଫଳତା ପାଇଁ ଏହି ଆନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ବିଶେଷ ସମ୍ମାନ ମିଳିବା ପରେ ମେସି ଖୁସି ବ୍ୟକ୍ତ କରିଛନ୍ତି। ମେସି କହିଛନ୍ତି ଯେ କେବଳ ପଡ଼ିଆ ଭିତରେ ନୁହେଁ ବରଂ ପଡ଼ିଆ ବାହାରେ ମଧ୍ୟ ତାଙ୍କର କାର୍ଯ୍ୟକୁ ସ୍ୱୀକୃତି ମିଳିଥିବାରୁ ସେ ଅତ୍ୟନ୍ତ ଗର୍ବିତ ଓ କୃତଜ୍ଞ। ମେସି ଜ୍ୱାଜଲ୍ୟମୟ ନିଜର କ୍ୟାରିୟରରେ ମେସି ଆର୍ଜେଣ୍ଟିନା ପାଇଁ ୨୦୨୨ ବିଶ୍ୱକପ୍, ଦୁଇଟି କୋପା ଆମେରିକା ଏବଂ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କ୍ଲବ୍‌ସ୍ତରରେ ବାର୍ସିଲୋନା ଏବଂ ଇଣ୍ଟର ମିଆମି ପାଇଁ ଅନେକ ପ୍ରମୁଖ ଚାମ୍ପିଅନସିପ୍ ଜିତିବା ସହ ସେ ବ୍ୟକ୍ତିଗତ ଭାବେ ରେକର୍ଡ ୮ ଥର 'ବାଲନ୍ ଡି ଅର୍' ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ପୂର୍ବରୁ ରାଫେଲ୍ ନାଦାଲ, ମାଇକେଲ୍ ସୁମାକର ଏବଂ ସେରେନା ୱିଲିୟମ୍ସଙ୍କ ଭଳି କିମ୍ବଦନ୍ତୀ ଖେଳାଳିମାନେ ଏହି ପୁରସ୍କାର ପାଇଥିଲେ। ଏବେ ଏହି ତାଲିକାରେ ବିଶ୍ୱର ପ୍ରଥମ ଫୁଟବଲର୍ ଭାବେ ମେସିଙ୍କ ନାମ ସାମିଲ ହୋଇଛି।

## ମେସିଙ୍କୁ ଦେଖିବାକୁ ପ୍ରବଳ ଭିଡ଼

କାନସାସ୍ ସିଟି,୪।୬(ଏଜେନ୍ସି): ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ଫିଫା ବିଶ୍ୱକପ୍ ପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦଳ ଆମେରିକାର କାନସାସ୍ ସିଟିରେ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆର୍ଜେଣ୍ଟିନାର ପ୍ରଥମ ଓପନ୍ ଟ୍ରେନିଂ ସେସନ୍‌କୁ ଦେଖିବା ପାଇଁ ଶତାଧିକ ସାମ୍ବାଦିକ ଓ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଆସନ୍ତା ଜୁନ୍ ୧୬ରେ ଆଲଜେରିଆ ବିପକ୍ଷ ମ୍ୟାଚ୍‌ରୁ ଆର୍ଜେଣ୍ଟିନା ନିଜର ଟାଇଟଲ୍ ରକ୍ଷା ଅଭିଯାନ ଆରମ୍ଭ କରିବ। ଷ୍ଟାର୍ ଖେଳାଳି ଲିଓନେଲ୍ ମେସି ମାଂସପେଶୀ ଜନିତ ଆଘାତ ସମସ୍ୟା ଯୋଗୁଁ ଅଲଗା ଭାବେ ହାଲୁକା ୱାର୍ମଅପ୍ କରୁଛନ୍ତି। ଆଘାତ ଯୋଗୁଁ ମେସି ହୋଣ୍ଡୁରାସ୍ ଏବଂ ଆଇସଲ୍ୟାଣ୍ଡ ବିପକ୍ଷ ଆଗାମୀ ଦୁଇଟି ଅଭ୍ୟାସ ମ୍ୟାଚ୍‌ରେ ଖେଳିବା ଆଶା କମ୍ ରହିଛି। କୋଚ୍ ଲିଓନେଲ୍ ସ୍କାଲୋନିଙ୍କ ୨୬ ଜଣିଆ ଦଳରେ ୧୭ ଜଣ ଏଭଳି ଖେଳାଳି ଅଛନ୍ତି, ଯେଉଁମାନେ ୨୦୨୨ କାତାର ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିଲେ। ଆର୍ଜେଣ୍ଟିନା ଦଳ ବୁଏନସ୍



ଆଇରିସ୍‌ରୁ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନ ଯୋଗେ ଆମେରିକା ପହଞ୍ଚିଛି। ଏହି ବିମାନର ନମ୍ବର '୧୯୭୮' ରଖାଯାଇଥିଲା, ଯାହା ଆର୍ଜେଣ୍ଟିନାର ପ୍ରଥମ ବିଶ୍ୱକପ୍ ବିଜୟ ବର୍ଷକୁ ସୂଚାଉଛି। ବିମାନର ପଛ ଭାଗରେ ମେସିଙ୍କ ୧୦ ନମ୍ବର ଜର୍ସିର ରଙ୍ଗ ଦିଆଯାଇଛି।

## ବାଂଲାଦେଶ କୋଚ୍ ପଦ ଛାଡ଼ିଲେ ଟେଟ୍

ଜାମାଇକା, ୪।୬ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ଦ୍ରୁତ ବୋଲିଂ ବିଭାଗର କୋଚ୍ ଥିବା ସନ୍ ଟେଟ୍ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ପାରିବାରିକ କାରଣ ଦର୍ଶାଇ ୪୩ ବର୍ଷୀୟ



ଏହି ପୂର୍ବତନ ଅଷ୍ଟ୍ରେଲୀୟ ବୋଲର କୋଚ୍ ପଦ ଛାଡ଼ିଥିବା ନେଇ ବାଂଲାଦେଶ କ୍ରିକେଟ୍ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ବାଂଲାଦେଶ ଜାତୀୟ ଦଳ ସହିତ କାମ କରିବା ଏବଂ ଏକ ପ୍ରତିଭାଶାଳୀ ଖେଳାଳି ଗୋଷ୍ଠୀର ସହକାରୀ କୋଚ୍ ହେବା ମୋ ଲାଗି ସୌଭାଗ୍ୟର କଥା ବୋଲି ଟେଟ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ ୨୦୨୫ ମେ ମାସରେ ଟେଟ୍ ବାଂଲାଦେଶ ଦଳ ସହ ଯୋଡ଼ି ହୋଇଥିଲେ। ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଥିଲା। କିନ୍ତୁ ଏହାର ବର୍ଷକ ପୂର୍ବରୁ ଟେଟ୍ ନିଜଆଡ଼ୁ ପଦ ଛାଡ଼ି ଦେଇଛନ୍ତି।

■ ଇଣ୍ଡୋନେସିଆ ଓପନ୍

## ୟଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କ କ୍ରମାଗତ ୧୦ମ ପରାଜୟ

ଜାକର୍ତ୍ତା,୪।୬(ଏଜେନ୍ସି): ଦୁଇ ଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ଇଣ୍ଡୋନେସିଆ ଓପନ୍‌ରେ ଅଭିଯାନ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-



କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ସିନ୍ଧୁ ୧୭-୨୧, ୧୪-୨୧ ସିଧାସଳଖ ଗେମ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଆନ୍ ସେ ୟଙ୍ଗ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହାକୁ ମିଶାଇ ଆନ୍ ସେ ୟଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କର ଏହା ଲଗାତର ୧୦ମ ପରାଜୟ। ଗତ ସପ୍ତାହରେ ସିଙ୍ଗାପୁର ଓପନ୍ କ୍ୱାର୍ଟରଫାଇନାଲ୍‌ରେ ମଧ୍ୟ ସିନ୍ଧୁ ଏହି ଦକ୍ଷିଣ କୋରିଆ ଖେଳାଳିଙ୍କଠାରୁ ହାରି ବାଦ୍ ପଡ଼ିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସିନ୍ଧୁ କ୍ୟାରିୟରରେ ଥରେ ହେଲେ ମଧ୍ୟ ଆନ୍ ସେ ୟଙ୍ଗ୍‌ଙ୍କୁ ପରାସ୍ତ କରିବାରେ ସଫଳ ହୋଇନାହାନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ଭାରତର ଆୟୁଷ ସେଟ୍ଟୀ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

■ କୁସ୍ତି ମହାସଂଘକୁ 'ସୁପ୍ରିମ' ଝଟ୍‌କା

## ବିନେଶ ଫୋଗଟଙ୍କ ବିରୋଧୀ ଆବେଦନ ଖାରଜ

ନୂଆଦିଲ୍ଲୀ,୪।୬(ଏଜେନ୍ସି): ଭାରତୀୟ କୁସ୍ତି ମହାସଂଘ ଏବଂ କୁସ୍ତିଯୋଦ୍ଧା ବିନେଶ ଫୋଗଟଙ୍କ ମଧ୍ୟରେ ଚାଲିଥିବା ବିବାଦରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ



ନିଷ୍ପତ୍ତି ବିରୋଧରେ କୁସ୍ତି ମହାସଂଘ ଦାୟର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ବିନେଶଙ୍କୁ ଜାତୀୟ ଚୟନ ପ୍ରତିଯୋଗିତାରେ ଭାଗ ନେବାକୁ ଅନୁମତି ଦେଇଥିଲେ। ମାତୃତ୍ୱ କାରଣରୁ ମହିଳା ଆଥଲେଟ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଥିଲେ। ଏଥିସହ ଫୋଗଟଙ୍କ ବିରୋଧରେ କୁସ୍ତି ମହାସଂଘର କାର୍ଯ୍ୟାନୁଷ୍ଠାନକୁ କୋର୍ଟ କଡ଼ା ସମାଲୋଚନା କରିଥିଲେ। ଏବେ ସୁପ୍ରିମକୋର୍ଟ ଏହି ମାମଲାରେ ପରବର୍ତ୍ତୀ ଘଟଣାବଳୀକୁ ଦୃଷ୍ଟିରେ ରଖି ମହାସଂଘର ଆବେଦନର କୌଣସି ଆବଶ୍ୟକତା ନାହିଁ ବୋଲି କହି ଏହାକୁ ଖାରଜ କରିଛନ୍ତି। ଯାହା ବିନେଶଙ୍କ ପାଇଁ ଏକ ବଡ଼ ଆଇନଗତ ବିଜୟ ସଦୃଶ ହୋଇଛି।

ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍

## ଆହତ ସମସ୍ୟା ଲାଗି ବାଦ୍ ପଡ଼ିଲେ କୋହଲି

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଆଫଗାନିସ୍ତାନ ବିପକ୍ଷ ଆଗାମୀ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ସଦ୍ୟ ସମାପ୍ତ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ କ୍ରମାଗତ ଦ୍ୱିତୀୟଥର ଚାମ୍ପିଅନ୍ କରାଇବାରେ କୋହଲି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଗୁଜରାଟ ଟାଇଟାନ୍ସ ବିପକ୍ଷ ଫାଇନାଲ ମ୍ୟାଚ୍ ସମୟରେ କୋହଲିଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସୂଚନା ଅନୁଯାୟୀ, ଏହି ଆଘାତ ଯୋଗୁଁ ସେ ଆଫଗାନିସ୍ତାନ ସହ ଦିନିକିଆ ସିରିଜ୍ ଖେଳିପାରିବେ ନାହିଁ। ବିରାଟଙ୍କ ଅନୁପସ୍ଥିତିରେ ଚେନ୍ନଇ ସୁପର କିଙ୍ଗସ (ସିଏସ୍‌କେ)ର ଅଧିନାୟକ ଋତୁରାଜ ଗାଇକୱାଡ଼ଙ୍କୁ ଦଳରେ



ସାମିଲ କରାଯିବାର ସମ୍ଭାବନା ରହିଛି। ଅପରପକ୍ଷରେ, ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଖେଳିବା ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଛି, କାରଣ ସେ ଏପର୍ଯ୍ୟନ୍ତ ନିଜର ଶାରୀରିକ ଯୋଗ୍ୟତା ପରୀକ୍ଷା ପାଇଁ ରିପୋର୍ଟ କରିନାହାନ୍ତି। ଯଦି ରୋହିତ ବାଦ୍ ପଡ଼ନ୍ତି, ତେବେ ଦଳରେ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ମିଳିବ। ଗତ ବର୍ଷ ଦିନିକିଆ କ୍ରିକେଟରେ ୪ଟି ଶତକ ସହ ୬୫୧ ରନ୍ ସଂଗ୍ରହ କରି ଶୀର୍ଷ ମାନ୍ୟତା ହାସଲ କରିଥିବା ବିରାଟଙ୍କ ଭଳି ଜଣେ ଅଭିଜ୍ଞ ଖେଳାଳି ବାଦ୍ ପଡ଼ିବା ଦ୍ୱାରା ଏହି ସିରିଜର ଆକର୍ଷଣ କମିଯିବ ବୋଲି ଆଶଙ୍କା କରାଯାଉଛି।

## ବିସିସିଆଇର ସ୍ୱତନ୍ତ୍ର ଅବସର ନୀତି

ଆପେକ୍ସ କାଉନସିଲ୍ ନେବ ନିଷ୍ପତ୍ତି

ନୂଆଦିଲ୍ଲୀ,୪।୬(ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଜର ଖେଳାଳିମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅବସର ନୀତି ପ୍ରସ୍ତୁତ କରିବାକୁ ଯାଉଛି। ବହୁ ଭାରତୀୟ ଖେଳାଳି ବିଦେଶୀ ଲିଗ୍‌ଗୁଡ଼ିକରେ ଖେଳିବା ପାଇଁ ଭାରତୀୟ କ୍ରିକେଟରୁ ଶୀଘ୍ର ଅବସର ନେଉଥିବାରୁ ଏହି ପ୍ରସଙ୍ଗ ସାମ୍ନାକୁ ଆସିଛି। ନିକଟରେ ବିଜୟ ଶଙ୍କର ଭାରତୀୟ କ୍ରିକେଟରୁ ଅବସର ନେଇ ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ର କାଣ୍ଡି ରୟାଲ୍ସ ଦଳରେ ସାମିଲ ହେବା ଏହାର ସଦ୍ୟତମ ଉଦାହରଣ। ପୂର୍ବରୁ ଦିନେଶ କାର୍ତ୍ତିକ, ଯୁବରାଜ ସିଂହ ଏବଂ ଇର୍ଫାନ ପଠାନଙ୍କ ଭଳି ଖେଳାଳିମାନେ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ କୌଣସି ସକ୍ରିୟ ଭାରତୀୟ ଖେଳାଳି ବିଦେଶୀ ଲିଗ୍‌ରେ ଖେଳିପାରିବେ ନାହିଁ। ତେଣୁ ଏହି ନୀତିରେ କିପରି ପରିବର୍ତ୍ତନ କରାଯିବ ସେ ନେଇ ଆପେକ୍ସ କାଉନସିଲ୍ ବୈଠକରେ ହିଁ ଆଲୋଚନା ହେବ।

## ନିଶାଙ୍କ-ମେଣ୍ଡିସ ଶ୍ରୀଲଙ୍କାକୁ ଜିତାଇଲେ

ପ୍ରଥମ ଦିନିକିଆ

ଜାମାଇକା, ୪।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ସାବିନା ପାର୍କରେ ଅନୁଷ୍ଠିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କା ୪୧ ରନରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଓପନର୍ ପାଥୁମ ନିଶାଙ୍କ (୭୯ ରନ) ଓ ଅଧିନାୟକ କୁଶଳ ମେଣ୍ଡିସ (୭୨ ରନ)ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୩୦୩ ରନ କରିଥିଲା। ୱେଷ୍ଟଇଣ୍ଡିଜର ଜେଡେନ ସେଲ୍ସ, ରୋଷ୍ଟନ ଚେଜ୍ ଓ ମାଥ୍ୟୁ ଫୋର୍ଡ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଇଣ୍ଡିଜ ଦଳ ୪୯.୨ ଓଭରରେ ୨୬୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ସାଇ ହୋପ ୫୬, ଜଷ୍ଟିନ ଗ୍ରେଭ୍‌ସ ୪୫, ଚେଜ୍ ୩୩ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସଫଳ ବୋଲର ଭାବେ ଶ୍ରୀଲଙ୍କାର ଦୁଷ୍ମନ୍ତ ଚାମିରାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଏହି ବିଜୟ ସହ ନୂଆ କୋଚ୍ ଗାରୀ କିର୍ଷ୍ଟେନ ଓ ଅଧିନାୟକ ମେଣ୍ଡିସଙ୍କ ନେତୃତ୍ୱରେ ଶ୍ରୀଲଙ୍କାର ନୂତନ ଯୁଗ ଆରମ୍ଭ ହୋଇଥିବା କୁହାଯାଉଛି। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପରବର୍ତ୍ତୀ ମୁକାବିଲା ଜୁନ ୬ରେ ଏଠାରେ ଖେଳାଯିବ।

## ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ

ଲର୍ଡ୍ସ ଟେଷ୍ଟ

ଲଣ୍ଡନ, ୪।୬ (ଏଜେନ୍ସି): ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗୁରୁବାରଠାରୁ ଘରୋଇ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ଚା'ପାନ ବିରତିବେଳକୁ ଇଂଲଣ୍ଡ ୩୩.୧ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୧୮ ରନ ସଂଗ୍ରହ କରିଛି। ଏହି ସମୟରେ ଓଲି ରବିନସନ ୧ ଓ ଜୋଶ୍ ଟଙ୍ଗ ୪ ରନ କରି ଖେଳୁଛନ୍ତି। କେବଳ ହ୍ୟାରୀ ବ୍ରୁକଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲିଶ ବ୍ୟାଟର ନ୍ୟୁଜିଲାଣ୍ଡ ବୋଲରଙ୍କୁ ସାମ୍ନା କରିବାରେ ସଫଳ ହୋଇ ନ ଥିଲେ। ବ୍ରୁକ ସର୍ବାଧିକ ୫୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେନ ଡକେଟ ୧୯, ଅଧିନାୟକ ବେନ୍ ଷ୍ଟୋକ୍ସ ୧୨ ରନ କରିଥିବାବେଳେ ଇମିଲିଓ ଗେ (୫), ଜାକବ ବେଥେଲ (୬), ଜୋ ରୁଟ୍ (୧), ଜେମି ସ୍ମିଥ (୧), ଗସ୍ ଆଟକିନସନ (୪) ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ କାଏଲ ଜେମିସନ ସଫଳ ବୋଲର ଭାବେ ୪ଟି ୱିକେଟ୍ ନେଇଥିଲେ।

### ୧୦୦ ଟେଷ୍ଟ ପରିଚାଳନା କଲେ ଟକର

ଅଷ୍ଟ୍ରେଲିଆ ଅମ୍ପାୟାର ରୋଡ ଟକର ଏହି ମ୍ୟାଚ୍ ସହ ଟେଷ୍ଟରେ ୧୦୦ତମ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୧୦୦ ଟେଷ୍ଟ ପରିଚାଳନା କରିବାରେ ଟକର ବିଶ୍ୱର ୪ର୍ଥ ଅମ୍ପାୟାର ହୋଇଛନ୍ତି। ତାଙ୍କ ପୂର୍ବରୁ ଅଲିମ ଦାର (୧୪୫), ଷ୍ଟିଭ ବକନର (୧୨୮) ଓ ରୁଡି କର୍ଜନ (୧୦୮) ଏହି ମାଇଲଖୁଣ୍ଟ ହାସଲ କରିଥିଲେ।

ସିଏମ୍ ଟ୍ରଫି ଆନ୍ତଃଜିଲ୍ଲା ଭଲିବଲ୍ ଚାମ୍ପିଅନସିପ୍

## କିଟ୍‌ରେ ଜୋନାଲ୍ ପର୍ଯ୍ୟାୟ ଆରମ୍ଭ

ଭୁବନେଶ୍ୱର, ୪।୬ (ସମିସ): ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀ (ସିଏମ୍) ଟ୍ରଫି ୧୪ ବର୍ଷରୁ କମ୍ ଭଲିବଲ୍ ଚାମ୍ପିଅନସିପ୍‌ର ଜୋନାଲ ପର୍ଯ୍ୟାୟ ଗୁରୁବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଓଡ଼ିଶା ଭଲିବଲ୍ ସଂଘ (ଓଭା) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୪ଟି ଜୋନ୍ ଭୁବନେଶ୍ୱର, ସମ୍ବଲପୁର, ବୌଦ୍ଧ ଓ ଭଦ୍ରକରେ ଖେଳାଯିବ। ସେଥିମଧ୍ୟରୁ ଭୁବନେଶ୍ୱର ଓ ସମ୍ବଲପୁର ଜୋନ ଖେଳ ଗୁରୁବାରଠାରୁ ଆରମ୍ଭ ହୋଇଛି। ସେହିଭଳି ଶୁକ୍ରବାରଠାରୁ ବୌଦ୍ଧ ଏବଂ ଶନିବାରଠାରୁ ଭଦ୍ରକ ଜୋନର ଖେଳ ଆରମ୍ଭ




ହେବ। ଭୁବନେଶ୍ୱର ଜୋନ୍‌ର ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ଓଏସଡି ସୋନାଲି ଚାନ୍ଦ, ଯୁଗ୍ମ ସଚିବ ଗୀତା ଦାସ, କିଟ୍ ଓ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦା. ଓଭା'ର କୋଷାଧକ୍ଷ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱର ଜୋନ୍‌ରେ ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, ଢେଙ୍କାନାଳ ଓ କଟକ ଦଳ ଅଂଶଗ୍ରହଣ କରିଛନ୍ତି।

ଫ୍ରେଞ୍ଚ ଓପନ

# ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ମାରିଆ



ପ୍ୟାରିସ, ୪।୬ (ଏଜେନ୍ସି): ରୁଷିଆର ଯୁବ ଖେଳାଳି ମାରିଆ ଆନ୍ଦ୍ରିଭା ଏଠାରେ ଚାଲିଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ମାରିଆ ୬-୧, ୬-୩ ସିଧାସଳଖ ସେଟରେ ୟୁକ୍ରେନ ଲଳନା ମାର୍ତା କୋସ୍ଟ୍ୟୁକଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ମାରିଆଙ୍କୁ ମାତ୍ର ଏକ ଘଣ୍ଟା ୧୬ ମିନିଟ୍ ସମୟ ଲାଗିଥିଲା। ୧୯ ବର୍ଷୀୟା ମାରିଆଙ୍କ କ୍ୟାରିୟରର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ। ବିଜୟ ସହ ମାରିଆ ଫ୍ରେଞ୍ଚ ଓପନ୍ ଫାଇନାଲ ଖେଳିବାରେ ଚତୁର୍ଥ ସର୍ବକନିଷ୍ଠା ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଗତ ୩୦ ବର୍ଷ ମଧ୍ୟରେ ମାର୍ଟିନା ହିଙ୍ଗିସ, କିମ୍ କ୍ଲିଜଷ୍ଟର ଓ କୋକୋ ଗଫ୍ ସର୍ବକନିଷ୍ଠା ଖେଳାଳି ଭାବେ ଏଠାରେ ଫାଇନାଲ ଖେଳିଥିଲେ। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ଆନ୍ଦ୍ରିଭାଙ୍କ ମୁକାବିଲା ଡାଏନା ସ୍ନାଇଡର କିମ୍ବା ପୋଲାଣ୍ଡର ମାଜା ଚୱାଲିସ୍କଙ୍କ ସହ ହେବ। ଡାଏନା ଓ ମାଜାଙ୍କ ମଧ୍ୟରେ ମହିଳା ସିଙ୍ଗଲ୍ସର ଦ୍ୱିତୀୟ ସେମିଫାଇନାଲ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଟାଇଟଲ୍ ବଜାୟ ରଖିଲେ ସାରା-ଆନ୍ଦ୍ରିକା ଯୋଡ଼ି

ଇଟାଲୀର ତାରକା ଟେନିସ୍ ଯୋଡ଼ି ସାରା ଇରାନୀ ଏବଂ ଆନ୍ଦ୍ରିଆ ଭାଭାସୋରି ଚଳିତ ଫ୍ରେଞ୍ଚ ଓପନରେ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଗୁରୁବାର ଚମତ୍କାର ପ୍ରଦର୍ଶନ ଜାରି ରଖି ଏହି ଯୋଡ଼ି ଫ୍ରେଞ୍ଚ ଓପନ ଟାଇଟଲ୍‌କୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଫାଇନାଲ୍ ମ୍ୟାଚ୍‌ରେ ଟପ୍ ସିଡ୍ ସାରା ଓ ଆନ୍ଦ୍ରିଭା ଯୋଡ଼ି ୪-୬, ୬-୩, ୧୦-୪ ସେଟ୍‌ରେ ଆମେରିକା-କାନାଡା ଯୋଡ଼ି ଇଭାନ୍ କିଙ୍ଗ୍ ଓ ଗାବ୍ରିଏଲା ଡାବ୍‌ରୋସ୍କିଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ପରାଜୟ ସତ୍ତ୍ୱେ ଇରାନୀ ଓ ଭାଭାସୋରି ଦ୍ୱିତୀୟ ସେଟ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। କ୍ରୋଏସିଆର ଇଭାନ୍ ଡୋଡିଗ୍ ଏବଂ ତାଇୱାନର ଲତିଶା ଚାନ ଯୋଡ଼ି (୨୦୧୮ ଏବଂ ୨୦୧୯ )ଙ୍କ ପରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସ ଟାଇଟଲ୍‌କୁ ବଜାୟ ରଖିବାରେ ସାରା ଓ ଆନ୍ଦ୍ରିଭା ବିଶ୍ୱର ପ୍ରଥମ ଯୋଡ଼ି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ବିଜୟ ସହ ଏହି ଯୋଡ଼ି ବିଗତ ୭ଟି ଗ୍ରାଣ୍ଡସ୍ଲାମ୍ ମଧ୍ୟରୁ ୪ଟିରେ ମିଶ୍ରିତ ଯୁଗଳ ଟ୍ରଫି ଜିତି ସାରିଲେଣି। ଏଥିରେ ୨୦୨୪ ଏବଂ ୨୦୨୫ ମସିହାରେ କ୍ରମାଗତ ଦୁଇଟି ୟୁଏସ୍ ଓପନ୍ ଟାଇଟଲ୍ ମଧ୍ୟ ସାମିଲ ରହିଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS